CMYK

* Vol.- 46, Issue No. 141
* Friday, 21 August 2026
* ଶୁକ୍ରବାର, ୨୧ ଅଗଷ୍ଟ ୨୦୨୬
* Bhubaneswar
* Price: Rs. 3.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ଗାଁ ଭୋଟ୍ ପାଇଁ ଅଣ୍ଟା ଭିଡ଼ିଲେ ସରକାର

# ପ୍ରତି ପଞ୍ଚାୟତକୁ ୩ କୋଟି

ଭୁବନେଶ୍ୱର,୨୦।୮: ଗାଁରେ ମିଳିବ ସହରର ସବୁ ସୁବିଧା । ପ୍ରତି ଗାଁରେ ନିର୍ମାଣ ହେବ ଆଦର୍ଶ କଲ୍ୟାଣ ମଣ୍ଡପ, ଆଦର୍ଶ ଖେଳ ପଡ଼ିଆ ଆଉ ଆଦର୍ଶ ପାଠାଗାର ।

### ପଞ୍ଚାୟତରେ ହେବ ଆଦର୍ଶ ଖେଳ ପଡିଆ, ଆଦର୍ଶ କଲ୍ୟାଣ ମଣ୍ଡପ

ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାରଙ୍କ ବଡ଼ ଯୋଜନା ପ୍ରସ୍ତୁତ କରାଯାଇଛି । ପଞ୍ଚାୟତରେ ଖର୍ଚ୍ଚ ହେବ ଦେଢ କୋଟିରୁ ତିନି କୋଟି ଟଙ୍କା । ଗାଁରେ ମିଳିବ ସହରୀ ସୁବିଧା । ଏଥିପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତି କରିଛି ପଞ୍ଚାୟତରାଜ ବିଭାଗ ବୋଲି ସୂଚନା ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ରବି ନାୟକ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଗ୍ରାମ ସଂପଦ କାର୍ଯ୍ୟକ୍ରମ ଜରିଆରେ ଗାଁର ବିକାଶ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର । ପଞ୍ଚାୟତରେ ମିଳିବ ସହରୀ ସୁବିଧା । ଏନେଇ ଏକ ଏସ୍‌ଓପି ପ୍ରସ୍ତୁତ ହୋଇଛି । ପଞ୍ଚାୟତରେ ଆଦର୍ଶ ଖେଳ ପଡିଆ, ଆଦର୍ଶ କଲ୍ୟାଣ ମଣ୍ଡପ, ଆଦର୍ଶ ଗ୍ରାମୀଣ ହାଟ, ଆଦର୍ଶ ପୋଖରୀ, ଆଦର୍ଶ ମଣ୍ଡପ, ସ୍ମଶାନ, ଆଦର୍ଶ ହାଟ, ଗ୍ରାମୀଣ ପାର୍କ ଭଳି କାମ ହାତକୁ ନେବ ବିଭାଗ । ଗ୍ରାମସଭା ଆଧାରରେ ହେବ କାମ । ତେବେ ଆଦର୍ଶ ଖେଳ ପଡିଆ ପାଇଁ ୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ ସରକାର । ଗାଁରେ ରହୁଥିବା ଲୋକଙ୍କ ଆସ୍ଥା, ଯୁବକର ଏସେଟ ପାଇଁ ଜିମ ବି ଅନ୍ତର୍ଭୁକ୍ତ ହେବ । ଆଦର୍ଶ କଲ୍ୟାଣ ମଣ୍ଡପ ପାଇଁ ୪୯ ଲକ୍ଷ ଟଙ୍କା ଦେବେ ସରକାର । ୭୦X୩୨ ଫୁଟରେ ଦୁଇ ଗ୍ରୀନ ରୁମ ସହ ଏକ ପେଣ୍ଡାଲ ତିଆରି ହେବ । ଯେଉଁଥିରେ ନାଚ, ଗୀତ, ଡ୍ରାମାର ସୁବିଧା ରହିବ । ଭୋଜିଭାତ ସହ ପଞ୍ଚାୟତ ତରଫରୁ ପାଣି ଯୋଗାଇ ଦିଆଯିବ । ଆଦର୍ଶ ପୋଖରୀ ପାଇଁ ୩୪ ଲକ୍ଷ ପଥର ବନ୍ଧେଇ ସହ ଚାରିପଟେ ଫେବର ବ୍ଲକ ପଡ଼ିବ । ଜିମର ସାମଗ୍ରୀ ରହିବ, ଶ୍ମଶାନ ପାଇଁ ୨୨ ଲକ୍ଷ ଦେବେ ସରକାର ରହିବ ପାଚେରୀ । ସେହିପରି ଆଦର୍ଶ ଗ୍ରାମୀଣ ପାର୍କ ପାଇଁ ୨୦ ଲକ୍ଷ, ରହିବ ଜିମ, ବସିବା ପାଇଁ ସ୍ଥାନ ମଧ୍ୟ ରହିବ । ଆଦର୍ଶ ହାଟ ପାନୀୟ ଜଳ ସହ ପ୍ରବେଶ ପାଇଁ ଗେଟ ଓ ଲାଗିବ ସେଟ । ବୃକ୍ଷରୋପଣ କାର୍ଯ୍ୟକ୍ରମ ପ୍ରତି ଜିପି ରେ ଲାଗିବ ୭୦୦ ଗଛ । ଆଦର୍ଶ ପାଠାଗାର ପାଇଁ ୧୦ ଲକ୍ଷ ଟଙ୍କାର ବ୍ୟବବରାଦ ରଖାଯାଇଛି । ପ୍ରତି ବର୍ଷ ଗୋଟିଏ ଗାଁରେ ଗୋଟେ କଲ୍ୟାଣ ମଣ୍ଡପ କରିବେ ସରକାର ।



## ଜେଲ୍ କର୍ମଚାରୀଙ୍କ ପୋଷାକ ଭତ୍ତା ୨ ଗୁଣ ବୃଦ୍ଧି

### ଉପକୃତ ହେବେ ୨୫୦୦ କର୍ମଚାରୀ ଓ ଅଧିକାରୀ



ଭୁବନେଶ୍ୱର,୨୦।୮: ରାଜ୍ୟ ସରକାର ଜେଲ୍ ସଂଗଠନର ଅଧିକାରୀ ଓ କର୍ମଚାରୀମାନଙ୍କର ଭତ୍ତା ବୃଦ୍ଧି କରିଛନ୍ତି । ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଅନୁଯାୟୀ ଜେଲ୍ କର୍ମଚାରୀ ଓ ଅଧିକାରୀମାନଙ୍କ ବାର୍ଷିକ ପୋଷାକ ଭତ୍ତା ୨ ଗୁଣ ବୃଦ୍ଧି କରାଯାଇଛି । ଏହି ନିଷ୍ପତ୍ତି ଅନୁଯାୟୀ ଡିଆଇଜିଙ୍କ ଠାରୁ ଆରମ୍ଭ କରି ଆସିଷ୍ଟାଣ୍ଟ ମାଟ୍ରନଙ୍କ ପର୍ଯ୍ୟନ୍ତ ୩୭୮ ଜଣ ଅଧିକାରୀଙ୍କ ପୋଷାକ ଭତ୍ତା ୩୦୦୦ ଟଙ୍କାରୁ ୬୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ୨,୧୨୨ ଜଣ ଚିଫ୍ ୱାର୍ଡ, ୱାର୍ଡର୍ ଓ ମହିଳା ୱାର୍ଡରଙ୍କ ବାର୍ଷିକ ପୋଷାକ ଭତ୍ତାକୁ ୪୦୦୦ ଟଙ୍କାରୁ ୮୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହାଦ୍ୱାରା ସମୁଦାୟ ୨୫୦୦ ଜଣ ଜେଲ୍ କର୍ମଚାରୀ ଓ ଅଧିକାରୀ ଉପକୃତ ହେବେ । ଚଳିତ ଆର୍ଥିକ ବର୍ଷରୁ ଏହି ନୂତନ ପୋଷାକ ଭତ୍ତା ଲାଗୁ ହେବ ।

## ହାଇୱା ଚାପାରେ ୩ ମୃତ



ସୁନ୍ଦରଗଡ଼,୨୦।୮: ସୁନ୍ଦରଗଡ଼ ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେ ଭଷ୍ମା ଥାନା ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରେ ଘଟିଛି ଛାତିଥରା ଦୁର୍ଘଟଣା । କୋଇଲା ବୋଝେଇ ଟ୍ରେଲର ଧକ୍କାରେ ଏକ ଶିଶୁ ସହ ୨ ମହିଳାଙ୍କ ମୃତ୍ୟୁ ଘଟିଛି । ଘଟଣା ପରେ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି । ମୃତକମାନେ ହେଲେ ସଦରଥାନା ଗଇଯୋର ଗାଁର । ଦୁର୍ଘଟଣା ପରେ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇ ଯାଇଛି । ମିଳିଥିବା ସୂଚନା ଅନୁସାରେ, ଗୁରୁବାର ସନ୍ଧ୍ୟାରେ ୨ ଜଣ ମହିଳା ଜଣେ ଶିଶୁକୁ ଧରି ସ୍କୁଟିରେ ଭଷ୍ମା ଥାନାକୁ କୌଣସି କାମରେ ଆସି ଫେରୁଥିଲେ । ପେଟ୍ରୋଲ ପମ୍ପରୁ ବାହାରୁ ଥିବା ଏକ କୋଇଲା ବୋଝେଇ ଟ୍ରେଲର ସ୍କୁଟି ସହ ୩ ଜଣଙ୍କୁ ଚାପି ଦେଇଥିଲା । ଘଟଣାସ୍ଥଳରେ ହିଁ ୩ ଜଣଙ୍କ ମୃତ୍ୟୁ ହୋଇଗଲା ।

## ଓଡ଼ିଶାରେ ବଢ଼ିଲା ଶହେ ଏମ୍‌ବିବିଏସ୍ ସିଟ୍

### ଭିମ୍‌ସାର ଓ ଡ୍ରିମ୍‌ସର ୫୦ ଲେଖାଏଁ ସିଟ୍ ବୃଦ୍ଧି

ଭୁବନେଶ୍ୱର,୨୦।୮: ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ରାଜ୍ୟର ଦୁଇଟି ମେଡ଼ିକାଲ କଲେଜରେ ୫୦ ଲେଖାଏ ଏମ୍‌ବିବିଏସ୍ ସିଟ୍ ବୃଦ୍ଧି ହୋଇଛି । ସରକାରୀ ମେଡିକାଲ କଲେଜ ଭାବେ ବୁର୍ଲା ଭିମ୍‌ସାରେ ୫୦ଟି ଓ ଘରୋଇ ମେଡିକାଲ କଲେଜ ଡ୍ରିମ୍‌ସରେ ୫୦ଟି ସିଟ୍ ବଢ଼ିଛି । ଏହି ବର୍ଦ୍ଧିତ ସିଟ୍ ଦ୍ୱାରା ଓଡ଼ିଶାର ୧୪ଟି ସରକାରୀ ମେଡିକାଲ କଲେଜର ୧୮୫୦ ଏମ୍‌ବିବିଏସ୍ ସିଟ୍‌ରେ ନାମଲେଖା ହେବ । ସେଥିମଧ୍ୟରୁ ୧୫% ସିଟ୍ ସର୍ବଭାରତୀୟ କୋଟାରେ ନାମଲେଖା ହେବାକୁ ଥିବା ବେଳେ ବାକି ୮୫% ସିଟ୍ ଅର୍ଥାତ୍ ୧୫୭୨ ସିଟ୍‌ରେ ଓଡ଼ିଶାର ଛାତ୍ରଛାତ୍ରୀଙ୍କ ନାମଲେଖା ହେବ । ଅନୁରୂପ ଭାବେ ପୂର୍ବ ବର୍ଷ ତୁଳନାରେ ଘରୋଇ ମେଡିକାଲ କଲେଜରେ ୫୦ଟି ସିଟ୍ ବୃଦ୍ଧି ପାଇ ୪୦୦ରେ ପହଞ୍ଚିଛି । ମୋଟ ଉପରେ ଦେଖିଲେ ଚଳିତ ଶିକ୍ଷା ବର୍ଷରେ ରାଜ୍ୟର ୧୭ଟି ମେଡିକାଲ କଲେଜର ୨୨୫୦ ଏମ୍‌ବିବିଏସ୍ ସିଟ୍‌ରେ ନାମଲେଖା ହେବାକୁ ଯାଉଛି । ସର୍ବଭାରତୀୟ କୋଟା ସିଟ୍ ବ୍ୟତୀତ ଅନ୍ୟାନ୍ୟ ଏମ୍‌ବିବିଏସ୍ ସିଟ୍ ପାଇଁ ଓଜେଇଇ କାଉନସେଲିଂ କରୁଛି । ଓଜେଇଇ ପକ୍ଷରୁ ଘରୋଇ ଓ ସରକାରୀ ମେଡିକାଲ କଲେଜ ମିଶାଇ ଏଥରକ ୧୯୭୨ ଏମ୍‌ବିବିଏସ୍ ସିଟ୍ ପାଇଁ କାଉନସେଲିଂ ହେବ । କଟକସ୍ଥିତ ଏସ୍‌ସିବି ଓ ବ୍ରହ୍ମପୁରସ୍ଥିତ ଏମ୍‌କେସିଜିର ୨୧୨ଟି ଲେଖାଏ ସିଟ୍ ଲାଗି ଓଜେଇଇ କାଉନସେଲିଂ କରୁଥିବା ବେଳେ ବୁର୍ଲା ଭିମ୍‌ସାର ୨୧୩, କୋରାପୁଟ ଓ ବାରିପଦା ମେଡିକାଲ କଲେଜର ୧୦୬ ଲେଖାଏ, ବଲାଙ୍ଗୀର, ବାଲେଶ୍ୱର, ତାଳଚେର, ଫୁଲବାଣୀ, ପୁରୀ, ସୁନ୍ଦରଗଡ଼, ଭବାନୀପାଟଣା ଓ କେନ୍ଦୁଝରର ମେଡିକାଲ କଲେଜର ୮୫ଟି ଲେଖାଏ ସିଟ୍ ପାଇଁ ଓଜେଇଇ କାଉନ୍‌ସେଲିଂ କରୁଛି । ଯାଜପୁର ମେଡିକାଲ କଲେଜର ଆଉ ୫୦ଟି ସିଟ୍ ବୃଦ୍ଧି କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାତୀୟ ମେଡିକାଲ କମିସନଙ୍କ ନିକଟରେ ଆବେଦନ କରାଯାଇଥିଲେ ମଧ୍ୟ ତାହାକୁ ଅନୁମତି ଦିଆଯାଇ ନାହିଁ । ତେଣୁ ପୂର୍ବବର୍ଷ ଭଳି ଏଥର ମଧ୍ୟ ଯାଜପୁର ମେଡିକାଲ କଲେଜର ୫୦ ସିଟ୍‌ରେ ନାମଲେଖା ହେବ । ସେଥିରୁ ୪୩ଟି ସିଟ୍ ପାଇଁ ଓଜେଇଇ କାଉନସେଲିଂ କରିବ । ଏହାବ୍ୟତୀତ ହାଇଟେକ୍ ଭୁବନେଶ୍ୱର ଓ କଟକସ୍ଥିତ ଡ୍ରିମ୍‌ସର ୧୫୦ ଲେଖାଏ ଏବଂ ରାଉରକେଲା ହାଇଟେକ୍ ମେଡିକାଲ କଲେଜର ୧୦୦ ସିଟ୍ ପାଇଁ ଓଜେଇଇ କାଉନସେଲିଂ ଦ୍ୱାରା ପୂରଣ ହେବ । ସେହିପରି କଟକ ଏସ୍‌ସିବିର ୫୪ ଓ ହାଇଟେକ୍ ଭୁବନେଶ୍ୱରର ଶହେ ବିଡିଏସ୍ ସିଟ୍ ଲାଗି ମଧ୍ୟ ଓଜେଇଇ ମାଧ୍ୟମରେ ନାମଲେଖା ହେଉଛି ।



## ୫ଲକ୍ଷ ଟଙ୍କା ସହ ଭିଜିଲାନ୍ସ ହାବୁଡ଼ରେ ତହସିଲଦାର

ସୁନ୍ଦରଗଡ଼,୨୦।୮: ଭିଜିଲାନ୍ସ ଟିମ୍ ୫ ଲକ୍ଷ ଟଙ୍କା ନଗଦ ଜବତ କରିଛି । ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ତହସିଲଦାର ତଥା ସବ୍‌ରେଜିଷ୍ଟ୍ରାର ମୁରଲୀଧର ଉର୍ମାଲଙ୍କୁ ରାଜାବସା ଛକ ନିକଟରେ କାବୁ କରିଛି । ମୁରଲୀଧର ଉର୍ମାଲ ଲାଠିକଟା କାର୍ଯ୍ୟାଳୟରୁ ଭଡ଼ା ଅଫିସ୍ ଗାଡ଼ି ସ୍କର୍ପିଓରେ ରାଉରକେଲାସ୍ଥିତ ନିଜ ବାସଭବନକୁ ଯାଉଥିଲେ । ରାଜାବସା ଛକ ନିକଟରେ ତାଙ୍କୁ ଅଟକାଯାଇଥିଲା । ଗାଡ଼ି ଯାଞ୍ଚ ବେଳେ ତାଙ୍କ ନିକଟରୁ ୫ ଲକ୍ଷ ଟଙ୍କା ନଗଦ ମିଳିଥିଲା । ଉକ୍ତ ଟଙ୍କାର ଉତ୍ସ ସମ୍ପର୍କରେ ଉର୍ମାଲ ସନ୍ତୋଷଜନକ ଭାବେ ଉତ୍ତର ଦେଇପାରିନଥିଲେ । ଭିଜିଲାନ୍ସ ପକ୍ଷରୁ ସମ୍ପୂର୍ଣ୍ଣ ୫ ଲକ୍ଷ ଟଙ୍କା ଜବତ କରାଯାଇଛି । ଏଥିସହ ସେ ଯାତ୍ରା କରୁଥିବା ସ୍କର୍ପିଓ ଗାଡ଼ିକୁ ମଧ୍ୟ ଜବତ କରାଯାଇଛି । ଏହାପରେ ମୁରଲୀଧର ଉର୍ମାଲଙ୍କ ସହ ସମ୍ପର୍କିତ ୩ଟି ସ୍ଥାନରେ ଏକକାଳୀନ ତଲାସି ଆରମ୍ଭ କରିଛି ଓଡ଼ିଶା ଭିଜିଲାନ୍ସ । ଆୟ ବହିର୍ଭୂତ ସମ୍ପତ୍ତି ଦିଗରୁ ଏହି ତଲାସି ଚାଲିଥିବା ବେଳେ ଅଧିକ ତଥ୍ୟ ଓ ସମ୍ପତ୍ତିର ହିସାବ ମିଳିବାର ସମ୍ଭାବନା ରହିଛି ।

## ମିର୍ଜା ଫକରୁଲ ଇସଲାମ୍ ଆଲମଗୀର ବାଂଲାଦେଶର ନୂଆ ରାଷ୍ଟ୍ରପତି

ଢ଼ାକା,୨୦।୮: ବାଂଲାଦେଶର ରାଜନୀତିରେ ବଡ଼ ପରିବର୍ତ୍ତନ ଘଟିଛି । ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ବରିଷ୍ଠ ନେତା ମିର୍ଜା ଫକରୁଲ୍ ଇସଲାମ୍ ଆଲମଗୀର ଦେଶର ୨୩ତମ ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଛନ୍ତି । ସଂସଦରେ ଅନୁଷ୍ଠିତ ନିର୍ବାଚନରେ ମିର୍ଜା ଫକରୁଲ୍ ୨୫୫ଟି ଭୋଟ୍ ପାଇ ବିଜୟୀ ହୋଇଛନ୍ତି । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ୧୧-ଦଳୀୟ ମେଣ୍ଟର ପ୍ରାର୍ଥୀ ଓଲି ଅହମ୍ମଦ ୩୫ଟି ଭୋଟ୍ ପାଇଛନ୍ତି । ରାଷ୍ଟ୍ରପତି ପ୍ରାର୍ଥୀ ଭାବରେ ମନୋନୀତ ହେବା ପରେ, ମିର୍ଜା ଫକରୁଲ୍ ବିଏନ୍‌ପିର ସାଧାରଣ ସମ୍ପାଦକ ଏବଂ ନ୍ୟାସନାଲ ଷ୍ଟାଣ୍ଡିଂ କମିଟିର ସଦସ୍ୟ ପଦବୀରୁ ଇସ୍ତଫା ଦେଇଥିଲେ । ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ୍ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ନିଜ ପଦବୀରୁ ଇସ୍ତଫା ଦେବା ପରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ତାଙ୍କ ଇସ୍ତଫା ପରେ ବାଚସ୍ପତି ଅନ୍ତରୀଣ ରାଷ୍ଟ୍ରପତି ଭାବରେ ଦାୟିତ୍ୱ ତୁଲାଉଥିଲେ । ୧୯୪୮ ମସିହାରେ ଠାକୁର ଗାଓଁରେ ଜନ୍ମଗ୍ରହଣ କରିଥିବା ଫକରୁଲ୍ ଶିକ୍ଷକତା ଏବଂ ସରକାରୀ ସେବାରୁ ନିଜର କ୍ୟାରିୟର୍ ଆରମ୍ଭ କରିଥିଲେ । ୧୯୯୦ ଦଶକରେ ବିଏନପିରେ ଯୋଗ ଦେବା ପରେ ସେ ୨୦୧୧ରୁ ଦଳର କାର୍ଯ୍ୟକାରୀ ସାଧାରଣ ସମ୍ପାଦକ ଏବଂ ୨୦୧୬ରୁ ପୂର୍ଣ୍ଣକାଳୀନ ସାଧାରଣ ସମ୍ପାଦକ ଭାବରେ ଦଳକୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



## ବୈତରଣୀ ବନ୍ୟା ଗମ୍ଭୀର: ପାୱାର ପ୍ରୋଜେକ୍ଟକୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର, ୨୦।୮: ବୈତରଣୀ ବନ୍ୟା ପାଇଁ ପାୱାର ପ୍ରୋଜେକ୍ଟସ୍‌କୁ କାରଣ ଦର୍ଶାଅ ନୋଟିସ୍ ହୋଇଛି । ଜଳସମ୍ପଦ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ବନ୍ୟା ସମୟରେ ବେନିୟମ ଭାବେ ଗେଟ୍ ଖୋଲିବାରୁ ନୋଟିସ୍ ଜାରି ହୋଇଛି । ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଇଞ୍ଜିନିୟରଙ୍କୁ ଚିଠି କରାଯାଇଛି । ଏସଆରସି ପ୍ରଭାକର ପାଟିଲ ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ବିପିପିଏଲ୍ ବିନା ସହମତିରେ ପାଣି ଛାଡିବା ଯୋଗୁଁ ବୈତରଣୀରେ ବନ୍ୟା ଗମ୍ଭୀର ରୂପ ଧାରଣ କଲା । ନିଜ ପାୱାର ଜେନେରେସନ କରିବା ପାଇଁ ମନ ଇଚ୍ଛା ଗେଟ୍ ଖୋଲିଥିଲା । ସେଥିପାଇଁ ସରକାରଙ୍କ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ତାପୂର୍ବରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଆନନ୍ଦପୁର ଡିଭିଜନ ଲୋକାଲ ଇଞ୍ଜିନିୟର ମାନେ ଏବାବଦରେ ଅବଗତ ହେବା କଥା । କିନ୍ତୁ ଇଚଚଖ ପକ୍ଷରୁ ସମନ୍ୱ ଅଭାବ ପାଇଁ ଏପରି ହୋଇଛି । ତେଣୁ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ନୋଟିସ ଜାରି କରାଯାଇଛି । ସେପଟେ ରାଜ୍ୟରେ ବନ୍ୟା ସ୍ଥିତି ସୁଧୁରୁଛି । ସୁବର୍ଣ୍ଣରେଖାକୁ ଛାଡ଼ି ବାକି ସବୁ ନଦୀ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି । ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ ବିପଦ ସଙ୍କେତ ତଳେ ଅଛି । ଜଳକା ବି ବିପଦ ସଙ୍କେତ ତଳକୁ ଖସିଛି । ରେମୁଣା ଓ ଜଳେଶ୍ୱରରେ ବନ୍ୟା ସ୍ଥିତିରେ ସୁଧାର ଆସିଛି । ଯାଜପୁର ଓ ଭଦ୍ରକ ଜିଲ୍ଲାରେ ୨୪ ଘଣ୍ଟାରେ ଆହୁରି ସୁଧାର ଆସିବ । ସୁବର୍ଣ୍ଣରେଖାରେ ଝାଡ଼ଖଣ୍ଡ ପାଣି ଛାଡ଼ିବାରୁ ରାତି ୩ଟାରେ ବିପଦ ସଙ୍କେତ ଉପରକୁ ଜଳସ୍ତର ଯାଇଥିଲା । ସକାଳ ୬ଟା ପରେ ପାଣି ଖସିଥିଲା । ଆକଳନ ଅନୁସାରେ ସନ୍ଧ୍ୟା ୬ଟା ବେଳକୁ ଜଳସ୍ତର ଆହୁରି ଖସିବ ବୋଲି ଏସଆରସି କହିଛନ୍ତି ।

### ଲଘୁଖଣିଜ ସମ୍ପଦ ଚୋରା କାରବାର

## ଖଣିମାଫିଆ ରତିକାନ୍ତଙ୍କୁ ବାନ୍ଧିଲା ଇଡ଼ି

ଭୁବନେଶ୍ୱର,୨୦।୮: କୋଟିକୋଟି ଟଙ୍କାର ଲଘୁଖଣି ଦୁର୍ନୀତି କାରବାରରେ ସମ୍ପୃକ୍ତ ଢେଙ୍କାନାଳ ଜିଲ୍ଲାର ରତିକାନ୍ତ ରାଉତ ଓରଫ ଜୁଲୁଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ଗୁରୁବାର ଗିରଫ କରିଛି । ଲଘୁ ଖଣିଜ ସମ୍ପଦରେ ବ୍ୟାପକ ହେରଫେର କରିବା ଅଭିଯୋଗରେ ରତିକାନ୍ତଙ୍କୁ ପୁଲିସ ପୂର୍ବରୁ ଗିରଫ କରିଥିଲା । ଲଘୁ ଖଣିଜ ଚୋରା କାରବାର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ରତିକାନ୍ତଙ୍କୁ ଭୁବନେଶ୍ୱରସ୍ଥିତ ଇଡ଼ି କାର୍ଯ୍ୟାଳୟକୁ ପଚରାଉଚରା ନିମନ୍ତେ ଡାକିଥିଲା । ପଚରାଉଚରା ପରେ ରତିକାନ୍ତକୁ ଗିରଫ କରାଯାଇଛି । କ୍ୟାପିଟାଲ ହସ୍ପିଟାଲରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ କୋର୍ଟରେ ହାଜର କରାଯାଇଛି । ଆସନ୍ତକାଲି ରତିକାନ୍ତଙ୍କୁ ରିମାଣ୍ଡରେ ନେବା ପାଇଁ ଆବେଦନ କରିବ ବୋଲି ଇଡିର ଜନୈକ ଅଧିକାରୀ କହିଛନ୍ତି ।

### ମାଷ୍ଟରକ୍ୟାଣ୍ଟିନ୍ ଛକରେ ଭଙ୍ଗାରୁଜା ଘଟଣା

## କ୍ଷୟକ୍ଷତିର ଭରଣା କରିବେ ଅଟୋ ଚାଳକ: ରଦ୍ଦ ହେବ ଲାଇସେନ୍ସ

ଭୁବନେଶ୍ୱର,୨୦।୮: ଅଟୋ ଚାଳକଙ୍କ ଆନ୍ଦୋଳନ ହିଂସାତ୍ମକ ରୂପ ନେବା ପରେ କଡ଼ା ଆଭିମୁଖ୍ୟ ଆପଣାଇଲେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ଆନ୍ଦୋଳନ ନାଁରେ ଆଇନକୁ ହାତକୁ ନେଇ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ ଓ ସରକାରୀ ସମ୍ପତ୍ତି ଭଙ୍ଗାରୁଜାକୁ ନେଇ ମନ୍ତ୍ରୀ ତୀବ୍ର ପ୍ରତିକ୍ରିୟା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, "ସହରରେ ଯେଉଁ କ୍ଷତି ହୋଇଛି, ତାହା ଅଟୋ ଚାଳକମାନେ ଭରଣା କରିବେ ।" ଏଥିସହ ହିଂସା ଓ ଗୁଣ୍ଡାଗିରିରେ ସାମିଲ ଥିବା ଚାଳକଙ୍କ ବେଆଇନ ଅଟୋ ଷ୍ଟାଣ୍ଡକୁ ଭଙ୍ଗାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଆନ୍ଦୋଳନକାରୀମାନେ ଆଇନକୁ ହାତକୁ ନେଇଛନ୍ତି ଏବଂ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ କରିଛନ୍ତି । ତେଣୁ ଆନ୍ଦୋଳନ ନାଁରେ ହିଂସା ଓ ଭଙ୍ଗାରୁଜାକୁ ବରଦାସ୍ତ କରାଯିବ ନାହିଁ । ସରକାରୀ ଗାଡ଼ି ଭାଙ୍ଗି ଥିବାରୁ କାର୍ଯ୍ୟାନୁଷ୍ଠାନ ନିଆଯିବ । ଭଙ୍ଗାରୁଜା କରିଥିବା ଅଟୋ ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯିବ । ପାଉଣା ବୃଦ୍ଧି ଦାବିରେ ଆନ୍ଦୋଳନ କରୁଥିବା ଅଟୋ ଓ ଅନ୍‌ଲାଇନ୍ ଡ୍ରାଇଭରଙ୍କ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା । ମାଷ୍ଟରକ୍ୟାଣ୍ଟିନ୍ ବସ୍ ଡିପୋରେ ଧସେଇ ପଶି ଭଙ୍ଗାରୁଜା ସହ 'ଆମ ବସ୍' ଓ ପୁଲିସ ଗାଡ଼ିକୁ ଟାର୍ଗେଟ୍ କରାଯାଇଥିବା ଅଭିଯୋଗ ହୋଇଛି ।

# ବନ୍ୟା ଛାଡୁନି, ଦୁର୍ଦ୍ଦଶା ସରୁନି

### ୧୩୦ରୁ ଅଧିକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

ଭୁବନେଶ୍ୱର,୨୦।୮: ରାଜ୍ୟରେ ବର୍ଷା ପରିମାଣ କମିଥିଲେ ବି, କମିନି ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା । ଆଉ କେତେ ଦିନ ନିଜ ଘରେ ଥାଇ ବନ୍ଦୀ ଭଳି ଜିଇଁବେ ଲୋକେ ? ନା ଘରୁ ଗୋଡ଼ କାଢ଼ିପାରୁଛନ୍ତି, ନା ଶାନ୍ତିରେ ଘର ଭିତରେ ରହିପାରୁଛନ୍ତି । ସେପଟେ ପିଲାଙ୍କ ପାଠପଢ଼ା ବି ବାଧାପାପ୍ତ ହୋଇଛି । ନଈରେ ଖସୁଛି... ହେଲେ ଗାଁରୁ ଛାଡୁନି । ବନ୍ୟା ପ୍ରଭାବିତ ଅନେକ ଗାଁରେ ଏବେ ବି ୩-୪ ଫୁଟ୍ ପାଣି ଜମି ରହିଛି । ଘର ଭିତରୁ ପାଣି ଛାଡ଼ିନି । ଏ ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଓ ରାଜକନିକା ଅଞ୍ଚଳର ଦୃଶ୍ୟ । ବୈତରଣୀ ତଳମୁଣ୍ଡରେ ବଢ଼ିଚାଲିଛି ବନ୍ୟାଯାତନା । ରାଜକନିକା ବ୍ଲକ୍‌ର ୧୫ ପଞ୍ଚାୟତ ଓ ରାଜନଗର ବ୍ଲକ୍‌ର ୧୦ଟି ପଞ୍ଚାୟତ ଜଳବନ୍ଦୀ ସ୍ଥିତିରେ ରହିଛି । ବେଢ଼ି ଉପରେ କୋରଡ଼ାମାଡ଼ ସଦୃଶ ହୋଇଛି କୁମ୍ଭୀର ଭୟ । ପ୍ରଶାସନ ପକ୍ଷରୁ ଲୋକଙ୍କୁ ଡଙ୍ଗାରେ ବୁଲିବୁଲି ସତର୍କ କରାଯାଉଛି । ସେପଟେ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକର ୧୯ଟି ପଞ୍ଚାୟତ ବନ୍ୟା ପ୍ରଭାବିତ ହୋଇଛି । କାଣୀ ନଦୀରୁ ଘାଇ ଦେଇ ଆସୁଥିବା ବନ୍ୟା ଜଳ ଏବଂ ବିଂଝାରପୁର ବ୍ଲକ ଖରସ୍ରୋତା ନଦୀ ନୂଆମହାରା ଘାଇ ଦେଇ ଆସୁଥିବା ବନ୍ୟା ଜଳ ପାଳଟପୁର, ଜାଫରପୁର, ବିରିପଟା, ଥାଲକୁଡି, ଶୁଶୁଆ ଆଦି ପଞ୍ଚାୟତକୁ ବ୍ୟାପକ ପ୍ରଭାବିତ କରିଛି । ସୁବର୍ଣ୍ଣରେଖା ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବାରୁ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ୨୦ଟି ପଞ୍ଚାୟତ ପାଣିଘେରରେ ରହିଛି । ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି ୧୩୦ରୁ ଅଧିକ ଗାଁ । ଖଳାବାଡ଼ିଆ, ଆରୁହାବର୍ତ୍ତି ଓ କୁମ୍ଭୀରଗଡ଼ି ଆଦି ଗାଁର ଅବସ୍ଥା ନକହିବା ଭଲ । ଗାଁ ଭିତରେ ପ୍ରଖର ସୁଅ ଚାଲିଥିବାରୁ ଏବେ ବି ଅନେକ ଲୋକ ସୁରକ୍ଷିତ ସ୍ଥାନକୁ ଯାଇପାରି ନାହାନ୍ତି । ରିଲିଫ ଖାଦ୍ୟ ଓ ପିଇବା ପାଣି ବି ପର୍ଯ୍ୟାପ୍ତ ହେଉନି । କାଁ ଭାଁ କେଉଁଠି ଲୋକଙ୍କୁ ରନ୍ଧା ଖାଦ୍ୟ କି ଅଳ୍ପ ପରିମାଣରେ ଚୁଡ଼ା ଆଦି ଯୋଗାଇ ଦିଆଯାଉଛି । ସେପଟେ ବାଲିଆପାଳ ବ୍ଲକର ୧୫୦ରୁ ଅଧିକ ଗାଁ ସ୍ଥିତି ବି ଅତି ସଙ୍ଗିନ ରହିଛି । ଏପଟେ ଭଦ୍ରକ ଜିଲ୍ଲା ଚାନ୍ଦବାଲିର ୧୭ଟି ପଞ୍ଚାୟତ ୨୫ ଦିନ ହେବା ଜଳମଗ୍ନ । ବାହ୍ୟଜଗତରୁ ବିଚ୍ଛିନ୍ନ ରହିଛି ଆରଡ଼ି ପୀଠ । ବହିବସ୍ତାନିରେ ଡୋରି ବାନ୍ଧି ଦେଇଛି ବନ୍ୟା । ଅଚାନକ ପାଣି ଘର ଭିତରେ ପଶିବାରୁ ଓଦା ହୋଇଯାଇଛି ବହି ଖାତା । ସ୍କୁଲଗୁଡ଼ିକ ଆଶ୍ରୟସ୍ଥଳୀ ପାଲଟିଥିବାରୁ ପାଠପଢ଼ା ସଂପୂର୍ଣ୍ଣ ବନ୍ଦ । କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ରାଘବପୁରର ସ୍କୁଲକୁ ଦେଖନ୍ତୁ । ତିନି ତିନି ଥର ବନ୍ୟା ଆସିବା ଫଳରେ ବେଞ୍ଚ, ଟେବୁଲ ସମେତ ବିଭିନ୍ନ ଆସବାବ ପତ୍ରରେ ପଟୁମାଟି ଜମି ରହିଛି । କେବେ ପାଠପଢ଼ା ସ୍ୱାଭାବିକ ହେବ, କେହି କହିପାରୁନାହାନ୍ତି ।



CMYK

# ବିଧିର ବିଧାନ ନିଶ୍ଚିତ




**ଜନ୍ମେଜୟ ପୁତ୍ର କାମେଷ୍ଟି ଯଜ୍ଞ କରାଇଲେ। ଯଜ୍ଞରେ ଯୁବ ବ୍ରାହ୍ମଣମାନେ ଆସିଥିଲେ। ବ୍ରାହ୍ମଣମାନଙ୍କୁ ଭୋଜନ ବାଢିବା ବେଳେ ଜୋର୍‌ରେ ପବନ ବହିବାରୁ ରାଣୀଙ୍କ ପୋଷାକ ଖସି ଉଡ଼ିଗଲା ଏବଂ ଯୁବ ବ୍ରାହ୍ମଣମାନେ ହସିଦେଲେ। ଏହା ଦେଖି ରାଣୀ କ୍ରୋଧିତ ହେଲେ ଏବଂ ସେମାନଙ୍କୁ ପ୍ରାଣଦଣ୍ଡ ଦେବା ପାଇଁ ଅନୁରୋଧ କଲେ ଯାହା ଜନ୍ମେଞ୍ଜୟ କାର୍ଯ୍ୟକାରୀ କଲେ। ଏହା ଫଳରେ ଜନ୍ମେଜୟ କୁଷ୍ଟ ରୋଗରେ ଆକ୍ରାନ୍ତ ହେଲେ..**

ଜନ୍ମେଜୟ ଥିଲେ ଅଭିମନ୍ୟୁଙ୍କ ନାତି, ଅର୍ଜୁନଙ୍କ ପ୍ରପୌତ୍ର ଏବଂ ରାଜା ପରୀକ୍ଷିତଙ୍କ ପୁଅ । ଦିନେ ସେ ବେଦବ୍ୟାସଙ୍କ ସହ କୁତର୍କ କଲେ ଯେ, 'ଆପଣ ଥିଲେ, ଭଗବାନ ଶ୍ରୀକୃଷ୍ଣ ଥିଲେ, ଭୀଷ୍ମ, ଦ୍ରୋଣାଚାର୍ଯ୍ୟ, ଧର୍ମରାଜ ଯୁଧିଷ୍ଠିର ଭଳି ମହାନ ଲୋକ ଉପସ୍ଥିତ ଥିଲେ ତଥାପି ଆପଣମାନେ ମହାଭାରତ ଯୁଦ୍ଧକୁ ଅଟକାଇ ପାରିଲେ ନାହିଁ। ଏବଂ ଦେଖୁଦେଖୁ ଅପାର ଜନ-ଧନର ହାନି ହୋଇଗଲା। ଯଦି ମୁଁ ସେତେବେଳେ ଥାନ୍ତି, ମୋ ପୁରୁଷାର୍ଥ ଦ୍ୱାରା ଏହି ମହାବିନାଶକୁ ବନ୍ଦ କରିପାରିଥାନ୍ତି ।'

ଅହଂକାରଭରା ଜନ୍ମେଜୟଙ୍କ ଏହି କଥା ଶୁଣି ବେଦବ୍ୟାସ ଶାନ୍ତ ରହିଲେ। ସେ କହିଲେ, 'ପୁଅ, ନିଜ ପୂର୍ବଜମାନଙ୍କ କ୍ଷମତା ଉପରେ ଶଙ୍କା କର ନାହିଁ। ଏହା ବିଧି ଦ୍ୱାରା ନିଶ୍ଚିତ ଥିଲା, ଯାହାର ପରିବର୍ତ୍ତନ ହୋଇପାରିବା ସମ୍ଭବ ନୁହେଁ। ଯଦି ଏହା ସମ୍ଭବ ହୋଇଥାନ୍ତା, ତେବେ ଶ୍ରୀକୃଷ୍ଣଙ୍କ ପାଖରେ ଏତେ ସାମର୍ଥ୍ୟ ଥିଲା ଯେ ସେ ଯୁଦ୍ଧକୁ ବନ୍ଦ କରିପାରିଥାନ୍ତେ। ଜନ୍ମେଜୟ ତାଙ୍କର କଥାରେ ଅଡ଼ି ରହିଲେ। ସେ କହିଲେ, 'ମୁଁ ଏହି ସିଦ୍ଧାନ୍ତକୁ ମାନୁ ନାହିଁ। ଆପଣ ମୋ ଜୀବନର ଏକ ଭବିଷ୍ୟତ ଘଟଣା କୁହନ୍ତୁ। ମୁଁ ଏହାକୁ ରୋକି ଦେଖାଇଦେବି ଯେ ବିଧିର ବିଧାନ ନିଶ୍ଚିତ ନୁହେଁ।' ବେଦବ୍ୟାସ କହିଲେ, 'ପୁଅ, ଯଦି ତୁମର ଏହି ଇଚ୍ଛା, ତେବେ ଶୁଣ। ତିନି ବର୍ଷ ପରେ ତୁମେ କଳା ଘୋଡ଼ା ଉପରେ ଚଢ଼ି ଶିକାରକୁ ଯିବ। ଦକ୍ଷିଣ ଦିଗରେ ଏକ ସମୁଦ୍ର ତଟରେ ପହଞ୍ଚିବ। ସେଠି ଏକ ସୁନ୍ଦରୀ ମହିଳା ମିଳିବେ। ତୁମେ ତାଙ୍କୁ ମହଲକୁ ଆଣିବ, ବିବାହ କରିବ। ତାଙ୍କ ଉପଦେଶରେ ଏକ ଯଜ୍ଞ କରିବ। ଏହି ଯଜ୍ଞରେ ବହୁତ ବ୍ରାହ୍ମଣମାନେ ଆସିବେ। ଏକ ଘଟଣା ଘଟିବ ଏବଂ ରାଣୀଙ୍କ ପ୍ରେରଣାରେ ତୁମେ ବ୍ରାହ୍ମଣମାନଙ୍କୁ ମୃତ୍ୟୁଦଣ୍ଡ ଦେବ। ଏହା ଫଳରେ ତୁମେ ବ୍ରହ୍ମହତ୍ୟାର ପାପ କରିବ ଏବଂ କୁଷ୍ଠ ରୋଗରେ ପୀଡ଼ିତ ହେବ। ଏହି ଘଟଣାକୁ ଯଦି ରୋକିପାର, ତେବେ ରୋକ।' ବେଦବ୍ୟାସଙ୍କ ଏହି କଥା ଶୁଣି ଜନ୍ମେଜୟ ଶିକାରକୁ ଯିବା ବନ୍ଦ କରିଦେଲେ। ହେଲେ ସମୟ ଆସିଲା ଶିକାରକୁ ଯିବାକୁ ତାଙ୍କ ଇଚ୍ଛା ହେଲା।

ସେ ଚିନ୍ତା କଲେ, 'ମୁଁ କଳା ଘୋଡ଼ା ନେବି ନାହିଁ,' ହେଲେ ଘୋଡାଶାଳରେ ଏକମାତ୍ର କଳା ଘୋଡ଼ା ହିଁ ଥିଲା। ସେ ଦକ୍ଷିଣ ଦିଗକୁ ଯିବାକୁ ଚାହିଁଲେ ନାହିଁ, ହେଲେ ଘୋଡ଼ା ଅନିୟନ୍ତ୍ରିତ ହୋଇ ଦକ୍ଷିଣ ସମୁଦ୍ର ତଟକୁ ନେଇଗଲା। ସେଠି ସେ ଏକ ସୁନ୍ଦରୀକୁ ଦେଖି ମୋହିତ ହେଲେ ଏବଂ ରାଜଧାନୀକୁ ଆଣି ତାକୁ ବିବାହ କଲେ। ଏହି ରାଣୀ ସନ୍ତାନହୀନ ଥିଲେ, ତାଙ୍କ କହିବା ଅନୁଯାୟୀ ଜନ୍ମେଜୟ ପୁତ୍ର କାମେଷ୍ଟି ଯଜ୍ଞ କରାଇଲେ। ଯଜ୍ଞରେ ଯୁବ ବ୍ରାହ୍ମଣମାନେ ଆସିଥିଲେ। ବ୍ରାହ୍ମଣମାନଙ୍କୁ ଭୋଜନ ବାଢିବା ବେଳେ ଜୋର୍‌ରେ ପବନ ବହିବାରୁ ରାଣୀଙ୍କ ପୋଷାକ ଖସି ଉଡ଼ିଗଲା ଏବଂ ଯୁବ ବ୍ରାହ୍ମଣମାନେ ହସିଦେଲେ। ଏହା ଦେଖି ରାଣୀ କ୍ରୋଧିତ ହେଲେ ଏବଂ ସେମାନଙ୍କୁ ପ୍ରାଣଦଣ୍ଡ ଦେବା ପାଇଁ ଅନୁରୋଧ କଲେ ଯାହା ଜନ୍ମେଞ୍ଜୟ କାର୍ଯ୍ୟକାରୀ କଲେ। ଏହା ଫଳରେ ଜନ୍ମେଜୟ କୁଷ୍ଠ ରୋଗରେ ଆକ୍ରାନ୍ତ ହେଲେ। ସେ ବେଦବ୍ୟାସଙ୍କ ପାଖକୁ ଯାଇ ଏହାର ଆରୋଗ୍ୟ ପାଇଁ ଅନୁରୋଧ କଲେ। ବେଦବ୍ୟାସ କହିଲେ, 'ଏକ ଅନ୍ତିମ ସୁଯୋଗ ଅଛି। ତୁମେ ଶ୍ରଦ୍ଧା ଏବଂ ବିଶ୍ୱାସ ସହିତ ମହାଭାରତ ଶ୍ରବଣ କର। ଯଦି ଅବିଶ୍ୱାସ କର, ତେବେ ମୁଁ ବର୍ଣ୍ଣନ ବନ୍ଦ କରିଦେବି ।' ଜନ୍ମେଜୟ ଶ୍ରଦ୍ଧାରେ ଏହା ଶୁଣିଲେ, ହେଲେ ଭୀମଙ୍କ ବଳର ଏକ ଚମତ୍କାର କଥା ଶୁଣି ସେ ଅବିଶ୍ୱାସ କଲେ। ବ୍ୟାସଜୀ ମହାଭାରତର ପାଠ ବନ୍ଦ କଲେ। ବ୍ୟାସଜୀ କହିଲେ, 'ପୁଅ, ମୁଁ ତୋତେ କେତେ ଉପଦେଶ ଦେଲି, କିନ୍ତୁ ତୁ ନିଜର ସ୍ୱଭାବକୁ ନିୟନ୍ତ୍ରଣ କରିପାରିଲୁ ନାହିଁ। ଯାହାହେଉ, ଏହା ବିଧି ଦ୍ୱାରା ନିର୍ଦ୍ଧାରିତ ଥିଲା।' ଯେତିକି ମାତ୍ରାରେ ଜନ୍ମେଜୟ ଶ୍ରଦ୍ଧା ଓ ବିଶ୍ୱାସରେ କଥା ଶ୍ରବଣ କଲେ, ସେତିକି ମାତ୍ରାରେ ସେ କୁଷ୍ଠରୋଗରୁ ମୁକ୍ତ ହେଲେ। କିନ୍ତୁ ଗୋଟିଏ ବିନ୍ଦୁ ବାକି ରହିଗଲା, ଏବଂ ଏହି କାରଣରୁ ସେ ମୃତ୍ୟୁବରଣ କଲେ। ଆମ ଜୀବନର ନାଟକ ପରମାତ୍ମାଙ୍କ ଦ୍ୱାରା ଲେଖାଯାଇଛି। ଯାହା ତାଙ୍କର ଇଚ୍ଛା, ସେଇଆ ହିଁ ହୁଏ। ସେଥିପାଇଁ କୁହାଯାଏ, 'କର୍ମ ଆମ ହାତରେ ଅଛି, କିନ୍ତୁ ଫଳ ବିଧିର ହାତରେ ଅଛି।'



**କର୍ମ ଆମ ହାତରେ**

**ଫଳ ବିଧିର ହାତରେ**



# ପ୍ରାର୍ଥନା


ପ୍ରାର୍ଥନା ମନୁଷ୍ୟକୁ ଈଶ୍ୱରଙ୍କ ନିକଟତର କରାଏ । ଏହା ଆମକୁ ଆନ୍ତରିକ ବଳ ପ୍ରଦାନ କରିବାର କାର୍ଯ୍ୟ କରିଥାଏ । ହୃଦୟରେ ପୂର୍ଣ୍ଣ ବିଶ୍ୱାସ ସହିତ ପ୍ରାର୍ଥନା କରାଗଲେ ପରମେଶ୍ୱର ନିଶ୍ଚିତଭାବେ ଭକ୍ତର ଡାକ ଶୁଣିଥାନ୍ତି । ହେଲେ ପୂର୍ଣ୍ଣ ବିଶ୍ୱାସ ଏବଂ ନିଷ୍ଠା ନଥିଲେ ପ୍ରାର୍ଥନା ନିଷ୍ଫଳ ହୋଇଥାଏ । ଆମ ଜୀବନରେ ବାରମ୍ବାର ଏପରି ଘଟଣା ଘଟିଥାଏ । ପ୍ରାର୍ଥନାରେ ଭାଷାର କୌଣସି ମହତ୍ତ୍ୱ ନାହିଁ । ଭାବ ଜରୁରୀ ହୋଇଥାଏ । ପ୍ରାର୍ଥନା ସହିତ ଉତ୍ତମ କର୍ମ କରିବା ଜରୁରୀ । ତା'ହେଲେ ଯାଇ ମନୁଷ୍ୟ ଈଶ୍ୱରଙ୍କ କୃପା ପ୍ରାପ୍ତ ହୋଇଥାଏ । ପ୍ରାର୍ଥନାରେ ମନ-ମସ୍ତିଷ୍କରେ ଏକାଗ୍ରତା ସହିତ ସମର୍ପଣ ବିଶେଷ ଜରୁରୀ । କେବଳ ସେହିମାନଙ୍କ ଦ୍ୱାରା ହିଁ ସଫଳ ପ୍ରାର୍ଥନା ସମ୍ଭବ, ଯାହାଙ୍କ ହୃଦୟ ନିର୍ମଳ ଥିବ । କାରଣ ନିର୍ମଳ ମନରେ ହିଁ ପରମାତ୍ମାଙ୍କ ନିବାସ ରହିଥାଏ ।



ପ୍ରାର୍ଥନା ବିନମ୍ରତାର ପ୍ରତୀକ । ବେଦରେ ଅନେକ ପ୍ରକାରର ପ୍ରାର୍ଥନା ବିଷୟରେ କୁହାଯାଇଛି । ଯେତେବେଳେ ବି ଈଶ୍ୱରଙ୍କ ଚରଣରେ ଶରଣ ନେଉଛନ୍ତି, ତାଙ୍କୁ ଅଭୟ ମାଗନ୍ତୁ । କେବଳ ଶବ୍ଦରେ ନୁହେଁ, ମନରୁ ଖରାପ ଭାବନା ଦୂର କରି ପ୍ରାର୍ଥନା କରନ୍ତୁ । ପ୍ରାର୍ଥନା ଅନ୍ୟ କିଛି ନୁହେଁ, ପ୍ରେମପୂର୍ବକ ଉପାସନାର ସର୍ବୋତ୍ତମ ବିଧି । ଭଗବାନ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କ ପ୍ରାର୍ଥନା ଶୁଣି ବସ୍ତ୍ରହରଣ ସମୟରେ ତାଙ୍କର ଲଜ୍ଜା ନିବାରଣ କରିଥିଲେ । ଈଶ୍ୱର ଭକ୍ତର ଡାକ ଶୁଣି ଚାଲିଆସନ୍ତି । ଯିଏ ପ୍ରକୃତ ଭକ୍ତ, ସିଏ ସବୁବେଳେ ଈଶ୍ୱରଙ୍କ ଚରଣରେ ନିଜକୁ ସମର୍ପି ଦେଇଥାଏ । ସବୁବେଳେ ଈଶ୍ୱରଙ୍କ ଶରଣରେ ରହିବାକୁ ସେ ଅନୁରୋଧ କରିଥାଏ । ନିଃସ୍ୱାର୍ଥ ପ୍ରାର୍ଥନା ଈଶ୍ୱର ସବୁବେଳେ ଶୁଣିଥାନ୍ତି । ବ୍ରହ୍ମଙ୍କ ପ୍ରତି ଭାବ ରହିଲେ ସବୁକିଛି ମିଳିଥାଏ । ପ୍ରାର୍ଥନା କରିବା ସମୟରେ ମନକୁ ଖରାପ ବିଚାର ଆସିବା ଅନୁଚିତ। ଉତ୍ତମ ବିଚାର ଦ୍ୱାରା ପ୍ରାର୍ଥନା କରାଗଲେ ଉଚିତ ଫଳ ମିଳିଥାଏ । ଏହି ନଶ୍ୱର ସଂସାରରେ ଧର୍ମ ମାର୍ଗରେ ଯାଇ ଯେଉଁ ମନୁଷ୍ୟ ସର୍ବଦା ଈଶ୍ୱରଙ୍କ ଭଜିଥାଏ ସେ ପ୍ରକୃତ ସୁଖ ଅନୁଭବ କରିଥାଏ । ପ୍ରାର୍ଥନା ହେଉଛି ଅନ୍ତର୍ମନର ଡାକ । ପରମେଶ୍ୱରଙ୍କୁ ମନରେ ବସାଇ ଶ୍ରଦ୍ଧାଳୁ ପ୍ରାର୍ଥନା କରିଥାଏ । ପ୍ରାର୍ଥନା ଦ୍ୱାରା ଜୀବନ ପବିତ୍ର ହୋଇଥାଏ । ଈଶ୍ୱରଙ୍କ କୃପାରୁ ପାପ, ଦୁଷ୍ଟପ୍ରବୃତ୍ତି ନଷ୍ଟ ହୋଇଥାଏ ।

# ବିଳମ୍ବିତ ରାତିରେ ଶୋଉଛନ୍ତି କି ?






# ମୂର୍ତ୍ତି ପୂଜା: ଧର୍ମ ଉପାସନାର ମାର୍ଗ

ମନୁଷ୍ୟ ସମାଜରେ ଯେତେଗୋଟି ଧର୍ମ ପ୍ରଚଳିତ ଅଛି ତାହା ମଧ୍ୟରୁ ଅଧିକାଂଶ ପ୍ରତିମା ପୂଜା ବା ପିତୁଳା ପୂଜାକୁ ସ୍ୱୀକାର କରିଛନ୍ତି। ସର୍ବଶକ୍ତିମାନ, ସର୍ବ ବିଦ୍ୟମାନ ଈଶ୍ୱରଙ୍କ ଅସ୍ତିତ୍ୱକୁ ସୀମିତ ବୁଦ୍ଧି ଜ୍ଞାନଦ୍ୱାରା କଳନା କରିବା ସହଜସାଧ୍ୟ ନୁହେଁ। ସେଥିପାଇଁ ଅନନ୍ତ କୋଟି ବିଶ୍ୱ ବ୍ରହ୍ମାଣ୍ଡର ସ୍ରଷ୍ଟାଙ୍କୁ ଗୋଟିଏ ଫଟୋ, ମୂର୍ତ୍ତି ବା ପ୍ରତୀକ ମଧ୍ୟରେ କଳ୍ପନା କରି ତାଙ୍କର ପୂଜା ଆରାଧନା କରିବା, ପ୍ରାଥମିକ ସ୍ତରର ଭକ୍ତମାନଙ୍କ ପାଇଁ ଏକ ସୁଗମ ପନ୍ଥା। ଅବଶ୍ୟ ଭକ୍ତି ବଳରେ ଜଡ଼,ଚୈତନ୍ୟ ସବୁ ଏକାକାର ହୋଇଯାଏ। ନିର୍ଗୁଣ, ନିରାକାର, ପରଂବ୍ରହ୍ମ ଭକ୍ତର ଭାବରେ ଭୋଳ ହୋଇ ସଗୁଣ ସାକାର ରୂପ ପରିଗ୍ରହ କରନ୍ତି। ମୀରାବାଈଙ୍କର ଗିରିଧର ଗୋପାଳ, ସନ୍ଥ ତୁଳସୀ ଦାସଙ୍କର ଇଷ୍ଟଦେବତା କୋଦଣ୍ଡପାଣି ଶ୍ରୀରାମ, ପ୍ରତ୍ୟକ୍ଷ ରୂପରେ ଆବିର୍ଭୂତ ହୋଇଛନ୍ତି।



ଅଟେ । ମୂର୍ତ୍ତିପୂଜା ଜଣେ ଭକ୍ତକୁ ତାର ପ୍ରକୃତ ସ୍ଥିତି ସଂପର୍କରେ ଜଣାଇଦିଏ । ଶରୀର ନଶ୍ୱର ଅଟେ ଓ ଆତ୍ମା ହିଁ ଚିରନ୍ତନ ଅଟେ ବୋଲି ଏହା ଭକ୍ତକୁ ଜଣାଇଦିଏ । ସାଧାରଣତଃ ହିନ୍ଦୁମାନେ ମନ୍ଦିରରେ ଓ ଘରେ ମୂର୍ତ୍ତିପୂଜା କରିଥାଆନ୍ତି । ତେବେ ମନ୍ଦିରରେ ଓ ଘରେ କରାଯାଉଥିବା ମୂର୍ତ୍ତିପୂଜା ମଧ୍ୟରେ ପାର୍ଥକ୍ୟ ରହିଛି । ମନ୍ଦିରରେ ସାଧାରଣତଃ ଆମେ ବିଶାଳକାୟ ମୂର୍ତ୍ତି ଦେଖିବାକୁ ପାଇଥାଉ । ଏହା ମନରେ ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା ଓ ଆକର୍ଷଣ ସୃଷ୍ଟି କରିଥାଏ ।

ଶାସ୍ତ୍ର ଅନୁସାରେ ବସି କରି ବା ଠିଆ ହୋଇ ଯଥାବିଧିରେ ପୂଜା କରାଯାଇପାରୁଥିବା ମୂର୍ତ୍ତି ପୂଜା ହିଁ ଫଳପ୍ରଦ ହୋଇଥାଏ । ତେବେ ପୂଜା ପୂର୍ବରୁ ମୂର୍ତ୍ତି ପ୍ରତିଷ୍ଠା ଏକାନ୍ତ ଆବଶ୍ୟକ । ମୂର୍ତ୍ତି ପୂଜାକେତେକ ନୀତି ରହିଛି ଯାହାକୁ ସମସ୍ତେ ଅନୁକରଣ କରିବା ଉଚିତ ।

**ଶାସ୍ତ୍ର ଅନୁସାରେ ବସି କରି ବା ଠିଆ ହୋଇ ଯଥାବିଧିରେ ପୂଜା କରାଯାଇପାରୁଥିବା ମୂର୍ତ୍ତି ପୂଜା ହିଁ ଫଳପ୍ରଦ ହୋଇଥାଏ । ତେବେ ପୂଜା ପୂର୍ବରୁ ମୂର୍ତ୍ତି ପ୍ରତିଷ୍ଠା ଏକାନ୍ତ ଆବଶ୍ୟକ ।**

ଆମ ହିନ୍ଦୁ ଧର୍ମରେ ମୂର୍ତ୍ତି ପୂଜାକୁ ଧର୍ମ ଉପାସନାର ମାର୍ଗ ଭାବେ ବର୍ଣ୍ଣନା କରାଯାଇଛି । ଈଶ୍ୱରଙ୍କ ପ୍ରତି ନିଜର ଭକ୍ତି ଓ ଶ୍ରଦ୍ଧାକୁ ଦର୍ଶାଇବାର ଏକ ମାଧ୍ୟମ ଭାବେ ମୂର୍ତ୍ତିପୂଜାକୁ ଗ୍ରହଣ କରାଯାଇଛି । ଈଶ୍ୱର ପ୍ରାପ୍ତି ପାଇଁ ଭକ୍ତି ମାର୍ଗକୁ ଅନୁସରଣ କରୁଥିବା ପ୍ରତ୍ୟେକ ହିନ୍ଦୁ ମୂର୍ତ୍ତିପୂଜାରେ ବିଶ୍ୱାସ ରଖିଥାଏ । ଈଶ୍ୱର ସବୁବେଳେ ଆମ ସହ ଅଛନ୍ତି ମୂର୍ତ୍ତି ପୂଜା ତାର ଏକ ପ୍ରମାଣ । ମୂର୍ତ୍ତିପୂଜା ଦ୍ୱାରା ବ୍ୟକ୍ତିର ଏକାଗ୍ରତା ବୃଦ୍ଧି ପାଇଥାଏ । ଏହା ତାକୁ ଈଶ୍ୱରଙ୍କ ନିକଟତର କରାଇଥାଏ । ନୀରବତାର ସହ ଈଶ୍ୱରଙ୍କ ସଂପର୍କ ରକ୍ଷା କରିବା ପାଇଁ ମୂର୍ତ୍ତିପୂଜା ସର୍ବଶ୍ରେଷ୍ଠ

**ଦେବଦତ୍ତ ବିଶ୍ୱାଳ**

ଶାସ୍ତ୍ର ଅନୁସାରେ ଘରେ ଦୁଇଟି ଶିବଲିଙ୍ଗ, ତିନିଟି ଗଣେଶ ମୂର୍ତ୍ତି, ଦୁଇଟି ଶାଳଗ୍ରାମ, ଦୁଇଟି ଗୋମତୀ ଚକ୍ର, ତିନିଟି ଦୁର୍ଗା ମୂର୍ତ୍ତି ରଖିବା ଉଚିତ ନୁହେଁ । ସେହିପରି ପୂଜା ସ୍ଥଳରେ ଥିବା ପୋଡ଼ା ଜଳା ଓ ଭଙ୍ଗା ଉପକରଣ ବିସର୍ଜନ କରିଦେବା ଆବଶ୍ୟକ । ସେହିପରି ପୂଜା ସମୟରେ ଦିଗ ନିର୍ଣ୍ଣୟ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଅଟେ । ମନ୍ତ୍ର ଉଚ୍ଚାରଣ ଓ ଅନ୍ୟାନ୍ୟ ବିଧି ସହ ମୂର୍ତ୍ତିରେ ଦେବତ୍ୱର ସଞ୍ଚାର ପରେ ଏହାକୁ ପୂଜା କରାଯାଏ । ତେଣୁ ପ୍ରତିମା ଦେହରେ ପରମେଶ୍ୱର ପ୍ରତ୍ୟକ୍ଷ ଭାବେ ରୂପ ପରିଗ୍ରହ କରି ପ୍ରାଥମିକ ସ୍ତରରେ ଭକ୍ତ ସହିତ ପାର୍ଥିବ ଲୀଳାଖେଳା କରିଥାନ୍ତି।

# ଧୈର୍ଯ୍ୟ ଓ ଏକାଗ୍ରତାର ଶେଷ ସଫଳତା

*ସନ୍ଥ କହିଲେ-ଚାଷୀ ଏବଂ ଚାଷୀ-ପତ୍ନୀଙ୍କ ମଧ୍ୟରେ ଯାହା ତଫାତ୍ ଥିଲା, ତାହା ହେଉଛି ଧୈର୍ଯ୍ୟ । କୌଣସି କାର୍ଯ୍ୟ ଆରମ୍ଭ ସହଜ, ସମାପ୍ତି ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ସେହି କାର୍ଯ୍ୟରେ ମନୋନିବେଶ କରିବା କଷ୍ଟ । ଏଥିପାଇଁ ଧୈର୍ଯ୍ୟ ଓ ଏକାଗ୍ରତା ଆବଶ୍ୟକ । ବାରମ୍ବାର ଧୈର୍ଯ୍ୟହରା ହୋଇ କାର୍ଯ୍ୟ ବଦଳାଇଲେ ସଫଳତା ମିଳେ ନାହିଁ । ବର୍ଷକରେ ଏକାଧିକ ବ୍ୟବସାୟ ନ କରି ଗୋଟିଏ ବ୍ୟବସାୟ କର । ଗ୍ରାହକଙ୍କ ପ୍ରତି ଉତ୍ତମ ବ୍ୟବହାର କର, ସଫଳତା ମିଳିବ ।*



ସନ୍ଥଙ୍କ କୁଟୀରରେ ଜଣେ ବ୍ୟବସାୟୀ ପହଞ୍ଚିଲେ । ତାଙ୍କ ବ୍ୟବସାୟରେ କ୍ରମାଗତ କ୍ଷତି ହେଉଥିଲା । କ୍ଷତିର କାରଣ ଜାଣିବା ଏବଂ ସନ୍ଥଙ୍କ ଠାରୁ କିଛି ପରାମର୍ଶ ନେଇ ପୁଣି ନୂଆ ବ୍ୟବସାୟ ଆରମ୍ଭ କରିବା ଥିଲା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ । ସନ୍ଥଙ୍କୁ ମୁଣ୍ଡିଆ ମାରି ବ୍ୟବସାୟୀ କହିଲେ- ଘରେ ମୋ'ର ବୁଢ଼ା ବାପା, ରୋଗିଣୀ ସ୍ତ୍ରୀ ଓ ପୁଅଟିଏ । ବ୍ୟବସାୟରୁ ଲାଭ ମିଳୁନି, କ୍ଷତି ବଢ଼ିଚାଲିଛି । ସମସ୍ତଙ୍କ ପେଟକୁ ଦାନା ଆଉ ପିଠିକୁ କନା ଯୋଗାଇବାକୁ ମୁଁ ଅକ୍ଷମ । କୃପା କରି କିଛି ଉପାୟ ବତାନ୍ତୁ; ନଚେତ୍ ମୋ' ସଂସାର ଭାସିଯିବ । ସନ୍ଥ ବ୍ୟବସାୟୀଙ୍କୁ ସାନ୍ତ୍ୱନାଦେଇ ତାଙ୍କ ବ୍ୟବସାୟ କହିଲେ- ଗଲା ବର୍ଷେ ହେଲା ତିନି ଚାରି ପ୍ରକାରର ବେପାର କଲେଣି । ଭଲ ଲାଭ ମିଳୁ ନ ଥିବାରୁ ବାରମ୍ବାର ବ୍ୟବସାୟ ବଦଳାଇବାକୁ ପଡୁଛି । ତଥାପି କିଛି ଲାଭ ହେଉନାହିଁ । ଏବେ ମୁଁ ଋଣୀ ସନ୍ଥ କହିଲେ- ଏହାର ସମାଧାନ ଅତି ସହଜ । ମନ ଦେଇ ମୋ' କଥା ଶୁଣ । ଜଣେ ଚାଷୀ ନିଜ ଖେତ ମଝିରେ କୂଅଟିଏ ଖୋଳିବା ଆରମ୍ଭ କଲେ । କିଛି ଫୁଟ୍ ଖୋଳିବା ପରେ ପାଣି ବାହାରିଲା ନାହିଁ । ନିରୁତ୍ସାହିତ ହୋଇ ଅନ୍ୟତ୍ର ଖୋଳିଲେ । ସେଠାରେ ମଧ୍ୟ ଅବସ୍ଥା ତଦ୍ରୂପ । ଦୁଇ,ତିନି ଜାଗାରେ ଖୋଳି ନୟାନ୍ତ ହେଲେ। ଏଥର କୂଅ ଖୋଳିବା ଦାୟିତ୍ୱ ନେଲେ ଚାଷଈଙ୍କ ପତ୍ନୀ। ଗୋଟିଏ ସ୍ଥାନରେ ଗଭୀରରୁ ବହୁ ଗଭୀର ପର୍ଯ୍ୟନ୍ତ ଖୋଳାଇଲେ । ଦୁଇ, ଦିନ ମଧ୍ୟରେ ପାଣି ବାହାରିଲା । ସନ୍ଥ କହିଲେ-ଚାଷୀ ଏବଂ ଚାଷୀ-ପତ୍ନୀଙ୍କ ମଧ୍ୟରେ ଯାହା ତଫାତ୍ ଥିଲା, ତାହା ହେଉଛି ଧୈର୍ଯ୍ୟ । କୌଣସି କାର୍ଯ୍ୟ ଆରମ୍ଭ ସହଜ, ସମାପ୍ତି ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ସେହି କାର୍ଯ୍ୟରେ ମନୋନିବେଶ କରିବା କଷ୍ଟ । ଏଥିପାଇଁ ଧୈର୍ଯ୍ୟ ଓ ଏକାଗ୍ରତା ଆବଶ୍ୟକ । ବାରମ୍ବାର ଧୈର୍ଯ୍ୟହରା ହୋଇ କାର୍ଯ୍ୟ ବଦଳାଇଲେ ସଫଳତା ମିଳେ ନାହିଁ । ବର୍ଷକରେ ଏକାଧିକ ବ୍ୟବସାୟ ନ କରି ଗୋଟିଏ ବ୍ୟବସାୟ କର । ଗ୍ରାହକଙ୍କ ପ୍ରତି ଉତ୍ତମ ବ୍ୟବହାର କର, ସଫଳତା ମିଳିବ ।

# ରାୟଗଡା: ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ !

## ଡାକ୍ତର ଅଭାବରୁ ରୋଗୀ ଭୋଗୁଛନ୍ତି ଅସୁବିଧା, ପଦବୀ ପୂରଣ ପାଇଁ ଦାବି

ରାୟଗଡ଼ା,(ନିପ୍ର): ରାୟଗଡା ଜିଲ୍ଲା ଗଠନ ହେବାର ଦୀର୍ଘ ୩୩ ବର୍ଷ ଅତିବାହିତ ହୋଇ ସାରିଥିଲେ ମଧ୍ୟ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଅବସ୍ଥା ଯେଉଁ ତିମିରେକୁ ସେହି ତିମିରେ। ସ୍ଥିତିରେ କୌଣସି ପ୍ରକାର ସୁଧାର ପରିଲକ୍ଷିତ ହେଉନଥିବା ବେଳେ ଦିନକୁ ଦିନ ଏହାର ଅବସ୍ଥା ଆହୁରି ବିଗିଡ଼ିବାରେ ଲାଗିଛି। ଜିଲ୍ଲାରେ ଆବଶ୍ୟକ ଥିବା ପଦବୀ ମଞ୍ଜୁର ଥିଲେ ସୁଧା ଡାକ୍ତର କିମ୍ବା ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି କରାଯାଉନଥିବାରୁ ଗରିବ ସାଧାରଣ ଉପଯୁକ୍ତ ଚିକିତ୍ସା ପାଇବାରୁ ବଞ୍ଚିତ ରହୁଛନ୍ତି। ଜିଲ୍ଲାମୁଖ୍ୟ ଡାକ୍ତରଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ସୂଚନା ପ୍ରକାରେ, ଜିଲ୍ଲା ସ୍ୱାସ୍ଥ୍ୟ ବ୍ୟବସ୍ଥାର ଏହି ଦୟନୀୟ ଚିତ୍ର ଉଜାଗର ହୋଇଛି। ଜିଲ୍ଲାର ମୁଖ୍ୟଚିକିତ୍ସାଳୟ ଉପଖଣ୍ଡ ଡାକ୍ତରଖାନା ଏବଂ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକ ପାଇଁ ମୋଟ ୧, ୯୯୯ ଟି ପଦବୀ ମଞ୍ଜୁର ରହିଥିବା ବେଳେ ବର୍ତ୍ତମାନ କେବଳ ୧, ୦୭୭ ଜଣ କର୍ମଚାରୀ କାର୍ଯ୍ୟରତ। ବଳକା ୯୨୨ ଗୋଟି ଗୁରୁତ୍ୱପୂର୍ଣ୍ଣ ପଦବୀ ଦୀର୍ଘ ଦିନରୁ ଖାଲି ପଡ଼ିଥିବା ତଥ୍ୟରୁ ଜଣାପଡିଛି।

ସବୁଠାରୁ ବଡ ଚିନ୍ତାଜନକ ବିଷୟଟି ହେଲା ଜିଲ୍ଲାର ସମସ୍ତ ୧୧ଟି ଯାକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଓ ୧୧ ଗୋଟି ଜନସ୍ୱାସ୍ଥ୍ୟ ଅଧିକାରୀ ପଦ ସମ୍ପୂର୍ଣ୍ଣ ଭାବେ ଖାଲି ରହିଥିବା ଫଳରେ ସମଗ୍ର ଜିଲ୍ଲାର ସ୍ୱାସ୍ଥ୍ୟପ୍ରଶାସନ ମୁରବି ଶୂନ୍ୟ ପ୍ରତୀୟମାନ ହେଉଛି।

ସେହିପରି ସାଧାରଣ ଚିକିତ୍ସାଅଧିକାରୀଙ୍କ ୨୯୭ ଗୋଟି ପଦବୀ ମଧ୍ୟରୁ ୧୯୮ ଗୋଟି ପଦବୀ ଖାଲି ପଡିଥିବା ବେଳେ ଶିଶୁରୋଗ ବିଭାଗର ୧୩ଟି, ସ୍ତ୍ରୀ ଓ ପ୍ରସୂତି ବିଭାଗର ୧୨ ଗୋଟି, ଶଲ୍ୟ ଚିକିତ୍ସା ବିଭାଗର ୯ ଗୋଟି ଏବଂ ତାପରେ ଭେଷଜ ବିଭାଗର ୯ଟି ପଦବୀ ଦୀର୍ଘ ଦିନରୁ ଖାଲି ପଡିଛି। ଏପରିକି ହୃଦରୋଗ ଓ ବିକିରଣ ଚିକିତ୍ସା ଭଳି ଅତ୍ୟାବଶ୍ୟକ ବିଭାଗରେ ଜଣେ ହେଲେ ବି ବିଶେଷଜ୍ଞ କାର୍ଯ୍ୟ କରୁନାହାନ୍ତି।

ଅନ୍ୟ ପକ୍ଷରେ ୯୨ ଜଣ ସେବିକା, ୪୬ ଜଣ ଔଷଧ ବିତରକ, ୨୩ ଜଣ ଲ୍ୟାବ ଟେକନିସିଆନ ଓ ୨୦ ଜଣ ଆୟୁଷ ଚିକିତ୍ସକଙ୍କ ପଦବୀ ଖାଲି ରହିଥିବା ଯୋଗୁଁ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ଲକ୍ଷ କରାଯାଇଛି। ଉକ୍ତ ସମସ୍ୟା ଦୀର୍ଘ ୩୩ ବର୍ଷ ଧରି ଲାଗି ରହିଥିବାରୁ ଜିଲ୍ଲାର ରୋଗୀମାନଙ୍କୁ ସାମାନ୍ୟ ଚିକିତ୍ସା ସକାଶେ ପଡୋଶୀ ରାଜ୍ୟ ଆନ୍ଧ୍ରର ବିଶାଖାପାଟଣା ନତୁବା ବ୍ରହ୍ମପୁର ସ୍ଥିତ ସରକାରୀ ଡାକ୍ତରଖାନା ଅର୍ଥାତ୍ ଏମକେସିଜି ମେଡିକାଲ ଓ କଲେଜ ଉପରେ ନିର୍ଭର ହେବାକୁ ପଡୁଛି। ଅର୍ଥାଭାବ ଓ ସମୟୋପଯୋଗୀ ଉପଯୁକ୍ତ ଚିକିତ୍ସା ନ ପାଇ ଅନେକ ଗରିବ ରୋଗୀ ହସ୍ପିଟାଲ ଯିବା ବାଟରେ ହିଁ ଜୀବନ ହରାଉଥିବା ଅନେକ ଉଦାହରଣ ରହିଛି। ଏହି ଅଭାବନୀୟ ତଥା ଅପୂରଣୀୟ ସ୍ୱାସ୍ଥ୍ୟସେବାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟିଦେଇ ଖାଲି ପଡ଼ିଥିବା ସମସ୍ତ ପଦପଦବୀ ପୂରଣ କରିବା ପାଇଁ ଦାବି ହୋଇଛି। ଖାଲି ପଡ଼ିଥିବା ସମସ୍ତ ପଦବୀ ସରକାର ପୂରଣ ନ କଲେ ତେବେ ଆଗାମୀ ଦିନରେ ଜିଲ୍ଲାବ୍ୟାପି ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ଜନସାଧାରଣ ଚେତାବନୀ ଦେଇଛନ୍ତି।

## ସିଧାମୂଳା ପଞ୍ଚାୟତରେ ସ୍ମାର୍ଟ ଶ୍ମଶାନ ନିର୍ମାଣ ଦାବି

କଣ୍ଟିଲୋ,(ନିପ୍ର): ଦିର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ଖଣ୍ଡପଡ଼ା ବ୍ଲକ ଅଧିନ ସିଧାମୂଳା ପଞ୍ଚାୟତରେ ଶବଦାହ ନିମନ୍ତେ ଶ୍ମଶାନଟିଏ ନ ଥିବାରୁ ବିଭିନ୍ନ ସମୟରେ ଅଞ୍ଚଳବାସୀ ସମାସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡିଛି। ସିଧାମୂଳା ଗ୍ରାମ ପାର୍ଶ୍ୱ ଦେଇ ପ୍ରବାହିତ ଚିରସ୍ରୋତା ମହାନଦୀର ବିସ୍ତିର୍ଣ୍ଣ ବାଲୁକାଶଯ୍ୟାରେ ଅଞ୍ଚଳବାସୀ ବର୍ଷ ବର୍ଷ ଧରି ଖୋଲାମେଲାରେ ଶବଦାହ କରି ଆସୁଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସମଗ୍ର ସିଧାମୂଳା ପଞ୍ଚାୟତରେ ୭ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ବାସ କରୁଥିବାବେଳେ ମହାନଦୀ ପଠା ଓ ମାଳବନ୍ଧ ପାର୍ଶ୍ୱସ୍ଥ ଚାରଣ ଭୂମି ପାଲଟିଛି ଅଞ୍ଚଳବାସୀଙ୍କ ପାଇଁ ଶବଦାହ ସ୍ଥଳ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

ରାଜ୍ୟ ସରକାର ପ୍ରତ୍ୟେକ ପଞ୍ଚାୟତରେ ଏବେ ସ୍ମାର୍ଟ ଶ୍ମଶାନ ନିର୍ମାଣ ନିମନ୍ତେ ଲକ୍ଷ ଲକ୍ଷ ଅନୁଦାନ ମଞ୍ଜୁର କରୁଥିଲେ ହେଁ ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ମଧ୍ୟ ବ୍ଲକ ପ୍ରଶାସନ ସେଥିପ୍ରତି ଗୁରୁତ୍ୱ ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି ବର୍ଷା ଋତୁରେ ମହାନଦୀ ପଠାରେ ଶବଦାହ ନିମନ୍ତେ ସିଧାମୂଳା ପଞ୍ଚାୟତବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ତେବେ ସିଧାମୂଳା ପଞ୍ଚାୟତବାସୀଙ୍କ ସ୍ୱାର୍ଥ ଓ ସୁବିଧାକୁ ଦୃଷ୍ଟିରେ ରଖି ସିଧାମୂଳା ଓ ନିକଟସ୍ଥ ରାଜକିଆରୀ ଗ୍ରାମ ପାର୍ଶ୍ୱସ୍ଥ ସରକାରୀ ଜାଗାରେ ୨ ଟି ସ୍ମାର୍ଟ ଶ୍ମଶାନ ନିର୍ମାଣ ନିମନ୍ତେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଓ ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ପୁରୀ : ୧୨୭ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଯିବେ

ପୁରୀ,(ନିପ୍ର): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲ୍ଲାର ୧୨୭ ଜଣ ଲେଖାଏଁ ତୀର୍ଥଯାତ୍ରୀ ଦୁଇଟି ପର୍ଯ୍ୟାୟରେ ବାରଣାସୀ-ଅଯୋଧ୍ୟା ଗସ୍ତରେ ଯିବେ। ପ୍ରଥମ ପର୍ଯ୍ୟାୟ ସେପ୍ଟେମ୍ବର ୨ ରୁ ୭ ପର୍ଯ୍ୟନ୍ତ ଓ ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବର ୨୮ରୁ ନଭେମ୍ବର ୨ ପର୍ଯ୍ୟନ୍ତ।ସେମାନଙ୍କୁ ସହଯୋଗ ପାଇଁ ୪ ଜଣ ସହାୟକ ଅଧିକାରୀ ମଧ୍ୟ ସେମାନଙ୍କ ସହ ଯିବେ।ଏ ସମ୍ପର୍କରେ ରାଣ୍ଡମୋଜାଇସନ ମାଧ୍ୟମରେ ଯାତ୍ରୀ ଚୟନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏହି ଅନଲାଇନ ରାଣ୍ଡମୋଜାଇସନଙ୍କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପରିଚାଳନା କରାଯାଇଥିଲା। ସେପଟ୍ଟେମ୍ବର ୧ ତାରିଖରେ ତୀର୍ଥଯାତ୍ରୀମାନେ ପର୍ଯ୍ୟଟନ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ସ୍ୱତନ୍ତ୍ର ଗାଡ଼ିରେ ଭୁବନେଶ୍ୱର ପଠାଯିବ। ଭୁବନେଶ୍ୱରରୁ ସେମାନେ ସେପଟ୍ଟେମ୍ବର ୨ ତାରିଖରୁ ଯାତ୍ରା ଆରମ୍ଭ କରିବେ।

## ଷଷ୍ଠ ଓଡିଶା ବାଟାଲିଆନର ଏନସିସି ଶିବିର ଉଦ୍‌ଯାପିତ

ପୁରୀ(ନିପ୍ର): ତାଳବଣିଆ ସ୍ଥିତ ୬ଷ୍ଠ ଓଡିଶା ବାଟାଲିଆନ ଏନସିସିର ୧୦ ଦିନିଆ ଶିବିର ଆଜି ସଂଧ୍ୟାରେ ଉଦ୍‌ଯାପିତ ହୋଇଥିଲା। ଉଦ୍‌ଯାପନ ଶିବିରରେ କମାଣ୍ଡିଙ୍ଗ ଅଫିସର କଲୋନେଲ ଅଙ୍କୁର ଭଟ୍ଟନଗର ଯୋଗ ଦେଇ ଏନସିସି କ୍ୟାଡେଟ ମାନଙ୍କର ଲକ୍ଷ୍ୟ, ଉଦ୍ଦେଶ୍ୟ, ସାହସ,ଶୃଙ୍ଖଳା ଓ ସମାଜ ପ୍ରତି ଉତ୍ତରଦାୟିତ୍ୱ ସମ୍ପର୍କରେ ଅଭିବ୍ୟକ୍ତି ରଖିଥିଲେ। ଏନସିସିର ପ୍ରତିଟି କ୍ୟାଡେଟ ଏଭଳି ଅନୁଶାସନରେ ସୃଷ୍ଟି ଯେ ସେମାନେ ନିଜ ଜୀବନ କୁ ବାଜି ଲଗାଇ ପରୋପକାର ଓ ସମାଜସେବା ପାଇଁ ଉତ୍ସର୍ଗୀକୃତ ହୋଇଥାନ୍ତି।ଏଠାରୁ ତାଲିମ ନେଇଥିବା ପ୍ରତ୍ୟେକ କ୍ୟାଡେଟ ମାନେ ଜଣେ ଜଣେ ବୀରତ୍ୱର ପ୍ରତୀକ ବୋଲି ସେ କହିଥିଲେ।ଅନ୍ୟତମ ଅତିଥି ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ , ଆଡମିନ ଅଫିସର କଲୋନେଲ ଆର୍ଚିଭ ଥାପା ଯୋଗ ଦେଇ କ୍ୟାଡେଟ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।ପରେ କ୍ୟାଡେଟ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।ଏହି ଶିବିରରେ ଷଷ୍ଠ ବାଟାଲିୟନ ଅଧିନରେ ଥିବା ୬୮ ଟି ଶିକ୍ଷାନୁଷ୍ଠାନ ର ଏନସିସିର ୩୪୦ କ୍ୟାଡେଟ ଯୋଗ ଦେଇଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ସୁବେଦାର ମେଜର ବିକାଶ ଚନ୍ଦ୍ର, ସୁବେଦାର ପ୍ରଦୀପ ସିଂ,ସୁବେଦାର ବଳଦେବ ସିଂ,ସୁବେଦାର ସୁରେଶ ସିଂ,ସୁବେଦାର ମହମ୍ମଦ ଅଲ୍ଲୀ, ସୁବେଦାର ଓମକାର ମଲ୍ଲ, ଅନ୍ୟାନ୍ୟ ଏନସିସି ଅଧିକାରୀ, କର୍ମଚାରୀ ଓ କ୍ୟାଡେଟ ମାନେ ଯୋଗ ଦେଇଥିଲେ।ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସର୍ବ ଭାରତୀୟ କର୍କଟ ରୋଗ ନିରୂପଣ ସମ୍ବନ୍ଧୀୟ କର୍ମଶାଳା

କଟକ(ନିପ୍ର): ଏସସିବି ମେଡ଼ିକାଲ କଲେଜ ଠାରେ ଅଗଷ୍ଟ ୨୦ ରୁ ୨୨ ପର୍ଯ୍ୟନ୍ତ ହେବାକୁ ଥିବା କର୍କଟ ରୋଗ ନିରୂପଣ ସମ୍ବନ୍ଧୀୟ କର୍ମଶାଳା ଏବଂ ନିରନ୍ତର ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟର ୧୦ଟି ମେଡ଼ିକାଲ କଲେଜରୁ ଏବଂ ଦେଶର ଟିଏମଏଚ ତଥା ଏଏମସ ରୁ ୩୦୦ରୁ ଉର୍ଦ୍ଧ୍ୱ ନିଦାନ ବିଭାଗର ପିଜି ଛାତ୍ରଛାତ୍ରୀ ଏବଂ ଡାକ୍ତରମାନେ ଯୋଗଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମ ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା । ଏହାକୁ ଏସସିବି ମେଡ଼ିକାଲ କଲେଜର ଅଧ୍ୟକ୍ଷ ଡା. ପ୍ରତିଭା ପଣ୍ଡା, ଅଧିକ୍ଷକ ଡା. ଜ୍ୟୋତିଷ ଚୌଧୁରୀ ଏବଂ କର୍କଟ ହସ୍‌ପିଟାଲର ଅଧ୍ୟକ୍ଷ ଡା. ରେଖା ଦାସ ଉଦ୍‌ଘାଟନ କରିଥିଲେ । କର୍ମଶାଳାର ଆୟୋଜିକା ସଭାପତି ଡା. ଆସରନ୍ତି କର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଡା. ମୀନାକ୍ଷୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଙ୍କୀ ଏନଏସିର ବିଭିନ୍ନ ସମସ୍ୟା ନେଇ ଦାବିପତ୍ର

ବାଙ୍କୀ,(ନିପ୍ର): କଟକ ଜିଲ୍ଲା ବାଙ୍କୀ ଏନଏସିର ୧୭ଟି ୱାର୍ଡରେ ଆଶାନୁରୂପ ବିକାଶ ହୋଇପାରିନଥିବା ବିଭିନ୍ନ ସମସ୍ୟାର ସମାଧାନ ନେଇ ଏନଏସି ପକ୍ଷରୁ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।



ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଏନଏସି ଅଧ୍ୟକ୍ଷା ମାଣିକ ସାହୁ, ଉପନଗରପାଳ ସନ୍ତୋଷ ରଣା ଏବଂ କାଉନସିଲର ସନାତନ ବେହେରା ପ୍ରମୁଖ ମନ୍ତ୍ରୀଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ।

ଦାବିପତ୍ରରେ ବାଙ୍କୀ ଏନଏସିକୁ ମ୍ୟୁନିସିପାଲିଟି ମାନ୍ୟତା ପ୍ରଦାନ ସହିତ ଏନଏସି ଚତୁଃପାର୍ଶ୍ୱରେ ଥିବା ବାଙ୍କୀ-ଡମପଡ଼ା ବ୍ଲକର ହରିରାଜପୁର, ଦୁର୍ଗାପୁର ଓ ରଗଡ଼ି-ଗୋପାଳପୁର ପଞ୍ଚାୟତର ୨ଟି ୱାର୍ଡ—୨୧ ଓ ୨୨କୁ ଏନଏସିରେ ସାମିଲ କରିବାକୁ ଦାବି କରାଯାଇଛି। ଏନେଇ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

ଏଥିସହ ନୂତନ ଏନଏସି କାର୍ଯ୍ୟାଳୟ ନିର୍ମାଣ, ବୁଲା ଷଣ୍ଢ ଓ ଗୋରୁଙ୍କ ସୁରକ୍ଷା ଓ ଥଇଥାନ ପାଇଁ ସହର ମଧ୍ୟରେ ଗୋଶାଳା ନିର୍ମାଣ, ସାଧାରଣ ଲୋକଙ୍କ ସୁବିଧା ପାଇଁ ବହୁତଳ ମାର୍କେଟ କମ୍ପ୍ଲେକ୍ସ, ସ୍ୱତନ୍ତ୍ର ମାଛ ଓ ପରିବା ବଜାର, ସ୍ଥାୟୀ ବସଷ୍ଟାଣ୍ଡ ଏବଂ ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ନିର୍ମାଣ ଭଳି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ବାଙ୍କୀ ସହରର ବିକାଶ ଓ ଲୋକଙ୍କ ସମସ୍ୟାର ସମାଧାନ ଦିଗରେ ମନ୍ତ୍ରୀ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଆଶ୍ୱାସନ ଦେଇଥିବା ଜଣାପଡ଼ିଛି।

## ନିଶାମୁକ୍ତ ଭାରତ ଅଭିଯାନ ସଚେତନତା ନିମନ୍ତେ ଶପଥ ଗ୍ରହଣ କାର୍ଯ୍ୟକ୍ରମ

କଟକ(ନିପ୍ର) : ନିଶାମୁକ୍ତ ଭାରତ ଅଭିଯାନର ଅନ୍ତର୍ଗତ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା କକ୍ଷଠାରେ ଏକ ସଚେତନତା ତଥା ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନିଶାଦ୍ରବ୍ୟ ସେବନର କୁପରିଣାମ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ଶପଥପାଠ କରାଯାଇଥିଲା । ନିଶାଶକ୍ତ ବ୍ୟକ୍ତି କେବଳ ନିଜ ଜୀବନକୁ ପ୍ରଭାବିତ କରେ ନାହିଁ, ଏହା ପରିବାର ଓ ସମାଜ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଥାଏ। ତେଣୁ ନିଶା ନିବାରଣ ପାଇଁ ସମସ୍ତଙ୍କ ସକ୍ରିୟ ଭାଗୀଦାରି ଅତ୍ୟନ୍ତ ଆବଶ୍ୟକ ବୋଲି ସଭାରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଡଃ. ଦିବ୍ୟଲୋଚନ ମହନ୍ତ ଏବଂ ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ଅବକାରୀ ଅଧୀକ୍ଷକ କରୁଣାଶଙ୍କର ତିୱାରୀ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ର ଦେବସ୍ମିତା ଭଉଣୀ, କୀର୍ତ୍ତି ଭଉଣୀ ଓ ଭାଇମାନଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ । ନିଶାଦ୍ରବ୍ୟରୁ ଦୂରେଇ ରହିବା ସହ ନିଜ ପରିବାର, ବନ୍ଧୁବର୍ଗ ଓ ସମାଜର ଅନ୍ୟମାନଙ୍କୁ ମଧ୍ୟ ନିଶାମୁକ୍ତ ଜୀବନଯାପନ ପାଇଁ ପ୍ରେରିତ କରିବାକୁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗୁଣପୁର(ନିପ୍ର): ଆଜି ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଗୁଣୁପୁର ପୌରପରିଷଦ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୁଣପୁର ସ୍ଥିତ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଛି । ଏହି ଶିବିରରେ ପରିଷଦ ଅଧ୍ୟକ୍ଷା ମମତା ଗୌଡ, ପରିଷଦ ବୃନ୍ଦ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼, ଏଲିଜାବେଥ ଗୋରଡା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼, ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ଓ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଗୁଣପୁର ରଞ୍ଜିତା ବେହେରା ଶିବିରରେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୨୩୮ ଜଣ ଭିନ୍ନକ୍ଷମଙ୍କ ପଞ୍ଜୀକରଣ କରାଯିବା ସହ ୫ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସି. ପି ଚେୟାର ଓ ୨ ଜଣ ଭିନ୍ନକ୍ଷମଙ୍କୁ ଚାଲିବା ବାଡି ପ୍ରଦାନ କରାଗଲା । ଉକ୍ତ ଶିବିରରେ ୧୩୧ ଜଣ ଭିନ୍ନକ୍ଷମଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞ, ମାନସିକ ରୋଗ ବିଶେଷଜ୍ଞ, ନାସା କର୍ଣ୍ଣ ଗଳା ବିଶେଷଜ୍ଞ, ବରିଷ୍ଠ ଫାର୍ମାସିଷ୍ଟଙ୍କ ଦ୍ୱାରା ପରୀକ୍ଷା କରାଯାଇ ଆଗାମୀ ଦିନରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ । ଏହି ଶିବିରକୁ ସନ୍ତୋଷ କୁମାର ନାୟକ, ନିର୍ବାହୀ ଅଧିକାରୀ ଗୁଣପୁର, ବି କିରଣ, ବରିଷ୍ଠ ସହାୟକ, ଭାସ୍କର ପ୍ରଧାନ ପରିଚାଳନା କରିଥିଲେ ଏବଂ ଗୁଣପୁର ପୌରପରିଷଦର ସମସ୍ତ କର୍ମଚାରୀ ବୃନ୍ଦ ଉକ୍ତ ଶିବିରରେ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ ।

## ଏନ୍‌ଏସ୍‌ଏସ୍ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ପାଇଲେ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ

ଭବାନୀପାଟଣା,(ନିପ୍ର): ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପକ ତଥା ଏନ୍‌ଏସ୍‌ଏସ୍ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ-୨୦୨୬ ରେ ସମ୍ମାନୀତ ହୋଇଛନ୍ତି। ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ଜୟନ୍ତୀରେ ଜାତୀୟ ଶିକ୍ଷା




କ୍ଷେତ୍ରରେ ଅନେକ କାର୍ଯ୍ୟ କରିଥିବା ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶଙ୍କୁ ଏହି ସମ୍ମାନ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ଠାରେ ପିସିସି ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, ସଭାପତି ସତ୍ୟବ୍ରତ ନାଏକ, ଓଡ଼ିଶା ବିଧାନସଭା କଂଗ୍ରେସ ବିରୋଧି ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ମନ୍ତ୍ରୀ ସୁରେଶ ଚନ୍ଦ୍ର ରାଉତରାୟ, ଏମ୍ସର ପୂର୍ବତନ ଅଧ୍ୟକ୍ଷ ଡା. ଅଶୋକ ମହାପାତ୍ରଙ୍କ ଦ୍ୱାରା ଏହି ପୁରସ୍କାର ପ୍ରଦତ୍ତ କରାଯାଇଛି। ସମାଜସେବା ଓ ଯୁବ ପିଢିଙ୍କ ପାଇଁ ଅନବରତ କାର୍ଯ୍ୟ କରୁଥିବା ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶଙ୍କ ସେବା ଓ କୃତିତ୍ୱକୁ ସମ୍ମାନୀତ କରିବା ପାଇଁ ଏହି ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ-୨୦୨୬ ଦିଆଯାଇଛି।

## ଭୋଟର ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,(ନିପ୍ର): ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ-୪୪ ଅଧୀନ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିର୍ବାଚନୀ ସାକ୍ଷରତା କ୍ଲବ୍ ପକ୍ଷରୁ ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।କାର୍ଯ୍ୟକ୍ରମରେ ନିର୍ବାଚନର ବିଶେଷ ଦାଇତ୍ୱ ରେ ଥିବା ଡେପୁଟି କଲେକ୍ଟର ଶ୍ରୀମତୀ ସାଗରିକା ସାହୁ, ଡେପୁଟି କଲେକ୍ଟର (ନିର୍ବାଚନ ) ପ୍ରତିମା ନାୟକ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। "କୌଣସି ଯୋଗ୍ୟ ଭୋଟର ବାଦ୍ ପଡ଼ିବେ ନାହିଁ" ବିଷୟବସ୍ତୁକୁ ନେଇ ସ୍ଲୋଗାନ୍ ଲେଖନ, ନାଟିକା ଓ ଗୋଷ୍ଠୀ ଆଲୋଚନା ଆୟୋଜନ କରାଯାଇଥିଲା।ଏହି ଅବସରରେ ଡେପୁଟି କଲେକ୍ଟର ଶ୍ରୀମତୀ ସାଗରିକା ସାହୁ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସଂଶୋଧିତ ସମୟସୂଚୀ, ଭୋଟର ପଞ୍ଜୀକରଣ ଏବଂ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ପ୍ରକ୍ରିୟା ଉପରେ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ସେ ଯୋଗ୍ୟ ଯୁବ ଓ ଭବିଷ୍ୟତ ଭୋଟରମାନଙ୍କୁ ସମୟୋଚିତ ଭାବେ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବାକୁ ଆହ୍ୱାନ କରିଥିଲେ।

## ଦରବୃଦ୍ଧି ପ୍ରତିବାଦରେ ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସର ବିଶାଳ ବିକ୍ଷୋଭ



ସୋନପୁର(ନିପ୍ର): ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦରଦାମ ବୃଦ୍ଧିକୁ ବିରୋଧ କରି ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ଜୋରଦାର ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଛକଠାରେ ସନ୍ଧ୍ୟା ସମୟରେ ଶତାଧିକ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଏକତ୍ରିତ ହୋଇ ସରକାର ବିରୋଧୀ ନାରାବାଜି କରିବା ସହ ତୀବ୍ର ପ୍ରତିବାଦ ଜଣାଇଥିଲେ। କଂଗ୍ରେସ କର୍ମୀମାନେ ହାତରେ ଦଳୀୟ ବ୍ୟାନର ଧରି ବିଜେପି ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ବିକ୍ଷୋଭକାରୀଙ୍କ କହିବା ଅନୁଯାୟୀ, ବିଜେପି ଶାସନକୁ ଆସିବା ପରେ ଚିନି ଦର କିଲୋ ପ୍ରତି ୩୫ ଟଙ୍କାରୁ ବୃଦ୍ଧି ପାଇ ୭୦ ଟଙ୍କାରେ ପହଞ୍ଚିଛି। ସେହିପରି ଆଳୁ, ପିଆଜ, ଲୁଣ ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ପନିପରିବାର ଦର ଅହେତୁକ ଭାବେ ବୃଦ୍ଧି ପାଇବାରୁ ସାଧାରଣ ଖାଉଟି ତଥା ଗରିବ ଓ ମଧ୍ୟବିତ୍ତ ପରିବାର ନାହିଁ ନଥିବା ହଇରାଣ ହେଉଛନ୍ତି। ସରକାର ଦରଦାମ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ବିଧାୟକ ବିନୋଦ ପାତ୍ର, ବରିଷ୍ଠ ନେତା ଜିତେନ୍ଦ୍ର ପଟ୍ଟନାୟକ, ସୁଧୀର ପଣ୍ଡା, ସରୋଜ ପ୍ରଧାନଙ୍କ ସମେତ ବହୁ ସଂଖ୍ୟାରେ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ। ଯଦି ଅବିଳମ୍ବେ ନିତ୍ୟପ୍ରୟୋଜନୀୟ ସାମଗ୍ରୀର ଦର ନିୟନ୍ତ୍ରଣ କରାନଯାଏ, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ନେତୃବୃନ୍ଦ ଚେତାବନୀ ଦେଇଛନ୍ତି।

## ନାଲକୋ ପକ୍ଷରୁ ଇନ୍ଦ୍ରଧନୁଷ, ୭୪ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

ଦାମନଯୋଡି, (ନିପ୍ର): କୋରାପୁଟ ଜିଲ୍ଲା ଦାମନଯୋଡିଠାରେ ଅବସ୍ଥାପିତ ନବରତ୍ନ ଉଦ୍ୟୋଗ ନାଲକୋ ପକ୍ଷରୁ ନିଜସ୍ୱ ପ୍ରେକ୍ଷାଳୟର 'ଇନ୍ଦ୍ରଧନୁଷ' ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ନାଲକୋ କର୍ପୋରେଟ ସାମାଜିକ ଦାୟିତ୍ୱ ଅଧୀନରେ ଅଧ୍ୟୟନ କରି ୨୦୨୫/୨୬ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ହୋଇଥିବା ଦଶମ ଶ୍ରେଣୀର ୭୪ ଜଣ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ କରାଯାଇଥିଲା । କୋରାପୁଟ ବିକାଶ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା କୁତୁଡ଼ି ଗ୍ରାମର ରମେଶ




ହୁଇକାଙ୍କ ସମେତ ସର୍ବୋଚ୍ଚ ନମ୍ବର ରଖିଥିବା ଅନ୍ୟ ଦୁଇ ଛାତ୍ରଙ୍କୁ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । ନାଲକୋ ଫାଉଣ୍ଡେସନର ପ୍ରକଳ୍ପ ମହାପ୍ରବନ୍ଧକ ଆଶିଷ ସୌରଭଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ଓ ପ୍ରଶାସନିକ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରମୋହନ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ଯେଉଁ ଛାତ୍ରଛାତ୍ରୀମାନେ ଯୁକ୍ତ ୨ ଅଧ୍ୟୟନ କରୁଛନ୍ତି, ସେମାନଙ୍କୁ ବର୍ଷକୁ ୩୦ ହଜାର କରି ଦୁଇ ବର୍ଷରେ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ବୈଷୟିକ ଶିକ୍ଷା ଅଧ୍ୟୟନ କରିବା ପାଇଁ ଇଚ୍ଛା ରଖୁଥିବା ପିଲାଙ୍କ ପାଇଁ ଭୁବନେଶ୍ୱରରେ ସିଟିଇଟି ଭଳି ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପଢ଼ିବା ପାଇଁ ପ୍ରୋତ୍ସାହନ ପ୍ରଦାନ କରି ଚାଲିଛି ବୋଲି ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିଜ ଅଭିଭାଷଣରେ କହିବା ସହିତ ସମସ୍ତ ଛାତ୍ରଛାତ୍ରୀମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା ପୂର୍ବକ ଅଶୀର୍ବଚନ ପ୍ରଦାନ କହିଥିଲେ ।

## ଭବାନୀପାଟଣା ବ୍ଲକ ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷକ କଲ୍ୟାଣ ସଂଘର ନୂତନ କର୍ମକର୍ତ୍ତା

ଭବାନୀପାଟଣା,(ନି.ପ୍ର): ଭବାନୀପାଟଣା ବ୍ଲକ ଅନୁସୂଚିତ ଜାତି ଶିକ୍ଷକ କଲ୍ୟାଣ ସଂଘର ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ଜିଲ୍ଲା ସମ୍ପାଦକ ବଶିଷ୍ଠ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଭବାନୀପାଟଣା ବ୍ଲକ ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ସମସ୍ତ ଏସ.ସି.,ଏସ୍.ଟି ବର୍ଗର ଶିକ୍ଷକଶିକ୍ଷୟିତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦାନ କରି ନିଜ ନିଜର ମତ ଉପସ୍ଥାନ କରିବାର ସୁଯୋଗ ପାଇଥିଲେ । ଜିଲ୍ଲା ସଂପାଦକ ବ୍ଲକ କର୍ମକର୍ତ୍ତା ଚୟନର ସମସ୍ତ ନୀତି ନିୟମ ଓ ବ୍ୟବସ୍ଥା ଉପରେ ଅବଗତ କରାଇବା ପରେ ଉପସ୍ଥିତ ସଭ୍ୟ ସଭ୍ୟା ମାନେ ପରିଚାଳନା ପରିଷଦ ଗଠନ ନିମନ୍ତେ ବିଭିନ୍ନ ପ୍ରସ୍ତାବମାନ ଆଗତ ହୋଇଥିଲା। ଏହାକୁ ଉପସ୍ଥିତ ସମସ୍ତ ସଭ୍ୟସଭ୍ୟାମାନେ ସର୍ବସମ୍ମତିକ୍ରମେ ମାନିନେଇଥିଲେ।ବ୍ଲକ ସଭାପତି ନିମନ୍ତେ କପୁରଚନ ବାଗ, ଉପ ସଭାପତି ଭାବେ ଲାକ୍ଷ୍ମୀକାନ୍ତ ନାଏକ, ବୈଷମ ମାଝୀ, ସମ୍ପାଦକ ପଦବୀରେ ଅଙ୍ଗଦ ମାଝୀ, ସହ ସମ୍ପାଦକ ଭାବେ ରୋମାଞ୍ଚଳ ଧରୁଆ,ରୋଜାଲୀନ ପୁଟା,କୋଷାଧକ୍ଷ୍ୟ ଭାବେ ମଞ୍ଜୁଳା ମାଝୀ ପ୍ରମୁଖ ନେତୃ ମଣ୍ଡଳୀଙ୍କ ନାମ ଘୋଷଣା ହୋଇଥିଲା ।

## ଆଇକନିକ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଖଣ୍ଡପଡ଼ା ଓଏଭିରୁ ୧୧ ଛାତ୍ରଛାତ୍ରୀ କୃତକାର୍ଯ୍ୟ

ଖଣ୍ଡପଡ଼ା (ନି.ପ୍ର): ଭୁବନେଶ୍ୱର ଅନ୍ଧାରୁଆସ୍ଥିତ ଆଇକନିକ ଓଡିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ ନିମନ୍ତେ ରାଜ୍ୟସ୍ତରରେ ଆୟୋଜିତ ପ୍ରବେଶିକା ପରୀକ୍ଷାରେ ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟର ୧୧ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ପ୍ରକାଶିତ ପରୀକ୍ଷା ଫଳାଫଳରୁ ଜଣାପଡିଛି। ଅନୁଷ୍ଠାନର ୧୦ ମ ଶ୍ରେଣୀର ଛାତ୍ର ସୁନିଲ ସାହୁ ପ୍ରବେଶିକା ପରୀକ୍ଷାରେ ରାଜ୍ୟସ୍ତରରେ ୧୫ ତମ ସ୍ଥାନ ଅଧିକାର କରି ଅନୁଷ୍ଠାନ ପାଇଁ ଗୌରବ ଆଣିଥିବା ଜଣାଯାଇଛି। ଛାତ୍ର ସୁନିଲ ପାଠ ପଢି ଭବିଷ୍ୟତରେ ଜଣେ ମହାକାଶ ବିଜ୍ଞାନୀ ହେବାର ଲକ୍ଷ୍ୟ ରଖିଥିବା ନେଇ ସାକ୍ଷାତକାରରେ ପ୍ରକାଶ କରିଛନ୍ତି। ତେବେ ଆଇକନିକ ଓଡିଶା ଆଦର୍ଶ ବିଦ୍ୟାଳୟ ନିମନ୍ତେ କୃତକାର୍ଯ୍ୟ ହୋଇଥିବା ଅନ୍ୟ ଛାତ୍ରଛାତ୍ରୀମାନେ ହେଲେ ପଦାରବିନ୍ଦ ଦାଶ,ଚିରଞ୍ଜିବ ସାହୁ,ଦେବାଶିଷ ଦଳେଇ, ଅଂଶୁମାନ ମହାରଣା,ଶ୍ରେୟାନ ମହାରଣା, ସୁପ୍ରିୟା ସାହୁ,ଜୟଶ୍ରୀ ନାୟକ,ଦେବାଶିଷ ଦଳେଇ ,ଇପସିତା ପଣ୍ଡା,ସୌଭାଗ୍ୟ ରଞ୍ଜନ ବୋଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମନୋଜ କୁମାର ବିଶ୍ୱାଳଙ୍କ ଠାରୁ ପ୍ରକାଶ। କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ସାହୁ,ବରିଷ୍ଠ ଶିକ୍ଷକ ବିଦ୍ୟାଧର ମହାରଣାଙ୍କ ସମେତ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନ

ବୁଗୁଡ଼ା,(ନିପ୍ର): ବୁଗୁଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ବଳଦେବ ଜୀଉ ମହିଳା ମହାବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନ ଅବସରରେ ଏକ ଭୋଟର ସାକ୍ଷରତା ଓ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ଛାତ୍ରୀମାନଙ୍କୁ ଗଣତନ୍ତ୍ରରେ ଭୋଟଦାନର ଗୁରୁତ୍ୱ, ନିର୍ବାଚନ ପ୍ରକ୍ରିୟା ଏବଂ ଭୋଟର ତାଲିକାରେ ନାମ ସଂଯୋଜନ, ସଂଶୋଧନ ଓ ବିଲୋପ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଏହି ଶିବିରରେ ଗୋଷ୍ଠୀଉନ୍ନୟନ ଅଧିକାରୀ ଦ୍ୟୁତିକୃଷ୍ଣ ପାତ୍ର, ତହସିଲଦାର ତାପସ ରାଉତ ଉପସ୍ଥିତ ରହି ୧୮ ବର୍ଷ ବୟସ ପୂରଣ କରିଥିବା ପ୍ରତ୍ୟେକ ଯୁବକ-ଯୁବତୀଙ୍କର ଭୋଟର ଭାବେ ପଞ୍ଜୀକରଣ କରିବା ଏକ ସାମ୍ବିଧାନିକ ଅଧିକାର ଓ ଦାୟିତ୍ୱ। ନିଜ ଭୋଟର ପରିଚୟପତ୍ର ଓ ଭୋଟର ତାଲିକାର ତଥ୍ୟ ସଠିକ୍ ରଖିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ନିର୍ବାଚନ ସଚେତନତା ସମ୍ପର୍କିତ ବିଭିନ୍ନ ବାର୍ତ୍ତା, ଶପଥ ପାଠ ଏବଂ ବିତର୍କ ମାଧ୍ୟମରେ ଯୁବ ଭୋଟରମାନଙ୍କୁ ନିର୍ଭୀକ, ନିରପେକ୍ଷ ଓ ସଚେତନ ଭାବେ ମତଦାନ କରିବାକୁ ପ୍ରେରିତ କରାଯାଇଥିଲା। ଶିବିରରେ ମହାବିଦ୍ୟାଳୟର ଅଧ୍ୟକ୍ଷା, ଅଧ୍ୟାପକ-ଅଧ୍ୟାପିକା, ବିଏଲଓ ଏବଂ ବହୁ ସଂଖ୍ୟକ ଛାତ୍ରୀ ଉପସ୍ଥିତ ଥିଲେ, ଅଭିଯାନ ପରିପ୍ରେକ୍ଷୀରେ ଆୟୋଜିତ ଭୋଟର ସାକ୍ଷରତା ସମ୍ପର୍କିତ ଶିବିରରେ ଭୋଟର ସମ୍ବନ୍ଧୀୟ ସଚେତନତା ସହ ତର୍କ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସ୍କୁଟି-ପଲସର ଧକ୍କା: ଓଲ୍‌ଡିଂ ମିସ୍ତ୍ରୀ ଗୁରୁତର

ସାଲେପୁର,(ନିପ୍ର): ଆଜି ଦିନ ୨ଟା ସମୟରେ ସାଲେପୁର-କୁଆଁପାଳ ରାସ୍ତାର ଏସ୍.ଡି.ପି.ଓ.ଙ୍କ କାର୍ଯ୍ୟାଳୟ ନିକଟରେ ଏକ ଦୁର୍ଘଟଣା ଘଟି ଜଣେ ଓଲ୍ଡିଂ ମିସ୍ତ୍ରୀ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଆଜି ଦିନ ପ୍ରାୟ ୨ଟା ସମୟରେ ସାଲେପୁର-କୁଆଁପାଳ ରାସ୍ତାର ଏସ୍.ଡି.ପି.ଓ.ଙ୍କ କାର୍ଯ୍ୟାଳୟ ନିକଟରେ ଏକ ପଲସର ଯୋଗେ ଯମଦଣ୍ଡ ବଜାରରେ ଓଲଡିଂ ଦୋକାନ କରିଥିବା ତଥା ଅସୁରେଶ୍ୱର ଅଞ୍ଚଳର ସେକ୍ କଲିମ୍ ଉଦ୍ଦିନ (୪୮) ଆସୁଥିବାବେଳେ ଏକ ସ୍କୁଟି ତାଙ୍କୁ ଧକ୍‌କା ଦେବା ଫଳରେ କଲିମ୍ ଉଦ୍ଦିନ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡିଥିବାବେଳେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସାଲେପୁର ଓ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି। ତାଙ୍କର ଅବସ୍ଥା ଗୁରୁତର ଥିବାବେଳେ ସ୍କୁଟି ଚାଳକ ଜଣେ ନାବାଳକ ହୋଇଥିବାବେଳେ ସେ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି।

ତିଥି :(ନବମୀ): (ଅନୁରାଧା ବିଛା)
ଅମୃତ ବେଳା: ଦିବା ଘ ୭।୭ ମଧ୍ୟେ ଘ୭।୫୫ ଗତେ

## ଆଜିର ଅନୁଚିନ୍ତନ

ଯେ ସମସ୍ତ ନାଶବାନ୍ ପ୍ରାଣୀଙ୍କ ମଧ୍ୟରେ ପରମାତ୍ମାଙ୍କୁ ନାଶରହିତ ଓ ସମରୂପେ ସ୍ଥିତ ଦେଖେ, ସେ ବାସ୍ତବରେ ଠିକ୍ ଦେଖେ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଆଞ୍ଚଳିକ ସମସ୍ୟା

ବ୍ୟଙ୍ଗ ଚିତ୍ରଟିଏ। ସାମ୍ନାରେ ଭରପୂର ଶ୍ରୋତା। ମଞ୍ଚରେ ଶାସକ ଦଳର ଜଣେ ନେତା ଦେଉଥାନ୍ତି ସମ୍ଭବତଃ ଦେଉଥାନ୍ତି ଅନର୍ଗଳ ଭାଷଣ। ଠାଏ କହିଲେ,' ଆମ ସରକାର କେତେ ଦକ୍ଷ ତାହା ଆପଣମାନେ ଜାଣିବାକୁ ଚାହାନ୍ତି କି ? ତେବେ ଯାହା କିଛି ଚାହୁଁଛନ୍ତି ପୋଷ୍ଟ କରିବାକୁ  ଆମ ବିରୋଧରେ, କରନ୍ତୁ।  ଆମେ ତାହାକୁ ମାତ୍ର ୧୦ ମିନିଟ୍‌ରେ ତଳେ ପକାଇଦେବୁ।' ଏହା ନିଶ୍ଚିତ ଭାବରେ ଏକ ନକାରାତ୍ମକ ଦିଗ। ନ ବୁଝି ନ ଶୁଝି ପୋଷ୍ଟ ଫିଙ୍ଗିଦେବାର ଅର୍ଥ ନିଷ୍କ୍ରିୟତାର ଛବି। ଏହା ଦ୍ୱାରା କେବେ ପୁଂଜୀଭୂତ ନିଆଁ କୌଣସି ନା କୌଣସି ରୂପରେ ପ୍ରକଟିତ ହେବା ସମ୍ଭାବନା ରହିବ। କାରଣ ଗଣତାନ୍ତ୍ରିକ ବ୍ୟବସ୍ଥା ଗଣସ୍ୱର ଶୁଣାଯିବା ପାଇଁ ଉଦ୍ଦିଷ୍ଟ ।

ତଥାକଥିତ ପୋଷ୍ଟ ପରିପ୍ରକାଶ ଯେ କେବଳ ଡିଜିଟାଲ ବା ସୋସିଆଲ ମିଡିଆରେ ହେବ ଏପରି ନୁହେଁ। ଏହା ମଧ୍ୟ ବୈଦ୍ୟୁତିକ କିମ୍ବା ଛାପା ଗଣମାଧ୍ୟମ ଜରିଆରେ ଲୋକଙ୍କ ସମସ୍ୟା ଭାବରେ ଉଭା ହୋଇପାରେ। ତାହା ପୁଣି ସାଧାରଣ ରାସ୍ତାର ଦୁରବସ୍ଥାକୁ ନେଇ ହୋଇପାରେ। ଯେମିତି ନିକଟରେ ଘଟିଛି କଳାହାଣ୍ଡି ଜିଲ୍ଲାରେ। ଜିଲ୍ଲାର ଲାଂଜିଗଡ଼ ବ୍ଲକର ଆଦିବାସୀ ଅଧ୍ୟୁଷିତ ବିଜେପୁର ଗ୍ରାମ ପଞ୍ଚାୟତର ବସ୍ତରପଡ଼ା ଗ୍ରାମର ମଝିପଡ଼ା। ଆମ୍ବୁଲାନସ ପହଞ୍ଚିବା ପୂର୍ବରୁ ଜଣେ ମହିଳାଙ୍କ କନ୍ୟାଶିଶୁ ଜନ୍ମ ପରେ ନିକଟବର୍ତ୍ତୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ଆବଶ୍ୟକ ଥିଲା। ନିକଟବର୍ତ୍ତୀ ସାହୁପଡ଼ାରେ ପହଞ୍ଚିଲା ଆମ୍ବୁଲାନସ ପଛକେ, ମଝିପଡ଼ାକୁ ଯାଇ ପାରିଲା ନାହିଁ। କାରଣ ରାସ୍ତା କାଦୁଅ ପଚପଚ। ପରିବାରର କିଛି ସଦସ୍ୟ ଓ କିଛି ପଡ଼ୋଶୀ ମିଳିମିଶି ଆଶାକର୍ମୀଙ୍କୁ ସାଥିରେ ନେଇ ଷ୍ଟ୍ରେଚର ଯୋଗେ ପ୍ରସୂତିଙ୍କୁ କପଡ଼ା ଘୋଡ଼ାଇ ବୋହି ନେଲେ। ବର୍ଷା ଝିପିଝିପି ଲାଗି ରହିଥିବାରୁ ଦୁଇଜଣ ଛତା ଧରିଥିଲେ। ରାଜଧାନୀ ଭୁବନେଶ୍ୱରରୁ ଦୂର ତଥା ଦୁର୍ଗମ ଅଞ୍ଚଳରେ ରାସ୍ତାର ଏ ଶୋଚନୀୟତା ଗୋଟିଏ ନୁହେଁ, ଏକାଧିକ  ଏବଂ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ବେଳେ ସମସ୍ୟା ଉପୁଜିବ ହିଁ ଉପୁଜିବ। ସେମିତି ନିକଟରେ ଗଂଜାମ ଜିଲ୍ଲା ଗଂଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ପଞ୍ଚାୟତର ବାଉଁଶିଆପଡ଼ା। ଶବଦାହ ପାଇଁ ଗାଁ'ରେ ଶ୍ମଶାନ ନାହିଁ। ଏଣୁ ଗାଁ'ର ଲୋକେ ଗ୍ରାମ ନିକଟ ଏକ କେନାଲ ସାଙ୍ଗକୁ  ବିଲ ପାର ହୋଇ ଯାଇ ଏକ ସ୍ଥାନରେ ଦାହ କରିଥାନ୍ତି। ନିକଟରେ ଜନୈକଙ୍କ ମୃତ୍ୟୁ ପରେ ଦାହ କରି ଯିବା ବେଳେ ବାଟରେ ଗାଁ ଲୋକେ ବହୁ ହୀନସ୍ତା ହୋଇଥିଲେ। ଦେଶ ସ୍ୱାଧୀନତା ପାଇବାର ୮୦ ବର୍ଷ ବିତିଯାଇଛି। ସଡ଼କ ଏକ ମୌଳିକ ଆବଶ୍ୟକତା,ଯେଉଁଥିରେ ସ୍ୱଚ୍ଛନ୍ଦରେ ଯା'ଆସ କରିହେବ।

ନିକଟରେ ରାଜ୍ୟସ୍ତରୀୟ ସ୍ୱାଧୀନତା ସମାରୋହ ଅବସରରେ ଘୋଷଣା କରାଯାଇଛି, ଓଡ଼ିଶାର ସବୁ ଅଞ୍ଚଳକୁ ତିନି ପ୍ରମୁଖ ସଡ଼କ ଭିତ୍ତିଭୂମି ପ୍ରକଳ୍ପ ଯୋଜନା ଯଥା: ବ୍ରହ୍ମପୁରରୁ ଜୟପୁର, ପାରଳାଖେମୁଣ୍ଡିରରୁ ଆମ୍ବାଭୋନା ନମୋ ଏକ୍ସପ୍ରେସ ୱେ ଏବଂ ମୋଟୁ ଠାରୁ ତିରିଂ ପର୍ଯ୍ୟନ୍ତ ଅଟଳ ଏକ୍ସପ୍ରେସ ୱେ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି ଓ ଏ ବାବଦକୁ ଖର୍ଚ୍ଚ ହେବ ୩୧ ହଜାର କୋଟି। ଏ ଘୋଷଣାରେ କଳାହାଣ୍ଡି ଓ ଗଂଜାମର ଆଲୋଚ୍ୟ ଅଞ୍ଚଳବାସୀ କେତେ ଆଶ୍ୱସ୍ତ ତାହା ସେମାନେ ମତ ରଖିପାରିବେ,ମାତ୍ର ସେମାନଙ୍କ ସମ୍ମୁଖରେ ନିଜ ଆଞ୍ଚଳିକ ରାସ୍ତା ନିର୍ମାଣ ହେଉ ଏ ଦାବି ରହିବା ସ୍ୱାଭାବିକ ଏବଂ ଏହି ରାସ୍ତା ନିର୍ମାଣ ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ, ଏହା କହିବା ବାହୁଲ୍ୟ ହେବ।

# ନିଶାଦ୍ରବ୍ୟ ବିରୋଧରେ ଶୂନ୍ୟ ସହନଶୀଳତା

ଅନ୍ତର୍ଜାତୀୟ ନାର୍କୋଟିକ୍ସ ସିଣ୍ଡିକେଟ୍ ବିରୋଧରେ ଲଢ଼େଇରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରି, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ଦିଲ୍ଲୀର ସରୋଜିନୀ ନଗରର ପିଲ୍ଲଞ୍ଜି ବାସିନ୍ଦା ପଳାତକ ବୀରେନ୍ଦ୍ର ସିଂ ବସୋୟାଙ୍କୁ ଭାରତକୁ ଫେରାଇ ଆଣିଛି। ନୂଆଦିଲ୍ଲୀର ଆଇ. ଜି. ଆଇ. ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଏନ. ସି. ବି. ର ଅନୁରୋଧ କ୍ରମେ ପ୍ରକାଶିତ ଏକ ଇଣ୍ଟରପୋଲ ରେଡ୍ ନୋଟିସ୍ ଅନୁଯାୟୀ ଜୁନ୍ ୨୦୨୬ ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁ. ଏ. ଇ.) ରେ ବସୋୟାଙ୍କୁ ଗିରଫ କରାଯାଇଥିଲା। ଭାରତୀୟ ଏଜେନ୍ସିଗୁଡ଼ିକ ଦ୍ୱାରା ୟୁ. ଏ. ଇ. କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ସମନ୍ୱୟ ମାଧ୍ୟମରେ ତାଙ୍କର ଭାରତ ପ୍ରତ୍ୟାବର୍ତ୍ତନ ସୁରକ୍ଷିତ ହୋଇଥିଲା।

ଏକ୍ସ ପ୍ଲାଟଫର୍ମରେ ଏକ ପୋଷ୍ଟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ 'ମୋଦୀ ସରକାର ବିଦେଶରେ ଲୁଚି ରହିଥିବା ନିଶାଦ୍ରବ୍ୟ ଚୋରା ଚାଲାଣକାରୀଙ୍କୁ ନିରନ୍ତର ଟ୍ରାକ୍ କରୁଛନ୍ତି ଏବଂ ନିଷ୍ଠୁର ଆଭିମୁଖ୍ୟ ସହିତ ସେମାନଙ୍କର ସମଗ୍ର ଇକୋସିଷ୍ଟମକୁ ନଷ୍ଟ କରୁଛନ୍ତି। ନିଶାଦ୍ରବ୍ୟ ବିରୋଧରେ ଶୂନ୍ୟ ସହନଶୀଳତା ନୀତିରେ ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି କରି, ୟୁ.ଏ.ଇ. ରୁ ପଳାତକ ଡ୍ରଗ୍ କିଙ୍ଗ୍ ପିନ୍ ବୀରେନ୍ଦ୍ର ସିଂ ବସୋୟାଙ୍କୁ ଏନ୍. ସି. ବି. ଭାରତ ଫେରାଇ ଆଣିଛି । ଅପରାଧୀଙ୍କୁ ଠାବ କରି, ଆମର ଏଜେନ୍ସିମାନେ ପୁଣି ଥରେ ପ୍ରମାଣିତ କରିଛନ୍ତି ଯେ ନିଶାଦ୍ରବ୍ୟ ଚୋରା ଚାଲାଣକାରୀମାନେ ଯେଉଁଠି ଲୁଚି ରୁହନ୍ତୁ ନା କାହିଁକି, ସେମାନେ ଭାରତୀୟ ଆଇନର କବଳରୁ ରକ୍ଷା ପାଇପାରିବେ ନାହିଁ । ଏହି ମାମଲା ଫେବୃଆରୀ ୨୦୨୪ ରେ ପୁଣେରେ ଆରମ୍ଭ ହୋଇଥିଲା, ଯେତେବେଳେ ପୁଣେ ସିଟି ପୋଲିସ୍ ୫୦୦ ଗ୍ରାମ ମେଫେଡ୍ରୋନ ଜବତ କରିଥିଲା। ଏହା ପରେ ସମଗ୍ର ନିଶାଦ୍ରବ୍ୟ କାରବାର ନେଟୱାର୍କକୁ ଚିହ୍ନଟ କରିବା ଏବଂ ଭାଙ୍ଗିବା ପାଇଁ ଅନୁସନ୍ଧାନକୁ ବ୍ୟାପକ କରାଯାଇଥିଲା। ପରବର୍ତ୍ତୀ ଅନୁସନ୍ଧାନ ଏବଂ କାର୍ଯ୍ୟାନୁଷ୍ଠାନର ଫଳସ୍ୱରୂପ ପୁଣେରୁ ପ୍ରାୟ ୮୬୭ କିଲୋଗ୍ରାମ ଏବଂ ଦିଲ୍ଲୀରୁ ୯୭୦ କିଲୋଗ୍ରାମ ମେଫେଡ୍ରୋନ ଉଦ୍ଧାର କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାକୁ ଅଧିକ ତଦନ୍ତ ପାଇଁ ଏନସିବିର ମୁମ୍ବାଇ ଜୋନାଲ ୟୁନିଟକୁ ସ୍ଥାନାନ୍ତର କରାଯାଇଥିଲା।

ଅନୁସନ୍ଧାନରେ ବସୋୟାଙ୍କୁ ଜଣେ ପ୍ରମୁଖ ବିଦେଶୀ ଅପରେଟିଭ୍ ଏବଂ ଅଭିଯୁକ୍ତ ଷଡଯନ୍ତ୍ରକାରୀ ଭାବରେ ଚିହ୍ନଟ କରାଯାଇଥିଲା ଯିଏ ବିଦେଶରୁ ସିଣ୍ଡିକେଟ୍ କାର୍ଯ୍ୟକଳାପକୁ ସମନ୍ୱୟ କରିଥିଲେ ଏବଂ ଭାରତରୁ ଅନ୍ୟ ଦେଶକୁ ମେଫେଡ୍ରୋନ୍ ମାଲ ରପ୍ତାନୀରେ ସହାୟତା କରିଥିଲେ।

ବାସୋୟାଙ୍କ ପ୍ରତ୍ୟାବର୍ତ୍ତନ ଅପରେସନ ଗ୍ଲୋବାଲ-ହଣ୍ଟ ଅଧୀନରେ ଏନସିବିର ନିରନ୍ତର ପ୍ରୟାସର ଏକ ଅଂଶ, ଯାହା ବିଦେଶରୁ କାର୍ଯ୍ୟ କରୁଥିବା ପ୍ରମୁଖ ନିଶା ବ୍ୟବସାୟୀ ଏବଂ ପଳାତକମାନଙ୍କୁ ଚିହ୍ନଟ କରିବା ଏବଂ ଅନୁସରଣ କରିବା ପାଇଁ ଆରମ୍ଭ କରାଯାଇଥିଲା । ଏହି ପଦକ୍ଷେପ ଇଣ୍ଟରପୋଲ ରେଡ୍ ନୋଟିସ୍ ସମେତ ଅନ୍ତର୍ଜାତୀୟ ସହଯୋଗ ଏବଂ ଭାରତୀୟ ତଥା ବିଦେଶୀ ଆଇନ ପ୍ରବର୍ତ୍ତନ ଏଜେନ୍ସି ସହିତ ପରିଚାଳନା ସମନ୍ୱୟକୁ ମଜଭୁତ କରିଥାଏ ।(ପିଆଇବି)

# ଡେଙ୍ଗୁର ଟିକାକରଣକୁ ସ୍ୱୀକୃତି

**ଡା. ରାଜକିଶୋର ପଣ୍ଡା**

"

**ଯେ କୌଣସି ଡେଙ୍ଗୁ ଟିକା "ଟେଟ୍ରାଭାଲେଣ୍ଟ" ହେବା ନିହାତି ଦରକାର ଅର୍ଥାତ୍ ଏହା ଭାଇରସ୍‌ଟିର ଚାରୋଟି ପ୍ରଜାତିକୁ ଏକା ସାଙ୍ଗରେ ଓ ସମାନ ଭାବରେ ପ୍ରତିରୋଧ କରିବାର ଆବଶ୍ୟକତା ରହିଛି। ଚାରୋଟି ପ୍ରଜାତିରୁ ଯେକୌଣସି ଗୋଟିଏକୁ ଯଦି ନିର୍ଦ୍ଦିଷ୍ଟ ଟିକା ପ୍ରତିରୋଧ କରିପାରିଲା ନାହିଁ, ଏହାକୁ ବ୍ୟବହାର କଲେ ଏ.ଡି.ଇ ହେବାର ସମ୍ଭାବନା ରହିଥାଏ। ଯଦିଓ ସାନୋଫି ଦ୍ୱାରା ପ୍ରସ୍ତୁତ ଟୀକା "ଡେଙ୍ଗଭାକ୍ସିଆ"କୁ ପ୍ରାରମ୍ଭିକ ସମୟରେ ସଫଳ ବୋଲି ସ୍ୱୀକାର କରାଗଲା, ଏ.ଡି.ଇ. କାରଣରୁ ହିଁ ଏହା ଦୀର୍ଘସ୍ଥାୟୀ ହୋଇପାରିଲା ନାହିଁ। 'କ୍ୟୁଡେଙ୍ଗା' କିନ୍ତୁ ଏକ ଟେଟ୍ରାଭାଲେଣ୍ଟ ଟିକା ଅଟେ, ଯାହାକି ଦୁର୍ବଳ ଡେନଭି-୨ ପ୍ରଜାତିର ଆନୁବଂଶିକ ପଦାର୍ଥ ଉପରେ ପର୍ଯ୍ୟବେସିତ।**

ଗୋଟିଏ ସମୟ ଥିଲା, ଯେତେବେଳେ ମ୍ୟାଲେରିଆ ମଶା ଦ୍ୱାରା ବ୍ୟାପୁଥିବା ସେହି ରୋଗଥିଲା, ଯାହାକୁ ଅଧିକାଂଶ ଭାରତୀୟ ଭୟ କରୁଥଲେ। ଏହାର ବିପରୀତରେ ଡେଙ୍ଗୁକୁ କମ୍ ପ୍ରଚଳିତ ଓ ଭୟାବହ ବୋଲି ବିବେଚନା କରାଯାଉଥିଲା। କିନ୍ତୁ ଏହି ସ୍ଥିତି ବର୍ତ୍ତମାନ ନାଟକୀୟ ଭାବରେ ବଦଳି ଯାଇଛି। ବିଗତ ଦୁଇ ଦଶକରେ ଡେଙ୍ଗୁ ଭାରତ ଓ ଅନ୍ୟାନ୍ୟ ସ୍ଥାନରେ କ୍ଷିପ୍ରତାର ସହ ବ୍ୟାପିଛି। ଏବେ ଜ୍ୱର ହେବା, ହସ୍ପିଟାଲରେ ଭର୍ତ୍ତି ଭଳି ପରିସ୍ଥିତି ସୃଷ୍ଟି, ଏପରିକି ମୃତ୍ୟୁ ମଧ୍ୟ ଘଟିତ ହେବାର ଏକ ପ୍ରମୁଖ କାରଣ ପାଲଟିଛି "ଡେଙ୍ଗୁ" ବିଶେଷ କରି ମୌସୁମୀ ସମୟରେ। ଏହା ପରେ ମଧ୍ୟ ମ୍ୟାଲେରିଆ ପାଇଁ ପ୍ରଭାବଶାଳୀ ଔଷଧ ରହିଛି, କିନ୍ତୁ ଡେଙ୍ଗୁ ପାଇଁ କୌଣସି ଆଣ୍ଟିଭାଇରାଲ୍ ଉପଲବ୍ଧ ନାହିଁ।

ଡେଙ୍ଗୁ ଏକ ମଶାର କାମୁଡ଼ିବା ଦ୍ୱାରା ହୋଇଥାଏ। ଏହି ମଶାଟି ହେଉଛି "ମାଇ ଏଡିସ୍"। ଏଡିସ୍ ମଶାରେ ଥାଏ ଏହି ରୋଗକୁ ସୃଷ୍ଟି କରୁଥିବା ଭୂତାଣୁ ଯାହାକୁ କୁହାଯାଏ 'ଡେଙ୍ଗୁ ଭାଇରସ୍'। ଏହି ଭାଇରସ୍‌ର ଚାରୋଟି ପ୍ରଜାତି ଅଛନ୍ତି। ସେମାନେ ହେଉଛନ୍ତି ଡେନଭି-୧, ଡେନଭି-୨, ଡେନଭି-୩ ଓ ଡେନଭି-୪। ଆଶ୍ୱସ୍ତିର କଥା ହେଉଛି କି ଭାରତର ଔଷଧ ନିୟନ୍ତ୍ରକ ବିଭାଗ ଏବେ ନିକଟରେ ଦେଶର ପ୍ରଥମ ଡେଙ୍ଗୁ ନିରୋଧ ଟିକାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ଟିକାଟିର ନାମ ହେଉଛି କ୍ୟୁଡେଙ୍ଗା। ଡେଙ୍ଗୁ ଭାଇରସ୍‌ର ଚାରୋଟି ପ୍ରଜାତିକୁ ପ୍ରତିରୋଧ କରିପାରିବା ଲକ୍ଷ୍ୟନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ଚାରିବର୍ଷର ଶିଶୁଠାରୁ ଆରମ୍ଭ କରି ଷାଠିଏ ବର୍ଷ ପର୍ଯ୍ୟନ୍ତ ବୟସ୍କ ଲୋକଙ୍କୁ ସେମାନେ ପୂର୍ବରୁ ଡେଙ୍ଗୁ ଆକ୍ରାନ୍ତ ହୋଇଥାନ୍ତୁ ବା ନ ହୋଇଥାନ୍ତୁ, ଏହି ଟିକାଟି ଦିଆଯାଇପାରିବ। ବିଶ୍ୱବ୍ୟାପୀ ଚାଳିଶରୁ ଅଧିକ ଦେଶ କ୍ୟୁଡେଙ୍ଗାକୁ ସ୍ୱୀକୃତି ପ୍ରଦାନ କରିସାରିଲେଣି। ଏହାକୁ ନିର୍ମାଣ କରିଛି ଜାପାନର ଫାର୍ମାସ୍ୟୁଟିକାଲ୍ ଉଦ୍ୟୋଗ "ଟାକେଡା"। ଅନୁମାନ କରାଯାଉଛି କି ବିଶ୍ୱବ୍ୟାପୀ ଦେଖାଯାଉଥିବା ଡେଙ୍ଗୁ ମାମଲାର ଏକ ତୃତୀୟାଂଶ ଭାରତରେ ହୋଇଥାଏ। ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୫ରେ ଭାରତରେ ପାଖାପାଖି ଏକଲକ୍ଷ କୋଡ଼ିଏ ହଜାର ଡେଙ୍ଗୁ ମାମଲା ଓ ଏଥିଯୋଗୁଁ ଏକଶହ ଏକତିରିଶଟି ମୃତ୍ୟୁ ପଞ୍ଜୀକୃତ ହୋଇଛି। ଏହି ତଥ୍ୟ କିନ୍ତୁ ଡେଙ୍ଗୁର ପ୍ରକୃତ ବୋଝକୁ କମ୍ ଦେଖାଇଥାଏ। ଅନେକ ସଂକ୍ରମଣର ଯାଞ୍ଚ ହୋଇନଥାଏ, କେତେ ରୋଗୀଙ୍କର ଚିକିତ୍ସାର ପଞ୍ଜୀକରଣ ହୁଏନା ଏବଂ ଅନ୍ୟତ୍ର କିଛି ଡେଙ୍ଗୁ ଜନିତ ମୃତ୍ୟୁକୁ ରକ୍ତସ୍ରାବ ଭଳି ଜଟିଳତା ହେତୁ ମୃତ୍ୟୁ ହେଲା ବୋଲି ଧରିନିଆଯାଏ। ଡେଙ୍ଗୁର ଟିକା ପ୍ରସ୍ତୁତି ଏକ କଷ୍ଟକର ବ୍ୟାପାର ବୋଲି ପ୍ରମାଣିତ ହୋଇଛି। 'କ୍ୟୁଡେଙ୍ଗା' ପୂର୍ବରୁ ଆହୁରି କେତୋଟି ଟିକା ମଧ୍ୟ ଅତୀତରେ ଆସିଛି । କିନ୍ତୁ ପ୍ରତ୍ୟେକଟି ସହ ବୈଜ୍ଞାନିକ, ସୁରକ୍ଷା ଓ ଉପଯୋଗୀତା ଜନିତ ସମସ୍ୟା ଜଡ଼ିତ ଥିଲା। ଡେଙ୍ଗୁ ଭାଇରସ୍‌ର ଚାରୋଟି ପ୍ରଜାତି (ଡେନଭି ୧-୪) ଭାରତରେ ଏହି ରୋଗଟିକୁ ସୃଷ୍ଟି କରିଥାନ୍ତି। ପ୍ରତ୍ୟେକ ପ୍ରଜାତି ଅନ୍ୟ ପ୍ରଜାତି ଠାରୁ ଏହି ଭାବରେ ଭିନ୍ନ ଯେ ଯଦି କୌଣସି ପ୍ରଜାତି ବିରୋଧରେ ପ୍ରାକୃତିକ ପ୍ରତିରୋଧ ବ୍ୟବସ୍ଥା ମଣିଷ ଶରୀରରେ ସୃଷ୍ଟି ହେଲା, ଉକ୍ତ ପ୍ରତିରୋଧ ବ୍ୟବସ୍ଥା କେବଳ ସେହି ନିର୍ଦ୍ଦିଷ୍ଟ ପ୍ରଜାତିକୁ ହିଁ ବାଧା ଦେବ। ଅନ୍ୟ ପ୍ରଜାତିର ସଂକ୍ରମଣକୁ ଏହି ପ୍ରତିରୋଧ ରୋକି ନ ପାରେ। ଯେଉଁ ବ୍ୟକ୍ତିଙ୍କୁ ଡେଙ୍ଗୁ ସଂକ୍ରମଣ ହୋଇଛି, ତାଙ୍କୁ ସଂକ୍ରମିତ କରିଥିବା ଡେଙ୍ଗୁ ଭାଇରସ୍ ପ୍ରଜାତି ଅନୁଯାୟୀ ସଂପୃକ୍ତ ବ୍ୟକ୍ତିଙ୍କ ରକ୍ତରେ ଆଣ୍ଟିବଡି ସୃଷ୍ଟି ହେବ। ଏହାକୁ ସେରୋପଜିଟିଭ୍ କୁହାଯାଏ। ଯାହାଙ୍କୁ ଡେଙ୍ଗୁ ସଂକ୍ରମଣ ହୋଇନାହିଁ, ତାଙ୍କ ରକ୍ତରେ ଆଣ୍ଟିବଡି ଦେଖାଯିବ ନାହିଁ ଓ ଏହାକୁ ସେରୋନେଗେଟିଭ୍ ବୋଲି କୁହାଯିବ। ଯେତେବେଳେ ଜଣେ ସେରୋପଜିଟିଭ୍ ବ୍ୟକ୍ତି (ଡେଙ୍ଗୁର ଚାରି ପ୍ରଜାତି ମଧ୍ୟରୁ ଯେକୌଣସି ଗୋଟିଏ ଦ୍ୱାରା ସଂକ୍ରମଣ ହେତୁ), ନିଜ ଜୀବନକାଳରେ ଅନ୍ୟ ଗୋଟିଏ ଡେଙ୍ଗୁ ପ୍ରଜାତି(ପୂର୍ବ ସଂକ୍ରମଣରୁ ଅଲଗା ପ୍ରଜାତି) ଦ୍ୱାରା ସଂକ୍ରମିତ ହୁଅନ୍ତି, ସେତେବେଳେ ଏହା ଭୟାବହ ଡେଙ୍ଗୁ ଜ୍ୱରରେ ପରିଣତ ହୋଇପାରେ। ଏହାର କାରଣ ହେଉଛି, ପ୍ରଥମ ଡେଙ୍ଗୁ ଭାଇରସ୍ ପ୍ରଜାତିର ଆଣ୍ଟିବଡି, ଦ୍ୱିତୀୟ ପ୍ରଜାତିର ସଂକ୍ରମଣକୁ ବଢ଼ାଇ ଦେଇଥାଏ। ଏହାକୁ ଡାକ୍ତରୀ ଭାଷାରେ କୁହାଯାଏ ଆଣ୍ଟିବଡି ଡିପେଣ୍ଡାଣ୍ଟ ଏନହେନ୍ସମେଣ୍ଟ୍ ବା ଏ.ଡି.ଇ। ଏ.ଡି.ଇ କୁ ପ୍ରତିରୋଧ କରିବା ହିଁ ହେଉଛି ଡେଙ୍ଗୁ ଟିକା ନିର୍ମାଣର ମୂଳତତ୍ତ୍ୱ।

ଯେ କୌଣସି ଡେଙ୍ଗୁ ଟିକା "ଟେଟ୍ରାଭାଲେଣ୍ଟ" ହେବା ନିହାତି ଦରକାର ଅର୍ଥାତ୍ ଏହା ଭାଇରସ୍‌ଟିର ଚାରୋଟି ପ୍ରଜାତିକୁ ଏକା ସାଙ୍ଗରେ ଓ ସମାନ ଭାବରେ ପ୍ରତିରୋଧ କରିବାର ଆବଶ୍ୟକତା ରହିଛି। ଚାରୋଟି ପ୍ରଜାତିରୁ ଯେକୌଣସି ଗୋଟିଏକୁ ଯଦି ନିର୍ଦ୍ଦିଷ୍ଟ ଟିକା ପ୍ରତିରୋଧ କରିପାରିଲା ନାହିଁ, ଏହାକୁ ବ୍ୟବହାର କଲେ ଏ.ଡି.ଇ ହେବାର ସମ୍ଭାବନା ରହିଥାଏ। ଯଦିଓ ସାନୋଫି ଦ୍ୱାରା ପ୍ରସ୍ତୁତ ଟୀକା "ଡେଙ୍ଗଭାକ୍ସିଆ"କୁ ପ୍ରାରମ୍ଭିକ ସମୟରେ ସଫଳ ବୋଲି ସ୍ୱୀକାର କରାଗଲା, ଏ.ଡି.ଇ. କାରଣରୁ ହିଁ ଏହା ଦୀର୍ଘସ୍ଥାୟୀ ହୋଇପାରିଲା ନାହିଁ। 'କ୍ୟୁଡେଙ୍ଗା' କିନ୍ତୁ ଏକ ଟେଟ୍ରାଭାଲେଣ୍ଟ ଟିକା ଅଟେ, ଯାହାକି ଦୁର୍ବଳ ଡେନଭି-୨ ପ୍ରଜାତିର ଆନୁବଂଶିକ ପଦାର୍ଥ ଉପରେ ପର୍ଯ୍ୟବେସିତ। ଏଥିରେ ଅନ୍ୟ ତିନୋଟି ପ୍ରଜାତିର ଆନୁବଂଶିକ ପଦାର୍ଥ ମଧ୍ୟ ସାମିଲ ଅଛି। ଏହାକୁ ତିନିମାସର ବ୍ୟବଧାନରେ ଦୁଇଟି ଡୋଜ୍‌ରେ ଦେବାର ବ୍ୟବସ୍ଥା ରହିଛି। କ୍ୟୁଡେଙ୍ଗାର ଦକ୍ଷତା ସମ୍ବନ୍ଧରେ ହୋଇଥିବା ପରୀକ୍ଷଣରୁ ଜଣା ପଡ଼ିଛି କି, ଏକ ବର୍ଷରେ ଏହାର ପ୍ରଭାବ ପାଖାପାଖି ଅଶି ପ୍ରତିଶତ ରହିଛି ଓ ଅଠର ମାସ ସମୟ ସୀମା ମଧ୍ୟରେ ଡେଙ୍ଗୁରେ ପୀଡ଼ିତ ହୋଇ ହସ୍‌ପିଟାଲରେ ଭର୍ତ୍ତି ହେବାର ସମ୍ଭାବନାରେ ନବେ ପ୍ରତିଶତ ହ୍ରାସ ଘଟୁଛି। ହାଇଦ୍ରାବାଦ ସ୍ଥିତ ଔଷଧ ନିର୍ମାତା "ବାୟୋଲୋଜିକାଲ୍-ଇ" ଓ ଟାକେଡା ମିଳିତ ଭାବରେ ଭାରତରେ ବାର୍ଷିକ ପାଞ୍ଚ କୋଟି ଟୀକା ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି, ଯାହାକି ୨୦୩୦ ସୁଦ୍ଧା ବାର୍ଷିକ ଦଶ କୋଟିରେ ପରିଣତ ହେବ। ଭାରତ ଏହାଦ୍ୱାରା ଏକ ପ୍ରମୁଖ ଟିକା ଉତ୍ପାଦନ କେନ୍ଦ୍ର ହୋଇପାରିବ। କ୍ୟୁଡେଙ୍ଗାକୁ ସ୍ୱୀକୃତି ପ୍ରଦାନ ଭାରତ ପାଇଁ ଆରମ୍ଭ ମାତ୍ର। ଗୋଦାମ, କ୍ଲିନିକ୍ ଓ ସରକାରୀ ଡାକ୍ତରଖାନାରେ ଗଚ୍ଛିତ ଥିବା ଟିକା ସେତେବେଳ ପର୍ଯ୍ୟନ୍ତ ରୋଗକୁ ପ୍ରତିରୋଧ କରିପାରେନାହିଁ, ଯେଉଁ ପର୍ଯ୍ୟନ୍ତ ତାହା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ନାହିଁ। କ୍ୟୁଡେଙ୍ଗାକୁ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ କବଚରେ ପରିଣତ କରିବା ବହୁଳ ଭାବରେ ନିର୍ଭର କରୁଛି, ଏହାର ମୂଲ୍ୟ ନିର୍ଦ୍ଧାରଣ, କୋଲଡ୍ ଚେନ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶିକ୍ଷଣ ଉପରେ। ଏହି ଟିକାକୁ ନେଇ ଏକ ରାଷ୍ଟ୍ରବ୍ୟାପୀ ଟିକାକରଣ କାର୍ଯ୍ୟକ୍ରମ କରିବା ଆବଶ୍ୟକ ନୁହେଁ, ଏହା ଏ ଲେଖକର ମତ। କାରଣ ଡେଙ୍ଗୁର ଉପସ୍ଥିତି ଆମ ଦେଶରେ ଅସମାନତାର ସହ ଦେଖିବା ପାଇଁ ମିଳେ। କେତେକ ଗ୍ରାମ ବା ସହରାଞ୍ଚଳରେ ଏହାର ପ୍ରାଦୁର୍ଭାବ ଓ ବିପଦ ଖୁବ୍ ବେଶୀ ଥିବା ବେଳେ ଅନ୍ୟତ୍ର ନ ଥାଏ। ଯେଉଁଠାରେ ଏହାର ପ୍ରାବଲ୍ୟ ଅଛି ସରକାର ସେଠାରେ ସୁଲଭତାର ସହ କ୍ୟୁଡେଙ୍ଗାକୁ ଯୋଗାଇବାର ବ୍ୟବସ୍ଥା କରିପାରିବେ।

ଟିକା ସହିତ ଉପଯୁକ୍ତ ନିରୀକ୍ଷଣ ମଧ୍ୟ ନିତାନ୍ତ ଜରୁରୀ। ଏଥିରେ ଜିଲ୍ଲା ସ୍ତରୀୟ ଡାଟା, ବେସରକାରୀ ହସ୍ପିଟାଲରୁ ସମ୍ପୂର୍ଣ୍ଣ ରିପୋର୍ଟ ଓ ଡେଙ୍ଗୁ ପ୍ରଜାତିର (ସେରୋଟାଇପ୍) ବ୍ୟାପିବା ନେଇ ନିର୍ଭୁଲ ତଥ୍ୟର ଆବଶ୍ୟକତା ରହିଛି। ସମଗ୍ର ଦେଶରେ କମ୍ ମାତ୍ରାରେ କ୍ୟୁଡେଙ୍ଗାକୁ ଯୋଗାଇବା ଅପେକ୍ଷା, ଡେଙ୍ଗୁ ପ୍ରବଣ ଅଞ୍ଚଳରେ ଏହାକୁ ଅଧିକ ମାତ୍ରାରେ କେନ୍ଦ୍ରୀଭୂତ କଲେ ଅଧିକ ସୁଫଳ ମିଳିବାର ସମ୍ଭାବନା ରହିଛି। ଟିକାକରଣ ସହିତ ମଶା ନିୟନ୍ତ୍ରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉ। କ୍ୟୁଡେଙ୍ଗା ରୂପରେ ଦେଶକୁ ଡେଙ୍ଗୁ ବିରୋଧରେ ଏକ ଉପଯୁକ୍ତ ଅସ୍ତ୍ର ମିଳିଛି। ଏହା ସାଙ୍ଗକୁ ଆବଶ୍ୟକ ରହିଛି ସରକାର ଓ ଲୋକମାନଙ୍କର ଭାଗିଦାରୀ ଯାହାକି କୌଣସି ଯୋଜନାର ସଫଳ ରୂପାୟନ ପାଇଁ ପଥ ପରିଷ୍କାର କରେ।

ଓଡ଼ିଶା ସ୍ୱାସ୍ଥ୍ୟ ସେବା,
ଭୁବନେଶ୍ୱର
ମୋ- ୮୧୪୪୦୪୨୯୯୭

# ଭାରତୀୟ ନିର୍ବାଚନ ବ୍ୟବସ୍ଥାକୁ ଆମେରିକାର ପ୍ରଶଂସା

**ଡ. ପ୍ରମୋଦ କୁମାର ପଣ୍ଡା**

"

**ଚଳିତ ମାସ ପ୍ରଥମ ସପ୍ତାହରେ ଭାରତର ମୁଖ୍ୟ ନିର୍ବାଚନ କମିସନର ବିନା ବୈଧ ଭୋଟର ପରିଚୟ ପତ୍ରରେ ନିର୍ବାଚନ କିପରି ହେଉଛି ବୋଲି ଆମେରିକୀୟ ପ୍ରଶାସନକୁ ପ୍ରଶ୍ନ କରିଥିଲେ। ପ୍ରତିକ୍ରିୟା ରଖି ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଭାରତୀୟ ନିର୍ବାଚନ ବ୍ୟବସ୍ଥା ଏବଂ ମୁଖ୍ୟ ନିର୍ବାଚନ କମିସନରଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ଭାରତୀୟ ନିର୍ବାଚନ ବ୍ୟବସ୍ଥାକୁ ଆଗାମୀ ଦିନରେ ଆମେରିକା ଅନୁକରଣ କରିବ ବୋଲି ମଧ୍ୟ ସେ ତାଙ୍କ ଜବାବରେ ସ୍ପଷ୍ଟ କରିଛନ୍ତି।**

ବିଶ୍ୱର ସର୍ବବୃହତ ଲୋକତନ୍ତ୍ର ଭାରତରେ ନିଷ୍ପକ୍ଷ ନିର୍ବାଚନ ଆୟୋଜନ ଏକ କଠିନ ଆହ୍ୱାନ। କୋଟି କୋଟି ମତଦାତାଙ୍କୁ ବିଶ୍ୱାସକୁ ନେଇ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ବାସ୍ତବିକ ଏକ କାଠିକର ପାଠ। ତଥାପି ପ୍ରତି ପାଞ୍ଚ ବର୍ଷରେ ଆମ ଦେଶର ଲୋକେ ବ୍ୟବସ୍ଥିତ ଢଙ୍ଗରେ ନିଜ ସରକାର ନିଜେ ଗଠନ କରିଥାନ୍ତି। ଭାରତରେ ନିର୍ବାଚନ ଏକ ପ୍ରମୁଖ ଉତ୍ସବ ଭଳି ପାଳିତ ହୋଇଥାଏ। ସେଥିଯୋଗୁଁ ଆମ ଦେଶର ନିର୍ବାଚନ ବ୍ୟବସ୍ଥା ବିଶ୍ୱବିଦିତ, ବିଶ୍ୱବନ୍ଦିତ।

ଆମେରିକା ବିଶ୍ୱର ସର୍ବପୁରାତନ ଲୋକତନ୍ତ୍ର। ସେଠାରେ ମଧ୍ୟ ନିର୍ବାଚନ ମାଧ୍ୟମରେ ଲୋକେ ସରକାର ବାଛନ୍ତି। ଭୋଟ ଦିଅନ୍ତି। କିନ୍ତୁ ସେଠିକାର ଓ ଭାରତର ନିର୍ବାଚନ ବ୍ୟବସ୍ଥା ମଧ୍ୟରେ ଆକାଶ ପାତାଳ ଫରକ ରହିଛି। ଭୋଟର ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଆମେରିକା ଭାରତ ସହ ତୁଳନୀୟ ନୁହଁ। ସେମାନଙ୍କ ଭୋଟର ସଂଖ୍ୟା ଭାରତୀୟ ଭୋଟରଙ୍କ ଚାରି ଭାଗରୁ ଏକ ଭାଗ, ଏକ ଚତୁର୍ଥାଂଶ। ତେଣୁ ଆମେରିକାରେ ନିର୍ବାଚନ ବ୍ୟବସ୍ଥା ଅପେକ୍ଷାକୃତ ଅଧିକ ମଜଭୁତ ଏବଂ ଉନ୍ନତ ହେବା କଥା। ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଗତ ନିର୍ବାଚନରେ ଭାରତର ପଞ୍ଜିକୃତ ଭୋଟର ସଂଖ୍ୟା ୯୭.୯୮ କୋଟି ଥିବାବେଳେ ଆମେରିକାରେ ଏହାର ସଂଖ୍ୟା ମାତ୍ର ୨୩.୪୫ କୋଟି ଥିଲା। ପାଖାପାଖି ୧୦୦ କୋଟି ଲୋକଙ୍କୁ ନେଇ ଶାନ୍ତି ଶୃଙ୍ଖଳାର ସହିତ ନିଷ୍ପକ୍ଷ ନିର୍ବାଚନ ଆୟୋଜନ ଯାହାକୁ ମଧ୍ୟ ଚକିତ କରିପାରେ। ଏଥିରୁ ଆମେରିକା ବା ବାଦ୍ ଯିବ କିପରି ?

ଚଳିତ ମାସ ପ୍ରଥମ ସପ୍ତାହରେ ଭାରତର ମୁଖ୍ୟ ନିର୍ବାଚନ କମିସନର ବିନା ବୈଧ ଭୋଟର ପରିଚୟ ପତ୍ରରେ ନିର୍ବାଚନ କିପରି ହେଉଛି ବୋଲି ଆମେରିକୀୟ ପ୍ରଶାସନକୁ ପ୍ରଶ୍ନ



କରିଥିଲେ। ପ୍ରତିକ୍ରିୟା ରଖି ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଭାରତୀୟ ନିର୍ବାଚନ ବ୍ୟବସ୍ଥା ଏବଂ ମୁଖ୍ୟ ନିର୍ବାଚନ କମିସନରଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ଭାରତୀୟ ନିର୍ବାଚନ ବ୍ୟବସ୍ଥାକୁ ଆଗାମୀ ଦିନରେ ଆମେରିକା ଅନୁକରଣ କରିବ ବୋଲି ମଧ୍ୟ ସେ ତାଙ୍କ ଜବାବରେ ସ୍ପଷ୍ଟ କରିଛନ୍ତି।

ଭାରତୀୟ ନିର୍ବାଚନ ବ୍ୟବସ୍ଥା ଶୃଙ୍ଖଳିତ ହେବା ପଛରେ ମୁଖ୍ୟତଃ ତିନି ଚାରି ଗୋଟି ପ୍ରମୁଖ କାରଣ ରହିଛି। ପ୍ରଥମ - ଭାରତରେ ଏକ କେନ୍ଦ୍ରୀୟ ନିର୍ବାଚନ ଆୟୋଗ ରହିଛି। ଦେଶରେ ଅବାଧ, ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ଅନୁଷ୍ଠିତ କରାଇବା ଏହି ଆୟୋଗର ଦାୟିତ୍ୱ। ଆମେରିକାରେ କିନ୍ତୁ ସେଭଳି କୌଣସି ବ୍ୟବସ୍ଥା ନାହିଁ। ସେଠି ନିର୍ବାଚନ ଅନୁଷ୍ଠିତ କିମ୍ବା ତଦାରଖ ପାଇଁ କୌଣସି କେନ୍ଦ୍ରୀୟ ସଂସ୍ଥା ନାହାନ୍ତି। ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନର ମୁଣ୍ଡ ଉପରେ ନିର୍ବାଚନ ଦାୟିତ୍ୱ ନ୍ୟସ୍ତ ଥାଏ। ନିର୍ବାଚନ ପ୍ରକ୍ରିୟା ଓ ନିୟମ ମଧ୍ୟ ଭିନ୍ନ ଭିନ୍ନ ରାଜ୍ୟ ପାଇଁ ଭିନ୍ନ ଭିନ୍ନ। ଦ୍ୱିତୀୟ - ଭାରତରେ ପ୍ରତ୍ୟେକ ମତଦାତାଙ୍କ ପାଖରେ ନିର୍ବାଚନ ଫଟୋ ପରିଚୟ ପତ୍ର ଉପଲବ୍ଧ। ସମ୍ପୃକ୍ତ ଜିଲ୍ଲାର ନିର୍ବାଚନ ଅଧିକାରୀ ପରିଚୟ ପତ୍ର ଭୋଟରଙ୍କୁ ଯୋଗାଇଥାନ୍ତି। ଏହା ଦେଶର ସମସ୍ତ ରାଜ୍ୟ ପାଇଁ ସମାନ। ଭୋଟର ଫଟୋ ପରିଚୟ ପତ୍ର କିମ୍ବା ଭାରତୀୟ ନିର୍ବାଚନ ଆୟୋଗ ଦ୍ୱାରା ସ୍ଥିରୀକୃତ ଅନ୍ୟ କୌଣସି ପରିଚୟ ପତ୍ର ମତଦାନ ବେଳେ ଦେଖାଇବା ବାଧ୍ୟତାମୂଳକ। ଅନ୍ୟଥା ଭୋଟଦାତା ମତଦାନରୁ ବଞ୍ଚିତ ହୋଇଥାଏ। ଆମେରିକାରେ କିନ୍ତୁ ସେମିତି କୌଣସି ଜାତୀୟ ଭୋଟ ପରିଚୟ ପତ୍ର ନାହିଁ। ଲୋକେ କେବଳ ନିଜର ନାମ ଓ ଠିକଣାର ସତ୍ୟାପନ କରି ନିଜର ଭୋଟ ଅଧିକାର ସାବ୍ୟସ୍ତ କରିଥାନ୍ତି। ତୃତୀୟ - ଆମ ଦେଶରେ କେବଳ ସେନା, ସୁରକ୍ଷା ବଳ, ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସରକାରୀ କର୍ମଚାରୀ, ଶାରୀରିକ ଦିବ୍ୟାଙ୍ଗ ଓ ଅତି ବୟସ୍କ ନାଗରିକ ଡ଼ାକ ଯୋଗେ ତାଙ୍କର ଭୋଟ ଅଧିକାର ସାବ୍ୟସ୍ତ କରିବା ବ୍ୟବସ୍ଥା ରହିଛି। ଏପ୍ରକାର ସୁବିଧା ସମସ୍ତଙ୍କ ପାଇଁ ନାହିଁ। ଆମେରିକାର ୫୦ ରାଜ୍ୟ ମଧ୍ୟରୁ ୩୭ ରାଜ୍ୟରେ ଯେକେହି ମଧ୍ୟ ପୋଷ୍ଟାଲ ବେଲେଟ୍ ଯୋଗେ ତାଙ୍କର ଭୋଟ ଦେଇପାରିବେ। ବ୍ୟକ୍ତିଗତ ଭାବେ ତାଙ୍କୁ ଭୋଟ ଗ୍ରହଣ କେନ୍ଦ୍ରକୁ ଯିବାର ଆବଶ୍ୟକତା ନାହିଁ। ଅନ୍ୟ ୧୩ ଟି ରାଜ୍ୟରେ ପୋଷ୍ଟାଲ ବେଲେଟ୍ ବ୍ୟବହାର କରିବାର ତାଙ୍କର ନିଜସ୍ୱ ନିୟମ ରହିଛି। ଭାରତରେ ପ୍ରାୟ ୧% ମତଦାତା ଡ଼ାକ ଯୋଗେ ଭୋଟ କରୁଥିବା ସ୍ଥଳେ ଆମେରିକାରେ ଏହା ୩୦% ପାଖାପାଖି।

୨୦୨୪ ସାଧାରଣ ନିର୍ବାଚନରେ ଭାରତରେ ୬୪.୬୪ କୋଟି ମତଦାନ କରିଥିବା ଲୋକଙ୍କ ମଧ୍ୟରୁ ମାତ୍ର ୪୨.୮୧ ଲକ୍ଷ ଡ଼ାକ ଯୋଗେ ଭୋଟ କରିଥିଲେ ଯାହା ୧% ରୁ ମଧ କମ। ପକ୍ଷାନ୍ତରେ ସେହି ବର୍ଷ ଆମେରିକାରେ ମତଦାନ ଅଧିକାର ସାବ୍ୟସ୍ତ କରିଥିବା ୧୫.୮୦ କୋଟି ନାଗରିକଙ୍କ ମଧ୍ୟରୁ ୪.୭୭ କୋଟି ଅର୍ଥାତ ପ୍ରାୟ ୩୦% ଲୋକ ଡ଼ାକ ଯୋଗେ ଭୋଟ ଦେବା ସୁବିଧା ନେଇଥିଲେ।

ରାଷ୍ଟ୍ରପତି ଟ୍ରମ୍ପଙ୍କ ଅଭିଯୋଗ ଘରୁ ପୋଷ୍ଟାଲ ବେଲେଟ୍ ବ୍ୟବହାରକାରୀ ନାଗରିକ ତାଙ୍କ ବିପକ୍ଷରେ ଭୋଟ କରିଥାନ୍ତି। ଆହୁରି ମଧ ଟ୍ରମ୍ପ ଗତବର୍ଷ ଚୀନ ଆମେରିକାର ୨୨ କୋଟି ଭୋଟରଙ୍କ ତଥ୍ୟ ଚୋରୀ କରି ତାଙ୍କୁ ନିର୍ବାଚନରେ ହରାଇବାର ଚେଷ୍ଟା କରିଥିଲା ବୋଲି ଆରୋପ କରନ୍ତି। ରୁଷିଆ ରାଷ୍ଟ୍ରପତି ବ୍ଲାଦିମୀର ପୁତିନ ୨୦୧୬ ମସିହାରେ ଆମେରିକୀ ନିର୍ବାଚନକୁ ପ୍ରଭାବିତ କରିବାର ପ୍ରୟାସ କରିଥିଲେ ବୋଲି ମଧ ତାଙ୍କର ସଂଗୀନ ଅଭିଯୋଗ ରହିଛି।

ଭାରତୀୟ ନିର୍ବାଚନ ବ୍ୟବସ୍ଥା ସହ ଜଡ଼ିତ ମତଦାତା ସୂଚୀର ବିଶେଷ ଗହନ ସମୀକ୍ଷା, ଏସଆଇଆରକୁ ନେଇ ଡୋନାଲଡ ଟ୍ରମ୍ପ ଉଦ୍‌ବୁଦ୍ଧ। ଆମେରିକୀୟ ନିର୍ବାଚନ ବ୍ୟବସ୍ଥାରେ ଗୁଣାତ୍ମକ ପରିବର୍ତ୍ତନ ଆଣିବାକୁ ସେ ବିଶେଷ ଆଗ୍ରହୀ। ଏଥିପାଇଁ ସେ 'ଦ ସେଭ ଆମେରିକା' ନାମକ ଏକ ବିଲ ସଂସଦରେ ଉପସ୍ଥାପନ କରିବେ। ନଭେମ୍ବର, ୨୦୨୬ ରେ ସେଠି ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ହେବାକୁ ଯାଉଛି। ତା ପୂର୍ବରୁ ଏହି ବିଧେୟକ ପାରିତ ହୋଇଗଲେ କାନୁନରେ ପରିଣତ ହୋଇଯିବ। ଏହି ବିଧେୟକ ଭାରତୀୟ ନିର୍ବାଚନ ବ୍ୟବସ୍ଥା ଦ୍ୱାରା ପ୍ରେରିତ। ଜାତୀୟ ସ୍ତରରେ ସମସ୍ତ ମତଦାତାଙ୍କ ପାଇଁ ଫଟୋ ଭୋଟ ପରିଚୟ ପତ୍ର, ଭୋଟ ଦାନ ପାଇଁ ନାମ ପଞ୍ଜିକରଣ ବେଳେ ନାଗରିକତାର ପ୍ରମାଣ, ସେନା, ରୋଗାକ୍ରାନ୍ତ, ଦିବ୍ୟାଙ୍ଗ ଏବଂ ଯାତ୍ରା କରୁଥିବା ବ୍ୟକ୍ତିଙ୍କ ପାଇଁ ହିଁ ପୋଷ୍ଟାଲ ବେଲେଟ୍‌ର ବ୍ୟବହାର ସେଭ ଆମେରିକା ବିଲର ମୁଖ୍ୟ ଆଧାର। ଏଥିସହ ପ୍ରବାସୀ ଓ ଅନୁପ୍ରବେଶକାରୀଙ୍କୁ ହଟେଇବା ପାଇଁ ଆମେରିକାରେ ଭାରତ ଭଳି ଏସଆଇଆର କାର୍ଯ୍ୟକ୍ରମ ଆୟୋଜିତ ହେବା ସପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପ ଦୃଢ଼ସଂକଳ୍ପ, ପ୍ରତଜ୍ଞାବଦ୍ଧ।

ନିର୍ବାଚନ ଆୟୋଗ ଏବଂ ଇଭିଏମ୍ ଉପରେ ଦୋଷାରୋପ କରିବା ଆମ ଦେଶରେ ଏକ ଧାରାରେ ପରିଣତ ହୋଇଛି। ଏସଆଇଆରକୁ ବିରୋଧ କରାଯାଇଛି। ଭୋଟ ଚୋରୀ ଆରୋପ ମଧ୍ୟ ଆସୁଛି। କିନ୍ତୁ ଆମେରିକା ଭଳି ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶ ଯେତେବେଳେ ଭାରତୀୟ ନିର୍ବାଚନ ବ୍ୟବସ୍ଥାର ଖୋଲାଖୋଲି ପ୍ରଶଂସା କରେ ଓ ତାରି ଭିତ୍ତିରେ ନିଜ ଦେଶର ନିର୍ବାଚନ ବ୍ୟବସ୍ଥାରେ ସଂଶୋଧନ କରିବାକୁ ଚାହେଁ ସେତେବେଳେ ଭାରତୀୟ ନିର୍ବାଚନ ବ୍ୟବସ୍ଥା ଉପରେ ଲଗାଯାଉଥିବା ଆରୋପ ଗୌଣ ପ୍ରତୀୟମାନ ହେବା ସ୍ୱାଭାବିକ। ନିର୍ବାଚନ ଆୟୋଗକୁ ପକ୍ଷପାତୀ କହିବା ଠିକ୍ ହେବନାହିଁ। ଇଲେକ୍ଟ୍ରୋନିକ୍ ଭୋଟିଙ୍ଗ ମେସିନ୍‌ର ଛେଡ଼ଛାଡ଼ ସହଜ ନୁହଁ। ଭୋଟ ଚୋରୀ ନିରାଧାର ଏବଂ ଅବିଶ୍ୱସନୀୟ ମନେହୁଏ। ମତଦାତା ସୂଚୀର ଶୁଦ୍ଧିକରଣ ଦେଶ ପାଇଁ ଶୁଭଙ୍କର ଅଟେ। ଏହାଦ୍ୱାରା ଦେଶର ସଂସାଧନ ଯୋଗ୍ୟ ଏବଂ ଜରୁରତମନ୍ଦ ଲୋକଙ୍କୁ ହିଁ ଉପଲବ୍ଧ ହେବ। ଅପବ୍ୟବହାର ହେବନାହିଁ କିମ୍ବା ନିଅଣ୍ଟ ପଡ଼ିବନାହିଁ। ଭାରତୀୟ ନିର୍ବାଚନ ବ୍ୟବସ୍ଥାକୁ ଆମେରିକାର ପ୍ରଶଂସା କେବଳ ପ୍ରଶଂସା ନୁହଁ । ଏହା ବିଶ୍ୱ ଦରବାରରେ ଭାରତୀୟ ଗଣତନ୍ତ୍ରର ଏକ ଅନନ୍ୟ ସଫଳତା, ଗର୍ବ ଏବଂ ଗାରିମା।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ-୭୯୭୮୨ ୮୩୧୯୦

CMYK



# ସମଲେଶ୍ୱରୀ ମନ୍ଦିର ପାର୍ଶ୍ୱର ଦୋକାନ ଗୃହ ଭାଙ୍ଗିଲା ପ୍ରଶାସନ



ବଲାଙ୍ଗିର,୨୦।୮ (ନିପ୍ର): ସହର ମଧ୍ୟ ରେ ଅବସ୍ଥାପିତ ଅଛି ବହୁ ପୁରାତନ ମା' ସମଲେଶ୍ୱରୀଙ୍କ ମନ୍ଦିର । ଏହି ମନ୍ଦିର ଦୁଇ ପାର୍ଶ୍ୱ ରେ ଜିଲ୍ଲା ଦେବୋତର ବିଭାଗ ପକ୍ଷରୁ ଆଜକୁ ବହୁ ବର୍ଷତଳେ ୨୩ଟି ପକ୍କା ଦୋକାନ ଗୃହ ନିର୍ମାଣ କରି ସ୍ଥାନୀୟ ଲୋକଙ୍କୁ ପ୍ରଦାନ କରାଯାଇଥିଲା ଏବଂ ସେଠାରେ ସେମାନେ ବିଭିନ୍ନ ଦୋକାନ ଖୋଲି ପ୍ରଶାସନ କୁ ମାସିକ ଭାଡା ପ୍ରଦାନ କରୁଥିଲେ । ଦିନକୁ ଦିନ ସହର ରେ ଲୋକସଂଖ୍ୟା ବଢ଼ିବା ସହ ରାସ୍ତା ଗୁଡିକ ପ୍ରତିବର୍ଷ କାମହେଇ ଉଚ୍ଚ ହୋଇଗଲା ଏବଂ ମନ୍ଦିର ପରିସର ତଳ ହୋଇଗଲା । ଯାହାଦ୍ୱାରା ଟିକିଏ ବର୍ଷା ହେଲେ ମନ୍ଦିର ଭିତରେ ନର୍ଦ୍ଦମା ପାଣି ଜମି ରହିବା ସହ ସମଲେଶ୍ୱରୀଙ୍କ ଗର୍ଭ ଗୃହକୁ ମଧ୍ୟ ନର୍ଦ୍ଦମା ପାଣି ପଶି ଯାଉଥିଲା । ଯାହାଦ୍ୱାରା ଭକ୍ତ ଙ୍କ ମଧ୍ୟ ରେ ଆସନ୍ତି ସୃଷ୍ଟି ହେଉଥିଲା। ଏହାସହ ମନ୍ଦିର ପୁନଃଉଦ୍ଧାର କାର୍ଯ୍ୟ ପାଇଁ ମଧ୍ୟ ଟଙ୍କା ଆସିଛି । କିନ୍ତୁ ଏହି ଦୋକାନ ଗୃହ ଗୁଡିକ ନ ଭାଙ୍ଗିଲେ କାମ କରଯାଇ ପାରିବ ନାହିଁ ବୋଲି ପ୍ରଶାସନ କହିଛି । ତେଣୁ ଜିଲ୍ଲା ପ୍ରଶାସନ ପକ୍ଷ୍ୟରୁ ୫ ତାରିଖରୁ ଉକ୍ତ ଦୋକାନୀ ମାନଙ୍କୁ ନୋଟିସ କରା ଯାଇଥିଲା। ସ୍ଥାନୀୟ ଦୋକାନୀ ମାନେ ଖାଲି ନ କରିବାରୁ ଜିଲ୍ଲା ପ୍ରଶାସନ ପକ୍ଷ୍ୟରୁ ଡାକବାଜି ଯନ୍ତ୍ର ସାହାଯ୍ୟ ରେ ଦୋକାନ ଗୃହ ୧୫ ମିନିଟ ଭିତରେ ଖାଲି କରିବାକୁ ସୂଚନା ଦିଆ ଯାଇଥିଲା । ଦୋକାନୀ ମାନେ ନିଜନିଜ ସମାନ ଖାଲି କରି ନେଇ ଯାଇଥିଲେ । ଜିଲ୍ଲା ପ୍ରଶାସନ ଉକ୍ତ ଦୋକାନୀ ମାନଙ୍କୁ ବହୁ ଶୀଘ୍ର ଥଇଥାନ କରାଯିବ ବୋଲି ଆଶ୍ୱାସନା ଦେଇଛି । ମୁନ୍ସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତ ଓ ପ୍ରଚେଷ୍ଟା ରେ ସୁରୁଖୁରୁରେ ଦୋକାନ ଗୃହ ଗୁଡିକ ଭଙ୍ଗା ଯାଇଥିଲା ଏବଂ କୌଣସି ଏପ୍ରିତିକର ସୃଷ୍ଟି ହୋଇନଥିଲା ।

# କଳାପଥର ଧଳାପଥର ମହାବିଦ୍ୟାଳୟରେ ଉପଜିଲ୍ଲାପାଳଙ୍କ ଅଚାନକ ପରିଦର୍ଶନ

ବାଙ୍କୀ,୨୦।୮ (ନିପ୍ର); ବାଙ୍କୀ ବ୍ଲକ୍ ଅନ୍ତର୍ଗତ କଳାପଥର ଗ୍ରାମପଞ୍ଚାୟତରେ ଥିବା କଳାପଥର ଧଳାପଥର ମହାବିଦ୍ୟାଳୟରେ ଅଚାନକ ପରିଦର୍ଶନରେ ପହଞ୍ଚିଥିଲେ ଉପଜିଲ୍ଲାପାଳ ମନୋସ୍ୱିନୀ ଦାସ। ପରିଦର୍ଶନ ସମୟରେ କଲେଜ ପରିସରରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ, ସମ୍ପନ୍ନ ହୋଇଥିବା କାମ ଏବଂ ବାକି ରହିଥିବା କାର୍ଯ୍ୟ ସମ୍ପର୍କରେ ସେ କର୍ତ୍ତୃପକ୍ଷଙ୍କଠାରୁ ପଚାରି ବୁଝିଥିଲେ। କଲେଜ ଲାଇବ୍ରେରୀରେ ଛାତ୍ରଛାତ୍ରୀଙ୍କ ଲାଇଭ ଭିଡା ଟଣା ଦୃଶ୍ୟ ର ବିଶୃଙ୍ଖଳିତ ଆଚରଣ ସିସିଟିଭି ଫୁଟେଜ୍‌ରେ ଦେଖି ଉପଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ସମସ୍ତ ଶ୍ରେଣୀଗୃହରେ ଅଧ୍ୟାପକମାନେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିୟମିତ ଶିକ୍ଷାଦାନ କରିବାକୁ ତାଗିଦ୍ କରିଥିଲେ। କଲେଜ ପାଚେରୀ ନିକଟରେ ଥିବା କଳାପଥର ଧଳାପଥର ହାଇସ୍କୁଲର ସମସ୍ୟା ସମ୍ପର୍କରେ ମଧ୍ୟ ସେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ରଣାଙ୍କଠାରୁ ତଥ୍ୟ ନେଇଥିଲେ। ବାଙ୍କୀ କୋର୍ଟର ସରକାରୀ ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ଉପ ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ କଲେଜ ପରିସରରେ କେତେକ ଅଣଛାତ୍ର ଆଡ଼ା ଜମାଇଥିବା ନଜରକୁ ଆସିଥିଲା। ଏହାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରତିଦିନ ଜଣେ ପୋଲିସ କର୍ମଚାରୀଙ୍କୁ କଲେଜ ପରିସରରେ ନିୟୋଜିତ କରିବାକୁ ବୈଦେଶ୍ୱର ଥାନା ଅଧିକାରିଣୀ ଇପ୍ସିତା ପ୍ରିୟଦର୍ଶିନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ କଲେଜକୁ ଅବାଧ ପ୍ରବେଶ ସହିତ ଛାତ୍ରଛାତ୍ରୀମାନେ ବାଇକ ଚାଳନା ଉପରେ କଟକଣା ଲଗାଇବା ସହ କଲେଜ ପରିସରରେ ଶୃଙ୍ଖଳା ବଜାୟ ରଖିବାକୁ ଯୁକ୍ତ ଦୁଇ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାଣିଗ୍ରାହୀ ଓ ଯୁକ୍ତ ତିନିର ଅଧକ୍ଷ କିଶୋର ଚନ୍ଦ୍ର ସାହୁଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀରେ ୬ ଜଣ ଛାତ୍ରଙ୍କୁ ୬ଜଣ ଅଧ୍ୟାପକଙ୍କୁ ନେଇ ଶିକ୍ଷାଦାନ ସରକାର ବର୍ଷକୁ ଲକ୍ଷାଧିକ ଟଙ୍କା ବ୍ୟୟ କରୁଥିବା ବେଳେ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜିଲ୍ଲାପାଳଙ୍କ ଦୃଷ୍ଟି ଗୋଚର କରିବେ ବୋଲି କୁହାଯାଉଛି । ଉପଜିଲ୍ଲାପାଳଙ୍କ ଏହି ଅଚାନକ ପରିଦର୍ଶନକୁ ନେଇ କଲେଜ ପରିସରରେ ଶିକ୍ଷାଦାନ, ଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ତତ୍ପରତା ବଢ଼ିଛି। ସୂଚନା ଥାଉକି କଳାପଥର ଧଳାପଥର ଉଚ୍ଚ



ବିଦ୍ୟାଳୟର କ୍ଲାସ ରୁମ୍, ଖେଳ ପଡିଆ, ୟୁରିନାଲ, ପାନୀୟ ଜଳ,ବିଦ୍ୟାଳୟ ଜାଗା ଜବର ଦଖଲ ଆଦି ବିଭିନ୍ନ ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଅଭିଯୋଗ କରିଥିଲେ। ଉପର ମହଲ ନିର୍ଦ୍ଦେଶ ରେ ଆସିଥିଲା ବେଳେ ବାଙ୍କୀ ଉପ ଜିଲ୍ଲାପାଳ ଶ୍ରୀମତୀ ଦାସ ହାଇସ୍କୁଲରେ ପୂର୍ବରୁ ଅପେକ୍ଷା କରିଥିବା ବୁଦ୍ଧିଜୀବୀ ଙ୍କୁ ୫ମି ସମୟ ଦେଇ ଲିଖିତ ଜଣାଇବାକୁ କହି ଚାଲି ଯାଇଥିଲେ । ଯୁବ ସମାଜସେବୀ ନରେଶ କୁମାର ସାହୁ, କଳାପଥର ଗ୍ରାମ୍ୟ ସଭାପତି ପ୍ରଫୁଲ୍ଲ ସ୍ୱାଇଁ, ସମ୍ପାଦକ ପ୍ରତାପ ମହାପାତ୍ର,ଶିକ୍ଷାବିତ ଧର୍ମୁଧର ଝୁଞ୍ଝାରସିଂହ, ବସନ୍ତ କୁମାର ନାୟକ, ଭାବଗ୍ରାହୀ ମହାପାତ୍ର, ନୀଳକଣ୍ଠ ଦାସ, ଚେୟାରମ୍ୟାନ ମାୟାଧର ମହାପାତ୍ର ପ୍ରମୁଖ ବିଦ୍ୟାଳୟ ଉନ୍ନତି ର ଆଶା କରି ନିରାଶ ହୋଇ ଫେରିଥିଲେ ।

## ଗାନ୍ଧୀ ପବ୍ଲିକ ସ୍କୁଲରେ ସ୍ୱାଗତ ଉତ୍ସବ

ଗୁଣପୁର,୨୦।୮(ନିପ୍ର); ଗୁଣପୁର ସ୍ଥିତ ଗାନ୍ଧୀ ପବ୍ଲିକ ସ୍କୁଲରେ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ଉତ୍ସବ 'ଅଭ୍ୟୁଦୟ ୨୦୨୬-୨୭' ଅନୁଷ୍ଠିତ ହୋଇଯାଇଛି । ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ପୁଷ୍ପ ଚନ୍ଦନ ଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ବଡ଼ ଭାଇ ଓ ଭଉଣୀମାନେ ବକ୍ତୃତା ମାଧ୍ୟମରେ ବିଦ୍ୟାଳୟର ଶୃଙ୍ଖଳା, ଶିକ୍ଷା ଭିତ୍ତିଭୂମି, ଡିଜିଟାଲ ଶ୍ରେଣୀଗୃହ ତଥା ସମସ୍ତ ପ୍ରକାର ଉଚ୍ଚ କୋଟୀର ପରୀକ୍ଷା ବ୍ୟବସ୍ଥା ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଇଂଜିନିୟରିଂ ଓ ଡାକ୍ତରୀ ପାଠ୍ୟକ୍ରମ ଶିକ୍ଷା ତଥା ବିଭିନ୍ନ ତାଲିମ ତଥା ଗବେଷଣାତ୍ମକ ଶିକ୍ଷା ବିଷୟରେ ପଢ଼ିବା ପାଇଁ ଏହା ପ୍ରଥମ ସୋପାନ ବୋଲି କହିଥିଲେ । ଛାତ୍ରଛାତ୍ରୀମାନେ ସଙ୍ଗୀତ,ନୃତ୍ୟ, ଅଭିନୟ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଦ୍ୟାଳୟର ପ୍ରଭାରୀ ହରପ୍ରସାଦ ମିଶ୍ର ଛାତ୍ର ଛାତ୍ରୀମାନଙ୍କ ଦିଗ୍‌ଦର୍ଶନ ଦେଇଥିଲେ ।

# ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଓ ତୁରନ୍ତ ପାଠ୍ୟପୁସ୍ତକ ଯୋଗାଣ ଦାବିରେ ଗଣଧାରଣା

ସୋନପୁର,୨୦।୮ (ନିପ୍ର): ରାଜ୍ୟରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କୁ ତୁରନ୍ତ ନୂତନ ପାଠ୍ୟପୁସ୍ତକ ଯୋଗାଇବା ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ସୁବର୍ଣ୍ଣପୁର ଜିଲ୍ଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଓ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ସହର ବ୍ଲକ ଛକରୁ ପତଭାଡି ଛକ ଦେଇ ଜିଲ୍ଲାପାଳ ଅଫିସ ପରିକ୍ରମା କରିବା ପରେ ଆନ୍ଦୋଳନକାରୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ବିରାଟ ସାଧାରଣ ସଭା କରିଥିଲେ। "ଦିଶାହୀନ ସରକାର, ଶିକ୍ଷା ବ୍ୟବସ୍ଥା ଛାରଖାର" ଏହି ନାରାବାଜିରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର କମ୍ପି ଉଠିଥିଲା। ବିଜେପି ସରକାର ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ପଙ୍ଗୁ କରିବା ପାଇଁ ଷଡ଼ଯନ୍ତ୍ର ରଚୁଥିବା ନେଇ ଦଳୀୟ ନେତୃବୃନ୍ଦ ତୀବ୍ର ବର୍ଷିଥିଲେ। ଶିକ୍ଷାବର୍ଷ ଆରମ୍ଭ ହୋଇ ଏତେ ଦିନ ବିତିଯାଇଥିଲେ ମଧ୍ୟ କୋମଳମତି ଛାତ୍ରଛାତ୍ରୀଙ୍କ ହାତକୁ ବହି ନପହଞ୍ଚିବା ରାଜ୍ୟ ସରକାରଙ୍କ ଚରମ ଅପାରଗତାର ପ୍ରମାଣ ବୋଲି ନେତାମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହି ଆନ୍ଦୋଳନରେ ବିଜେଡି ରାଜ୍ୟ ଯୁବ ସଭାପତି ଚିନ୍ମୟ ସାହୁ, ରାଜ୍ୟ ଛାତ୍ର ସଭାପତି ଇପସିତା




ସାହୁ, ସୁବର୍ଣ୍ଣପୁର ବିଧାୟକ ନିରଞ୍ଜନ ପୂଝାରୀ ଏବଂ ବୀରମହାରାଜପୁର ପୂର୍ବତନ ବିଧାୟକ ପଦ୍ମନାଭ ବେହେରା ସମିତେ ଦଳର ଅନେକ ବଡ଼ ବଡ଼ ମୁଖିଆ ମାନେ ସାମିଲ ହୋଇ ସରକାରଙ୍କ ବିରୋଧରେ ଗର୍ଜିଥିଲେ। ସଭାକୁ ସମ୍ବୋଧିତ କରି ନେତୃବୃନ୍ଦ କହିଥିଲେ ଯେ, "ରାଜ୍ୟର ଭବିଷ୍ୟତ କୁହାଯାଉଥିବା ଛାତ୍ରଛାତ୍ରୀମାନେ ଆଜି ପାଠ୍ୟପୁସ୍ତକ ଅଭାବରୁ ଅନ୍ଧାରରେ। ବିଜେପି ସରକାର ଛାତ୍ର ସମାଜର ଭବିଷ୍ୟତ ସହ ଖେଳ ଖେଳୁଛି।ଯଦି ଅବିଳମ୍ବେ ଛାତ୍ରଛାତ୍ରୀଙ୍କୁ ବହି ଯୋଗାଇ ଦିଆନଯାଏ, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ଜିଲ୍ଲାବ୍ୟାପୀ ଆହୁରି ତୀବ୍ର ରୂପ ନେବ ବୋଲି ଗଣମାଧ୍ୟମ ସମ୍ମୁଖରେ ନେତୃବୃନ୍ଦ ଚେତାବନୀ ଦେଇଛନ୍ତି।

# ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନରେ ବିଳମ୍ବ ନେଇ ଅସନ୍ତୋଷ

କଣ୍ଟିଲୋ ୨୦।୮(ନି.ପ୍ର) ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟମୁଖୀ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ କିଛି ଯୋଜନା କାର୍ଯ୍ୟକାରୀ ହେଉଛି ।ତନ୍ମଧ୍ୟରୁ ମାଗଣାରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନ୍ୟତମ ଅଟେ। ତେବେ ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟର ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଦ୍ୟାବଧି ନୂତନ ପୋଷାକ ପ୍ରଦାନ କରାଯାଇନଥିବା ଅଭିଯୋଗ ହେଉଛି। ଗ୍ରୀଷ୍ମକାଳୀନ ଛୁଟି ପୂର୍ବରୁ ଅନେକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇ ଥିବା ବେଳେ କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟରେ ଅଧା ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଥିବା ବେଳେ ବାକି ଅର୍ଦ୍ଧାଧିକ ଛାତ୍ରଛାତ୍ରୀ ଏବେ ବି ନୂତନ ପୋଷାକ ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡିଛି ।ନୂତନ ପୋଷାକ ପାଇବାରୁ ବଞ୍ଚିତ ଛାତ୍ରଛାତ୍ରୀମାନେ ବାଧ୍ୟ ହୋଇ ଅନ୍ୟ ପୋଷାକ ପିନ୍ଧି ବିଦ୍ୟାଳୟକୁ ପାଠ ପଢିବାକୁ ଯାଉଥିବା ନଜରକୁ ଆସୁଛି। ଫଳରେ ପୋଷାକ ପାଇବାରୁ ବଞ୍ଚିତ ଛାତ୍ରଛାତ୍ରୀମାନେ ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ପୋଷାକ ବଣ୍ଟନ ଦାୟୀତ୍ୱରେ ଥିବା ସଂସ୍ଥାର ମନମାନି ଯୋଗୁଁ ଏକାଧିକ ଛାତ୍ରଛାତ୍ରୀ ପୋଷାକ ପାଇବାରୁ ବଞ୍ଚିତ ହୋଇଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏ ସଂପର୍କରେ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ମଧ୍ୟ ନିରାଶ ହୋଇଥିବା ଜଣାପଡିଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳେଇଙ୍କୁ ଏ ସଂପର୍କରେ ପଚାରିବାରେ ପୋଷାକ ବଣ୍ଟନ କରୁଥିବା ସଂସ୍ଥାର ଦାୟିତ୍ୱହୀନତା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସେ ପ୍ରକାଶ କରିଛନ୍ତି ।ବାରମ୍ବାର ଜଣାଇବା ସତ୍ତ୍ୱେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ନୂତନ ପୋଷାକ ବଣ୍ଟନ ନେଇ ଠିକା ସଂସ୍ଥାର କର୍ମଚାରୀମାନେ ଧରାଛୁଆଁ ନ ଦେଇ ନୀରବ ରହୁଥିବା ନେଇ ପ୍ରଧାନ ଶିକ୍ଷୟିତ୍ରୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଖଣ୍ଡପଡା ବ୍ଲକ ପ୍ରଶାସନ, ଗୋଷ୍ଠୀ ଶିକ୍ଷାଧିକାରୀ ଓ ନୟାଗଡ ଜିଲ୍ଲା ଗୋଷ୍ଠୀ ଶିକ୍ଷାଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଭିଭାବକ ମହଲରୁ ଦାବି ହେଉଛି। ଯଦି ଛାତ୍ରୀଛାତ୍ରଙ୍କୁ ତୁରନ୍ତ ନୂତନ ପୋଷାକପତ୍ର ପ୍ରଦାନ କରା ନଯାଏ ତାହାଲେ ଆଗାମୀ ଦିନରେ ପୋଷାକ ପାଇବାରୁ ବଞ୍ଚିତ ଛାତ୍ରଛାତ୍ରୀ, ପରିଚାଳନା କମିଟିର ସଦସ୍ୟ ଓ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ଝୁଲାଇ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ରେଢ଼ାଖୋଲ ନଗର ମଣ୍ଡଳ ବିଜେପି ମହିଳା ମୋର୍ଚ୍ଚାର ନୂତନ ଟିମ୍‌ର ନାମ ଘୋଷଣା

ରେଢ଼ାଖୋଲ,୨୦।୮ (ନିପ୍ର): ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରେଢ଼ାଖୋଲ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର ଓ ସମ୍ବଲପୁର ବିଜେପି ମହିଳା ମୋର୍ଚ୍ଚା ସଭାପତି ସୁଷମା ସାହୁ,ରେଢ଼ାଖୋଲ ନଗର ସଭାପତି ସୁଷମା ମୁଣ୍ଡା ଙ୍କ ଅନୁମୋଦନ କ୍ରମେ ରେଢ଼ାଖୋଲ ନଗର ମଣ୍ଡଳ ବିଜେପି ମହିଳା ମୋର୍ଚ୍ଚା ସଭାପତି ଗୀତା ପାଣିଗ୍ରାହୀ ଆଜି ତାଙ୍କର ନଗର ମଣ୍ଡଳ ଟିମ ର ସମସ୍ତ ପଦବୀ ର ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି । ସମ୍ବଲପୁର ଜିଲ୍ଲା ଯୁବମୋର୍ଚ୍ଚା ସାମାଜିକ ଗଣମାଧ୍ୟମ ସଂଯୋଜକ ସୌମ୍ୟ ରଞ୍ଜନ ଶାସନୀଙ୍କ ଦ୍ୱାରା ପ୍ରଦତ୍ତ ସୂଚୀ ମୁତାବକ ନଗର ମଣ୍ଡଳ ଉପ ସଭାପତି ଭାବରେ ଲିରା ନାୟକ, ଭାନୁମତି ପ୍ରଧାନ,ଉଲ୍ଲାସିନୀ ନାଗ, ସାଧାରଣ ସମ୍ପାଦକ ଭାବେ ସବିତା ବଡମାଲି, ସମ୍ପାଦକ ଭାବେ ବବିତା ପ୍ରଧାନ, ସିମା ବେହେରା, ଯମୁନା ମହାକୁଡ଼, କୋଷାଧକ୍ଷ ଭାବେ ରୀନା ଦେହୁରୀ,କାର୍ଯ୍ୟକାରିଣୀ ସଦସ୍ୟା ଭାବେ ସୁନିତା ଦେହୁରୀ, ଗୀତା ସାହୁ, ବାସନ୍ତୀ ଭଞ୍ଜ,ଅନୁସୟା ପ୍ରଧାନ, ପୁଷ୍ପା ପୁଲେଇ, ବବିତା ସେଠୀ, ଅନୁସୟା ଭୋଇ, ନିନୀ ସେନାପତିଙ୍କ ନାମ ଘୋଷଣା ହୋଇଛି। ମଣ୍ଡଳ ସଂଗଠନକୁ ଅଧିକ ସୁଦୃଢ଼ କରିବା,ସହ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଏବଂ ମହିଳାମାନଙ୍କୁ ସଂଗଠନ ସହ ଯୋଡ଼ିବା ଲକ୍ଷ୍ୟରେ ଏହି ନୂତନ କାର୍ଯ୍ୟକାରିଣୀ ଗଠନ କରାଯାଇଛି । ନୂତନ ପଦାଧିକାରୀମାନେ ସଂଗଠନର ନୀତି, ଆଦର୍ଶ ଓ କାର୍ଯ୍ୟକ୍ରମକୁ ସାଧାରଣ ଲୋକଙ୍କ ମଧ୍ୟରେ ପହଞ୍ଚାଇବା ସହ ମଣ୍ଡଳ ରେ ମହିଳା ମୋର୍ଚ୍ଚାକୁ ଆହୁରି ସକ୍ରିୟ କରନ୍ତୁ ବୋଲି ରେଢ଼ାଖୋଲ ନଗର ସଭାପତି ସୁଷମା ମୁଣ୍ଡା ଆହ୍ୱାନ ଦେଇଛନ୍ତି ।

## ବିକଶିତ ଭାରତ ଲାଗି ନିଶାମୁକ୍ତ ଯୁବ ସଂକଳ୍ପ କାର୍ଯ୍ୟକ୍ରମ

ବଡ଼ସାହି,୨୦।୮ (ନିପ୍ର)ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ର ଜାତୀୟ ସେବା ଯୋଜନା (ଏନ ଏସ ଏସ) ଶାଖା ଆନୁକୁଲ୍ୟରେ ଣଜଉ , ଘଉଉ ଓ ପ୍ରଜପିତା ବ୍ରହ୍ମକୁମାରୀ ବଡ଼ସାହି ଶାଖା ମିଳିତ ସହଯୋଗ ରେ ବିକଶିତ ଭାରତ ପାଇଁ ନିଶା ମୁକ୍ତ ଯୁବ ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି। ମହାବିଦ୍ୟାଳୟର ଅଧକ୍ଷ ଛତିଶ କୁମାର ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ ଏସ ଏସ କାର୍ଯ୍ୟକ୍ରମ ଅଧିକାରୀ ଡ ରିତୁ ଲତା ବିଶ୍ୱାଳ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବରେ ଗଣିତ ବିଭାଗର ମୁଖ୍ୟ ଫକୀର ଚରଣ ସାହୁ, ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଡ ଜୀବନ କୁମାର ପଣ୍ଡିତ ଯୋଗ ଦେଇ ନିଶାମୁକ୍ତ ଜୀବନ ଗଢ଼ିବା ପାଇଁ ପ୍ରେରଣା ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ବିନୋଦ କୁମାର ପରିଡ଼ା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ର ଛାତ୍ରୀମାନଙ୍କୁ ନିଶା ମୁକ୍ତି ଉପରେ ଶପଥ ପାଠ କରାଇ ଥିଲେ। ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଦ୍ୟାଳୟର ବଡ଼ସାହି ଶାଖାର ସଞ୍ଜୟ ଭାଇ, ମଞ୍ଜୁ ଭଉଣି ନିଶାମୁକ୍ତ ରାଷ୍ଟ୍ର ଗଠନ ପାଇଁ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣ ଶିକ୍ଷକ କର୍ମଚାରୀ,ଛାତ୍ର ଛାତ୍ରୀ ଏବଂ ପ୍ରଜାପିତା ବ୍ରହ୍ମକୁମାରୀ ବଡ଼ସାହି ଶାଖାର ଅନ୍ୟାନ୍ୟ ସଦସ୍ୟ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ନିଶାମୁକ୍ତ ସମାଜ ଗଠନ ଓ ସୁସ୍ଥ ଭାରତ ନିର୍ମାଣ ପାଇଁ ସଚେତନତା ସୃଷ୍ଟି କରିଥିଲେ।

# ବନ୍ୟାରେ ଧାମନଗର ବେହାଲ, ରିଲିଫ୍ ନେଇ ବିପନ୍ନଙ୍କ ଅସନ୍ତୋଷ

ଧାମନଗର,୨୦।୮ (ନିପ୍ର); ଚଳିତ ବର୍ଷର ଚତୁର୍ଥ ବନ୍ୟାରେ ଧାମନଗର ବ୍ଲକର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇ ଜନଜୀବନ ଦୁର୍ବିଷହ ହୋଇପଡ଼ିଛି। ଘରଦ୍ୱାରରେ ବନ୍ୟାଜଳ ପଶିଥିବା ବେଳେ ଅନେକ ପରିବାର ଖାଦ୍ୟ, ପଲିଥିନ୍ ଓ ଅନ୍ୟାନ୍ୟ ଆବଶ୍ୟକ ସହାୟତା ଅପେକ୍ଷାରେ ରହିଛନ୍ତି। ଏଭଳି ସ୍ଥିତିରେ ବନ୍ୟା ବିପନ୍ନଙ୍କ ସମସ୍ୟା ଓ ରିଲିଫ୍ ବଣ୍ଟନର ସ୍ଥିତି ଅନୁଧ୍ୟାନ କରିଛି ବିଜେଡିର ଏକ ପ୍ରତିନିଧି ଦଳ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ଼. ଅରୁଣ ସାହୁଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଦୋବଲ, ବୟାଙ୍ଗଡିହ, କୋଠାର, ଭଟସାହି ଓ ନଦୀଗାଁ ଅଞ୍ଚଳ ପରିଦର୍ଶନ କରିଥିଲେ। ଗେଙ୍ଗୁଟି ନଦୀବନ୍ଧରେ ବନ୍ୟା ବିପନ୍ନଙ୍କୁ ଭେଟି ସେମାନଙ୍କ ଦୁଃଖ, ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ପ୍ରତ୍ୟକ୍ଷ ଭାବେ ଆଲୋଚନା କରିଥିଲେ। ବିପନ୍ନଙ୍କ ଅଭିଯୋଗ ଅନୁଯାୟୀ, କେତେକ ପରିବାରକୁ ମାତ୍ର ୨୦୦ ଗ୍ରାମ ଚୁଡ଼ା ଓ ୫ଟି ବିସ୍କୁଟ୍ ଦିଆଯାଇଛି। ମୁଣ୍ଡ ଗୁଞ୍ଜିବା ପାଇଁ ପଲିଥିନ୍ ମଧ୍ୟ ଆବଶ୍ୟକତା ଅନୁସାରେ ମିଳୁନାହିଁ। ରନ୍ଧା ଖାଦ୍ୟ ଠିକ୍ ଭାବେ ପହଞ୍ଚୁନଥିବା ଏବଂ ସରକାରୀ ଖାଦ୍ୟ ବିକ୍ରି ହେଉଥିବା ନେଇ ମଧ୍ୟ ଗୁରୁତର ଅଭିଯୋଗ ଆସିଥିବା ଡ଼. ସାହୁ କହିଛନ୍ତି। ତେବେ ଏସବୁ ଅଭିଯୋଗର ସ୍ୱାଧୀନ ସତ୍ୟାପନ ହୋଇନାହିଁ। ବନ୍ୟା ପରିସ୍ଥିତିକୁ ନେଇ ଡ଼. ଅରୁଣ ସାହୁ ସରକାରଙ୍କୁ ଟାର୍ଗେଟ କରି 'ବନ୍ୟା ଟୁରିଜିମ୍' ବନ୍ଦ କରିବାକୁ ଦାବି କରିବା ସହ ବନ୍ୟା ବିପନ୍ନ ଚାଷୀଙ୍କୁ ତୁରନ୍ତ ସହାୟତା ଏବଂ କୃଷି ଋଣ ଛାଡ଼ କରିବାକୁ କହିଛନ୍ତି। ବନ୍ୟା ବିପନ୍ନଙ୍କ ଅଭିଯୋଗ ନେଇ ଆଗାମୀ ବିଧାନସଭା ଅଧିବେଶନରେ ଧାମନଗରର ବନ୍ୟା ପ୍ରସଙ୍ଗକୁ ଦୃଢ଼ତାର ସହ ଉଠାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ପରିଦର୍ଶନରେ ଚାନ୍ଦବାଲି ବିଧାୟକ ଡ଼. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ଧାମନଗର ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ଏନଏସି ଅଧକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ନିର୍ବାଚନମଣ୍ଡଳୀ ସ୍ତରୀୟ ନେତା ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ପ୍ରଦୀପ ମଲ୍ଲିକ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ବିଦ୍ୟୁତ ଲତା ନାୟକ, ଭଦ୍ରକ ବ୍ଲକ ଉପାଧକ୍ଷ ମୁକୁନ୍ଦଦେବ ସାମଲ, ଧାମନଗର ବ୍ଲକ ଉପାଧକ୍ଷ ଜଗବନ୍ଧୁ ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ଦଳୀୟ ସଭାପତି, ଛାମୁଆ ସଂଗଠକ ଓ ବନ୍ୟା ବିପନ୍ନମାନେ ଉପସ୍ଥିତ ଥିଲେ।

## ମୃତ ଦାଦନଙ୍କ ପରିବାରଙ୍କୁ କଂଗ୍ରେସ ନେତାଙ୍କ ସହାୟତା

ହିଞ୍ଜିଳିକାଟୁ,୨୦।୮ (ନିପ୍ର): ଗୁଜରାଟ ରାଜ୍ୟର ସୁରଟ ସୂତାକଳରେ କାମ କରୁଥିବା ବେଳେ ଶନିବାର ଜଣେ ଦାଦନ ଶ୍ରମିକଙ୍କ ଦୁଃଖଦ ମୃତ୍ୟୁ ଘଟିଥିଲା। ମୃତ ଶ୍ରମିକ ଜଣଙ୍କ ହେଲେ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍ ଖରିଡା ଗ୍ରାମର ନିର ବେହେରା (୫୦)। ସୋମବାର ଭୋର ସମୟରେ ମୃତ ନିରଙ୍କ ମରଶରୀର ପୈତୃକ ଗ୍ରାମ ଖରିଡାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଶବ ସତ୍କାର କରାଯାଇଥିଲା। ଖବର ପାଇ ହିଞ୍ଜିଳିକାଟୁ ଅତିରିକ୍ତ ତହସିଲଦାର ସୁରଜ କୁମାର ନାୟକ ବେହେରା, ସହକାରୀ ଶ୍ରମ ଅଧିକାରୀ ଓ ଜନ ପ୍ରତିନିଧି ଖରିଡା ଗ୍ରାମରେ ପହଞ୍ଚି ଥିଲେ। ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସ୍ଥାନୀୟ ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଭଳି ଏକ ଦୁଃଖଦ ମୁହୂର୍ତ୍ତରେ କଂଗ୍ରେସ ଦଳର ନେତୃମଣ୍ଡଳୀ ଖରିଡା ଗ୍ରାମରେ ପହଞ୍ଚି ଶୋକସନ୍ତପ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଓଡ଼ିଶା ପ୍ରଦେଶ କିଶାନ କଂଗ୍ରେସ ଉପାଧକ୍ଷ ଶିବରାମ ପ୍ରଧାନଙ୍କ ନେତୃତ୍ୱରେ ଜଗନ୍ନାଥ ଗୌଡ, ଛାତ୍ର କଂଗ୍ରେସ ନେତା ସଞ୍ଜୟ ସ୍ୱାଇଁ, ଜଗା ରାଉତ, ପୂର୍ବତନ ଶେରଗଡ ବ୍ଲକ କଂଗ୍ରେସ ସଭାପତି କୁନା ବିଷୋୟୀ ଓ ସମାଜସ୍ୱେୀ ପ୍ରଦୀପ କୁମାର ମହାରଣା ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ କିଛି ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ।

# ବନ୍ୟା ବିପନ୍ନ ମହିଳାଙ୍କୁ କାନ୍ଧରେ ବୋହି ଉଦ୍ଧାର କଲେ ଆଶା କର୍ମୀ ମିନତୀ

ଭଦ୍ରକ,୨୦।୮(ନିପ୍ର):ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ୍‌ରେ ବନ୍ୟା ପରିସ୍ଥିତି ସମୟରେ ଜଣେ ଆଶା କର୍ମୀ ନିଜ ଜୀବନକୁ ବିପଦରେ ପକାଇ ବନ୍ୟା ବିପନ୍ନ ମହିଳାଙ୍କୁ କାନ୍ଧରେ ବୋହି ସୁରକ୍ଷିତ ସ୍ଥାନକୁ ନେଇ ଆସି ମାନବିକତା ଓ ସାହସିକତାର ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ।ଲଗାଣ ବର୍ଷା ଯୋଗୁଁ ଧାମନଗର ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିବା ବେଳେ ବନ୍ୟାଜଳ ଘରଦ୍ୱାର ମଧ୍ୟରେ ପ୍ରବେଶ କରିଥିଲା।

ଏହି ସମୟରେ ନଦିଗାଁର ଜଣେ ପ୍ରାୟ ୬୦ ବର୍ଷୀୟା ମହିଳା ବନ୍ୟାଜଳ ମଧ୍ୟରେ ଅସୁବିଧାରେ ପଡ଼ିଥିବା ଖବର ପାଇ ଆଶା କର୍ମୀ ମିନତୀ ସାହୁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ ।ବନ୍ୟାଜଳର ପ୍ରଖରତାକୁ ଖାତିର ନକରି ମିନତୀ ସାହୁ ବନ୍ୟାଜଳ ମଧ୍ୟରେ ପଶି ମହିଳାଙ୍କୁ କାନ୍ଧରେ ବୋହି ସୁରକ୍ଷିତ ସ୍ଥାନକୁ ନେଇ ଆସିଥିଲେ।

ତାଙ୍କର ଏହି ସାହସିକ ପଦକ୍ଷେପ ଯୋଗୁଁ ଜଣେ ବନ୍ୟା ବିପନ୍ନଙ୍କ ଜୀବନ ସୁରକ୍ଷିତ ହୋଇପାରିଥିଲା ।ଆଶା କର୍ମୀ ମିନତୀ ସାହୁଙ୍କ ଏହି ମାନବିକ ଓ କର୍ତ୍ତବ୍ୟନିଷ୍ଠ କାର୍ଯ୍ୟ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ବିପଦ ସମୟରେ ନିଜ କର୍ତ୍ତବ୍ୟ ପ୍ରତି ତାଙ୍କର ନିଷ୍ଠା ଓ ସାହସକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଇଛି ।ଏଭଳି ସାହସିକ ଓ ମାନବିକ ପଦକ୍ଷେପ ବନ୍ୟା ପରିସ୍ଥିତିରେ ଲୋକଙ୍କ ସେବା ପାଇଁ ନିୟୋଜିତ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ହୋଇ ରହିବ।




## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଝାରସୁଗୁଡ଼ା ଜିଲ୍ଲାର ଦମ୍ପତି

ପାରଳାଖେମୁଣ୍ଡି,୨୦।୮ (ନିପ୍ର): ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପୋଷ୍ୟ ସନ୍ତାନ ଭାବେ ଝାରସୁଗୁଡ଼ା ଜିଲ୍ଲାର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଆଜକୁ ପ୍ରାୟ ୧ ବର୍ଷ ପୂର୍ବେ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହୋଇଥିବା ଏହି ଶିଶୁଦ୍ୱୟଙ୍କୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ନିଶାନ ଶାଲୋମ, ରଣିପେଟାଠାରେ ରଖାଯାଇଥିଲା। ଏହାପରେ ଶିଶୁଙ୍କର ତଥ୍ୟ ମିଶନ ବାତ୍ସଲ୍ୟ ପୋର୍ଟାଲ୍ ରେ ଅପଲୋଡ୍ କରାଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୧ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ପରିବାରଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ପରିବାର ଶାରିରୀକ ସ୍ତରରେ ଶିଶୁଦ୍ୱୟଙ୍କୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଶିଶୁଦ୍ୱୟଙ୍କୁ ଉକ୍ତ ପରିବାରଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଦ୍ୱୟଙ୍କର ବୟସ ଯଥାକ୍ରମେ ୪ ଓ ୫ ବର୍ଷ ଦୁଇ ଭାଇ ହୋଇଥିବାବେଳେ, ଶିଶୁଙ୍କୁ ପାଇ ଉକ୍ତ ପରିବାର ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତି ଅଧକ୍ଷ ଅମୀୟ କୁମାର ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ତ୍ରିପାଠୀ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କେନାଲରେ ଖସିପଡ଼ିଲା ଛୁଆ ହାତୀ, ୩ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ସୁରକ୍ଷିତ ଉଦ୍ଧାର

ଚମ୍ପୁଆ,୨୦।୮ (ନିପ୍ର); କେନ୍ଦୁଝର ଜିଲ୍ଲା ଚମ୍ପୁଆ ବନାଞ୍ଚଳରେ ଅଭାବନୀୟ ଘଟଣା। କାନୁପୁର କେନାଲରେ ଖସିପଡ଼ିଲେ ମା' ଓ ଛୁଆ ହାତୀ । ମା ସିନା ଉପରକୁ ଉଠି ଆସିଲା କିନ୍ତୁ କେନାଲ ଭିତରେ ଫସିଗଲା ଛୁଆ ହାତୀ। ଛୁଆକୁ ଉଦ୍ଧାର ପାଇଁ ବହୁ ଚେଷ୍ଟା କରି ବିଫଳ ହେବାପରେ ଉପରେ ଜଗି ରହିଲା ମା' ହାତୀ। ଶେଷରେ ବନ ବିଭାଗ ଓ ସ୍ଥାନୀୟ ଲୋକଙ୍କ ଦୀର୍ଘ ତିନି ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ କେନାଲ ଭିତରୁ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛି ହାତୀ ଛୁଆ। ସୂଚନା ଅନୁସାରେ, ବୁଧବାର ରାତି ପ୍ରାୟ ୯ଟା ସମୟରେ ସାତହଳିଆ ପଟୁ ଆସିଥିବା ଏକ ୧୮ ଟିକିଆ ହାତୀପଲ ଜାମୁଦଳକ ପଞ୍ଚାୟତ କାହ୍ନୁସାହି ଦେଇ ଯାଉଥିଲେ। ଏହି ସମୟରେ କାନୁପୁର କେନାଲ ପାର୍ ହେବା ବେଳେ ଅସାବଧାନତାବଶତଃ ମା' ଓ ଛୁଆ ହାତୀ କେନାଲ ଭିତରକୁ ଖସି ପଡ଼ିଥିଲେ। ମା' ହାତୀଟି କୌଣସି ପ୍ରକାରେ କେନାଲରୁ ଉପରକୁ ଉଠି ଆସିଥିଲା, ମାତ୍ର ଛୋଟ ଛୁଆଟି ଉଠି ନପାରି ଭିତରେ ଫସି ରହିଥିଲା। ହାତୀପଲର ଅନ୍ୟ ସଦସ୍ୟମାନେ ପାଖ ଜଙ୍ଗଲକୁ ଚାଲି ଯାଇଥିବା ବେଳେ ମା' ହାତୀ କିନ୍ତୁ ଛୁଆକୁ ଛାଡ଼ି ଯାଇ ନଥିଲା। ଅନେକ ସମୟ ଧରି ଛୁଆକୁ ଉଦ୍ଧାର କରିବା ପାଇଁ ମା' ଚେଷ୍ଟା କରି ବିଫଳ ହୋଇଥିଲା। ଖବର ପାଇ ଚମ୍ପୁଆ ରେଞ୍ଜର, ବନ କର୍ମଚାରୀ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମା' ହାତୀ ପାଖରେ ଥିବାରୁ ପ୍ରଥମେ ଉଦ୍ଧାର କାର୍ଯ୍ୟରେ ବାଧା ଉପୁଜିଥିଲା। ତଥାପି ବନ ବିଭାଗ କର୍ମଚାରୀ ସତର୍କତାର ସହିତ କେନାଲ ଭିତରକୁ ବାଲିବସ୍ତା ଓ ବଡ଼ ବଡ଼ ପଥର ପକାଇ ଛୁଆଟି ଉଠିବା ପାଇଁ ବାଟ ପ୍ରସ୍ତୁତ କରିଥିଲେ। ପ୍ରାୟ ତିନି ଘଣ୍ଟାର ପରିଶ୍ରମ ପରେ ଛୁଆ ହାତୀଟି ସୁରକ୍ଷିତ ଭାବେ କେନାଲରୁ ଉପରକୁ ଚଢ଼ି ଆସିଥିଲା। ପରେ ମା' ଓ ଛୁଆ ଉଭୟ ନିକଟସ୍ଥ ସୁନାପଶି ତଳବେଡ଼ା ଜଙ୍ଗଲକୁ ଚାଲିଯାଇଥିବା ସୂଚନା ମିଳିଛି ।



CMYK

# ନିଟ୍ ଆନ୍ଦୋଳନ: ତଦନ୍ତ ପାଇଁ ବିଶେଷଜ୍ଞ କମିଟି ଗଠିତ



ନୂଆଦିଲ୍ଲୀ, ୨୦।୮ : ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ ଦିଲ୍ଲୀର ଯନ୍ତର ମନ୍ତର ସମେତ ବିଭିନ୍ନ ରାଜ୍ୟରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଛାତ୍ରଙ୍କ ଉପରେ ପୁଲିସ ଏବଂ ଅର୍ଦ୍ଧସାମରିକ ବାହିନୀ ପକ୍ଷରୁ ହୋଇଥିବା ଅତ୍ୟଧିକ ବଳପ୍ରୟୋଗ ଅଭିଯୋଗର ତଦନ୍ତ ପାଇଁ ସୁପ୍ରିମକୋର୍ଟ ଗୁରୁବାର ଏକ ୫ ଜଣିଆ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗ୍ଚୀ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ସୁରକ୍ଷା ବାହିନୀର କାର୍ଯ୍ୟାନୁଷ୍ଠାନ ଉପରେ ଅନୁସନ୍ଧାନ ପାଇଁ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଆର ସୁଭାଷ ରେଡ୍ଡୀଙ୍କ ନେତୃତ୍ୱରେ ଏହି କମିଟି ଗଠନ କରିଛନ୍ତି। ଏହି କମିଟିରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ରବିଶଙ୍କର ଝା, ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଶାଲିନ୍ଦର କୌର, ସିବିଆଇର ପୂର୍ବତନ ନିର୍ଦ୍ଦେଶକ ଋଷି କୁମାର ଶୁକ୍ଳା ଏବଂ ମେଘାଳୟର ଅବସରପ୍ରାପ୍ତ ପୁଲିସ ମୁଖ୍ୟ ଏଲ୍ ଆର୍ ବିଷ୍ଣୋଇ ସଦସ୍ୟ ଅଛନ୍ତି। ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆନ୍ଦୋଳନ ସମୟରେ ମହିଳା ପ୍ରଦର୍ଶନକାରୀଙ୍କୁ ହୋଇଥିବା ନିର୍ଯାତନା ଏବଂ ଅସଦାଚରଣ ଅଭିଯୋଗକୁ ପ୍ରାଥମିକତା ଭିତ୍ତିରେ ଯାଞ୍ଚ କରାଯିବ। ସୂଚନାଯୋଗ୍ୟ, ଗତ ଜୁଲାଇ ୨୦ ତାରିଖରେ ମୌସୁମୀ ଅଧିବେଶନର ପ୍ରଥମ ଦିନରେ ନୀଟ୍ ପ୍ରଶ୍ନପତ୍ର ଲିକକୁ ନେଇ ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ହଜାର ହଜାର ଛାତ୍ର ସଂସଦ ଅଭିମୁଖେ ମାର୍ଚ୍ଚ କରୁଥିବା ବେଳେ ପୁଲିସ ପକ୍ଷରୁ ଲୁହବୁହା ଗ୍ୟାସ ଏବଂ ଲାଠିଚାଳନା କରାଯାଇଥିଲା। ତେବେ ସୁପ୍ରିମକୋର୍ଟ ଏହି ଆନ୍ଦୋଳନ ସହ ଜଡ଼ିତ ସମସ୍ତ ସିସିଟିଭି ଫୁଟେଜ୍, ଡ୍ରୋନ୍ ରେକର୍ଡିଂ, ବଡି-କ୍ୟାମ୍ ଫୁଟେଜ୍ ଏବଂ ପିସିଆର୍ କଲ୍ ରେକର୍ଡଗୁଡ଼ିକୁ ସୁରକ୍ଷିତ ରଖିବାକୁ ଆଦେଶ ଦେଇଛନ୍ତି, ଯଦ୍ଦ୍ୱାରା କୌଣସି ପ୍ରମାଣ ନଷ୍ଟ କରାଯାଇପାରିବ ନାହିଁ। ଏହା ସହିତ ଗୁରୁତର ଆପରାଧିକ ମାମଲାରେ ସାମିଲ ନଥିବା ସମସ୍ତ ଅଟକ ନାବାଳକ ଆନ୍ଦୋଳନକାରୀଙ୍କୁ ସୁରକ୍ଷିତ ଭାବେ ମୁକ୍ତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ କମିଟି ପକ୍ଷରୁ ନିୟମିତ ଏବଂ ପର୍ଯ୍ୟାୟକ୍ରମେ ଅନ୍ତରୀଣ ରିପୋର୍ଟ ଦାଖଲ କରାଯିବ। ପ୍ରଦର୍ଶନକାରୀଙ୍କ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି ଏବଂ ପୁଲିସକୁ ସେମାନଙ୍କର ଗୋପନୀୟ ସୂଚନା ସାର୍ବଜନୀନ ନ କରିବାକୁ ବାରଣ କରାଯାଇଛି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଦୋଷୀ ପୁଲିସ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଏହି କମିଟିର ରିପୋର୍ଟ ଉପରେ ନିର୍ଭର କରିବ ନାହିଁ ଏବଂ ସକ୍ଷମ କର୍ତ୍ତୃପକ୍ଷ ସ୍ୱାଧୀନ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ଏହା ସହିତ ପେଲେଟ୍ ଗନ୍ ଏବଂ ବୈଦ୍ୟୁତିକ ଲାଠିଆଦି ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ କି ନାହିଁ, ସେ ନେଇ ମଧ୍ୟ କମିଟି ସମୀକ୍ଷା କରିବ। ଶାନ୍ତିପୂର୍ଣ୍ଣ ଭାବେ ସମାବେଶ କରିବାର ସାମ୍ବିଧାନିକ ଅଧିକାର ଏବଂ ଆଇନ ଶୃଙ୍ଖଳା ରକ୍ଷା ମଧ୍ୟରେ କିପରି ସନ୍ତୁଳନ ରକ୍ଷା କରାଯାଇପାରିବ, ସେ ନେଇ କମିଟି ଗୁରୁତ୍ୱପୂର୍ଣ୍ଣ ସୁପାରିସ ପ୍ରଦାନ କରିବ।

## ତିହାର ଜେଲରେ ସଜ୍ଜନ କୁମାରଙ୍କ ମୃତ୍ୟୁ




ନୂଆଦିଲ୍ଲୀ, ୨୦।୮ : କଂଗ୍ରେସର ପୂର୍ବତନ ନେତା ତଥା ପୂର୍ବତନ ସାଂସଦ ସଜ୍ଜନ କୁମାରଙ୍କର ୮୪ ବର୍ଷ ବୟସରେ ପରଲୋକ ଘଟିଛି । ୧୯୮୪ ମସିହାର ଶିଖ ବିରୋଧୀ ଦଙ୍ଗା ମାମଲାରେ ସେ ଦିଲ୍ଲୀର ତିହାର ଜେଲରେ ଆଜୀବନ କାରାଦଣ୍ଡ କାଟୁଥିଲେ। ରିପୋର୍ଟ ଅନୁସାରେ, ତାଙ୍କୁ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲକୁ ମୃତ ଅବସ୍ଥାରେ ଅଣାଯାଇଥିଲା । ୧୯୮୪ ଶିଖ ବିରୋଧୀ ଦଙ୍ଗା ସହ ଜଡ଼ିତ ଏକ ହତ୍ୟା ମାମଲାରେ ଦିଲ୍ଲୀ ହାଇକୋର୍ଟ ୨୦୧୮ ଡିସେମ୍ବର ୧୭ରେ ସଜ୍ଜନ କୁମାରଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଥିଲେ। ଏହି ରାୟକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । କିନ୍ତୁ ସେଠାରୁ ମଧ୍ୟ ତାଙ୍କୁ ଆଶ୍ୱସ୍ତି ମିଳିନଥିଲା । ୨୦୨୨ ଏପ୍ରିଲ ୨୭ରେ ଦଙ୍ଗା ସମ୍ପର୍କିତ ଅନ୍ୟ ଏକ ମାମଲାରେ ସଜ୍ଜନ କୁମାରଙ୍କୁ ଜାମିନ ମିଳିଥିଲା । ତେବେ ଅନ୍ୟ ଏକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସେ ଜେଲରୁ ବାହାରି ପାରିନଥିଲେ। ପ୍ରାୟ ୭ ବର୍ଷ ଧରି ସେ ତିହାର ଜେଲରେ ବନ୍ଦୀ ଥିଲେ । ୨୦୨୬ ଏପ୍ରିଲରେ ଅସୁସ୍ଥ ପତ୍ନୀଙ୍କୁ ଭେଟିବା ପାଇଁ ସଜ୍ଜନ କୁମାର ସୁପ୍ରିମକୋର୍ଟରେ ଜାମିନ ଆବେଦନ କରିଥିଲେ । ତେବେ କୋର୍ଟ ତାଙ୍କୁ ଜାମିନ ଦେବାକୁ ମନା କରିଥିଲେ । ୧୯୮୪ର ଶିଖ ବିରୋଧୀ ଦଙ୍ଗା ସମୟରେ ଜସୱନ୍ତ ସିଂହ ଓ ତାଙ୍କ ପୁଅ ତରୁଣଦୀପ ସିଂହଙ୍କ ହତ୍ୟା ମାମଲାରେ ସଜ୍ଜନ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ହିଂସା ସମୟରେ ଜସୱନ୍ତ ସିଂହ ଓ ତାଙ୍କ ପରିବାରକୁ ଟାର୍ଗେଟ୍ କରିବା ପାଇଁ ଭିଡ଼କୁ ଉସକାଇଥିବା ଅଭିଯୋଗରେ ମଧ୍ୟ ସେ ଦୋଷୀ ହୋଇଥିଲେ । ସୂଚନାଯୋଗ୍ୟ ଯେ ସଜ୍ଜନ କୁମାର ତିନିଥର ସାଂସଦ ରହିଥିଲେ। ଦଙ୍ଗା ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ସେ କଂଗ୍ରେସର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଥିଲେ।

## ଗୁଜରାଟରେ ବିଷାକ୍ତ ମଦ ନେଲା ୭ ଜୀବନ

ଗୁଜରାଟ, ୨୦।୮ : ଗୁଜରାଟରେ ମଦ ଉପରେ ସମ୍ପୂର୍ଣ୍ଣ କଟକଣା ଥିବା ସତ୍ତ୍ୱେ ସାମ୍ନାକୁ ଆସିଛି ବିଷାକ୍ତ ମଦର ଭୟଙ୍କର ଘଟଣା। ଭାବନଗର ଜିଲ୍ଲାରେ ବିଷାକ୍ତ ମଦ ପିଇ ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୩୦ ଜଣ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ପରେ ପୋଲିସ ଓ ରାଜ୍ୟ ମନିଟରିଂ ସେଲର ତଦନ୍ତ ଜୋରଦାର ହୋଇଛି। ଘଟଣାର ଖବର ସାମ୍ନାକୁ ଆସିଥିଲା ମଙ୍ଗଳବାର । ୨୫ ବର୍ଷୀୟ ଉପେନ୍ଦ୍ରସିଂହ ଗୋହିଲଙ୍କର ଭାବନଗରର ସାର୍ ଟି ହସ୍ପିଟାଲରେ ମୃତ୍ୟୁ ପରେ ବିଷାକ୍ତ ମଦ ପିଇବା ଘଟଣା ନେଇ ସୂଚନା ମିଳିଥିଲା। ଜଣାପଡ଼ିଛି ଯେ, ରବିବାର ରାତିରେ ଉପେନ୍ଦ୍ରସିଂହ ତାଙ୍କ ଦୁଇ ବନ୍ଧୁଙ୍କ ସହ ମଦ ପିଇଥିଲେ। ଜଣେ ବନ୍ଧୁଙ୍କ ପୁଲିସ ଚାକିରି ହେବା ଖୁସିରେ ଏହି ପାର୍ଟି ହୋଇଥିଲା ।ମଦ ପିଇବା ପରେ ଅନେକଙ୍କ ଶରୀର ଅସୁସ୍ଥ ହୋଇପଡ଼ିଥିଲା । କେତେକଙ୍କୁ ନିଶ୍ୱାସ ନେବାରେ ସମସ୍ୟା ହୋଇଥିବା ବେଳେ କିଛି ଲୋକଙ୍କ ଦୃଷ୍ଟିଶକ୍ତି ମଧ୍ୟ ଚାଲିଯାଇଥିବା ସୂଚନା ମିଳିଛି । ଅନ୍ୟ ମୃତକଙ୍କ ମଧ୍ୟରେ ୪୦ ବର୍ଷୀୟ କାର୍ତ୍ତିକ ମକୱାନା ଓ ୫୦ ବର୍ଷୀୟ ଘନଶ୍ୟାମସିଂହ ଜାଡେଜା ଅଛନ୍ତି । ଘଟଣାରେ ଏବେ ଅବୈଧ ମଦ ତିଆରି ଓ ବିକ୍ରି ଉପରେ ତଦନ୍ତ କେନ୍ଦ୍ରିତ ହୋଇଛି । ପୁଲିସ ଏପର୍ଯ୍ୟନ୍ତ ୧୨ ଜଣଙ୍କୁ ଅଟକ ରଖିଥିବା ବେଳେ ୨୧ ଜଣଙ୍କ ବିରୋଧରେ ଏତଲା ରୁଜୁ ହୋଇଛି ।

## ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେଲେ ତରୁଣ ତେଜପାଲ



ନୂଆଦିଲ୍ଲୀ, ୨୦।୮ : ୨୦୧୩ ମସିହାର ଯୌନ ନିର୍ଯାତନା ମାମଲାରେ ବମ୍ବେ ହାଇକୋର୍ଟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ୧୦ ବର୍ଷ ଜେଲଦଣ୍ଡ ପାଇବା ପରେ 'ତହେଲକା' ମାଗାଜିନର ପୂର୍ବତନ ସମ୍ପାଦକ ତରୁଣ ତେଜପାଲ ଗୁରୁବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଗଷ୍ଟ ୬ ତାରିଖରେ ବମ୍ବେ ହାଇକୋର୍ଟଙ୍କ ଗୋଆ ବେଞ୍ଚ ନିମ୍ନ ଅଦାଲତଙ୍କ ନିଷ୍ପତ୍ତି ଆଦେଶକୁ ରଦ୍ଦ କରି ୬୨ ବର୍ଷୀୟ ତେଜପାଲଙ୍କୁ ଜଣେ ମହିଳା ସହକର୍ମୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଥିଲେ। ଅନ୍ୟପଟେ ଗୋଆ ସରକାର ମଧ୍ୟ ସୁପ୍ରିମ୍‌କୋର୍ଟରେ ଏକ ପିଟିସନ୍ ଦାଖଲ କରି ତେଜପାଲଙ୍କ ଦଣ୍ଡିତ ଅବଧିକୁ ୧୦ ବର୍ଷରୁ ବୃଦ୍ଧି କରି ଆଜୀବନ କାରାଦଣ୍ଡରେ ପରିଣତ କରିବାକୁ ଦାବି କରିଛନ୍ତି। ଅଭିଯୋଗର ଗାମ୍ଭୀର୍ଯ୍ୟ ଦୃଷ୍ଟିରୁ ୧୦ ବର୍ଷର ଜେଲଦଣ୍ଡ ଯଥେଷ୍ଟ ନୁହେଁ ବୋଲି ରାଜ୍ୟ ସରକାର ଦର୍ଶାଇଛନ୍ତି। ୨୦୧୩ ନଭେମ୍ବରରେ ଗୋଆର ଏକ ହୋଟେଲ୍ ଲିଫ୍ଟ ଭିତରେ ସହକର୍ମୀଙ୍କୁ ଯୌନ ନିର୍ଯାତନା ଦେଇଥିବା ନେଇ ତେଜପାଲଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ୨୦୨୧ରେ ନିମ୍ନ ଅଦାଲତ ତାଙ୍କୁ ଦୋଷମୁକ୍ତ କରିଥିଲେ ହେଁ ହାଇକୋର୍ଟ ଏହାକୁ ଗ୍ରହଣ ନକରି ତାଙ୍କୁ ଦଣ୍ଡିତ କରିବା ସହ ନିମ୍ନ ଅଦାଲତଙ୍କ ରାୟକୁ କଠୋର ସମାଲୋଚନା କରିଥିଲେ।

## ଇନ୍ଦୋରରେ ହାଇଆଲର୍ଟ, ସ୍ୱାଇନ୍ ଫ୍ଲୁରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ

ଭୋପାଳ, ୨୦/୮ : ମଧ୍ୟପ୍ରଦେଶର ଇନ୍ଦୋରରେ ସ୍ୱାଇନ୍ ଫ୍ଲୁରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । କୋକିଳାବେନ୍ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା । ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅନୁସାରେ, ମୃତକ ହେଲେ ସରୋଜ ନାଗର (୬୦) । ସେ ଉଜ୍ଜୟିନୀ ଋଷି ନଗର ବାସିନ୍ଦା ଥିଲେ। ଜୁଲାଇ ୩୧ରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଅଗଷ୍ଟ ୩ ତାରିଖରେ ଯାଞ୍ଚ ରିପୋର୍ଟରୁ ତାଙ୍କ ନିକଟରେ ସ୍ୱାଇନ୍ ଫ୍ଲୁ ସଂକ୍ରମଣ ସଂପର୍କରେ ସ୍ପଷ୍ଟ ହୋଇଥିଲା । ଦୀର୍ଘ ୧୮ ଦିନ ଧରି ଚିକିତ୍ସା ଚାଲିବା ପରେ ତାଙ୍କର ମୃତ୍ୟୁ ଘଟିଛି ।

## ସମୁଦ୍ର ମଝିରୁ ତୁର୍କୀର ଅସ୍ତ୍ରଶସ୍ତ୍ର ଜାହାଜ ଅପହରଣ
## ୬ ଭାରତୀୟଙ୍କ ସମେତ ୧୦ କ୍ରୁ ମେମ୍ବର ନିଖୋଜ



ନୂଆଦିଲ୍ଲୀ, ୨୦।୮ : ତୁର୍କୀର ଅସ୍ତ୍ରଶସ୍ତ୍ର ଭର୍ତ୍ତି ଏକ ଜାହାଜକୁ ସମୁଦ୍ର ମଝିରୁ ଲୁଟି ନେଇଛନ୍ତି ଜଳଦସ୍ୟୁ। ଏହି ଘଟଣା ସୋମାଲିଆର ପୁଣ୍ଟଲ୍ୟାଣ୍ଡ ଉପକୂଳ ନିକଟରେ ଘଟିଛି। ଯେଉଁ ଜାହାଜକୁ ସାମୁଦ୍ରିକ ଲୁଟେରାମାନେ(ଜଳଦସ୍ୟୁ) ଲୁଟି ନେଇଛନ୍ତି, ଏହି ଜାହାଜର କ୍ରୁ ମେମ୍ବରଙ୍କ ମଧ୍ୟରେ ୬ ଜଣ ଭାରତୀୟ ମଧ୍ୟ ଥିଲେ। ତାଙ୍କ ବିଷୟରେ ଏବେସୁଦ୍ଧା କୌଣସି ସୂଚନା ମିଳି ପାରି ନାହିଁ। ସୋମାଲିଆର ଜଣେ ଅଧିକାରୀ ଗୁରୁବାର ଦିନ ସୂଚନା ଦେଇଛନ୍ତି ଯେ, ଚଳିତ ସପ୍ତାହ ଆରମ୍ଭରେ ଜଳଦସ୍ୟୁମାନେ କ୍ୟାମେରୁନ୍ ପତାକା ଥିବା ଏକ କାର୍ଗୋ ଜାହାଜକୁ ଅପହରଣ କରି ନେଇଛନ୍ତି । ଏହି ଜାହାଜରେ ତୁର୍କୀର ଅସ୍ତ୍ରଶସ୍ତ୍ର ଲଦା ହୋଇଥିଲା ଏବଂ ଜଳଦସ୍ୟୁମାନେ ଏହାକୁ ସ୍ଥାନୀୟ ନୁଗାଲ୍ ଉପକୂଳ ଆଡ଼କୁ ନେଇ ଯାଇଛନ୍ତି। ଏଜେନ୍ସି ସୂଚନା ଅନୁସାରେ, M/V LUTUF ନାମକ ଏହି ଜାହାଜକୁ ସୋମବାର ଦିନ ପୁଣ୍ଟଲ୍ୟାଣ୍ଡର ଏଇଲ୍ ଜିଲ୍ଲାର ମର୍ରାୟା ଠାରୁ, ପ୍ରାୟ ୩.୫ ନଟିକାଲ୍ ମାଇଲ୍ ଦୂରରୁ ଅପହରଣ କରାଯାଇଥିଲା । ଅଧିକାରୀଙ୍କୁ ସମ୍ବେଦନଶୀଳ ସୂଚନା ବିଷୟରେ ସାର୍ବଜନିକ ରୂପେ କଥା ହେବାର ଅନୁମତି ନଥିଲା । ଅଧିକାରୀମାନେ କହିଛନ୍ତି ଯେ, ପୋଲାର ମୁଭମେଣ୍ଟ ସିପିଂର ଏହି ଜାହାଜରେ , ମୋଗାଦିଶୁ ସ୍ଥିତ ତୁର୍କୀ ମିଲିଟାରୀ ଟ୍ରେନିଂ ସେଣ୍ଟର ପାଇଁ ଅସ୍ତ୍ରଶସ୍ତ୍ର ସହ କମ୍ୟୁନିକେଶନ ଓ ସାଟେଲାଇଟ୍ ଉପକରଣ ନିଆ ଯାଉଥିଲା । ଅଧିକାରୀଙ୍କ ଅନୁସାରେ , ଜାହାଜର ୧୦ ଜଣ ସଦସ୍ୟ ବିଶିଷ୍ଟ କ୍ରୁ ଟିମରେ ଛଅ ଜଣ ଭାରତୀୟ , ଜଣେ ତୁର୍କୀ ନାଗରିକ , ଜଣେ ଜର୍ଜିଆନ୍ ଓ ଦୁଇ ଜଣ ସର୍ବିଆନ ସିକ୍ୟୁରିଟି ଗାର୍ଡ ଥିଲେ । ଉକ୍ତ ଘଟଣା ସମ୍ପର୍କରେ ତୁର୍କୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳି ନାହିଁ । ଉକ୍ତ ଘଟଣାରେ ୮ ଜଣ ଜଳଦସ୍ୟୁ ସାମିଲ ଅଛନ୍ତି।

## ହେମନ୍ତ ସୋରେନ୍ ସରକାରଙ୍କୁ ଶକ୍ତ ଝଟକା
## ଜେପିଏସସି ପରୀକ୍ଷା ରଦ୍ଦ ନିଷ୍ପତ୍ତି ଉପରେ ରହିତାଦେଶ

ରାଞ୍ଚି, ୨୦।୮ : ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ସରକାରଙ୍କୁ ଶକ୍ତ ଝଟକା ଲାଗିଛି। ଝାଡ଼ଖଣ୍ଡ ହାଇକୋର୍ଟ ଜେପିଏସସି ପରୀକ୍ଷା ରଦ୍ଦ କରିବା ନେଇ ସରକାରଙ୍କ ନିଷ୍ପତ୍ତି ଉପରେ ରହିତାଦେଶ ଜାରି କରିଛନ୍ତି। ଏହାସହ ଏହି ମାମଲାରେ ୧୫ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନିୟମିତତା ଅଭିଯୋଗକୁ ଆଧାର କରି ଜେପିଏସସି ପରୀକ୍ଷା ରଦ୍ଦ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଆବେଦନ ହେବା ପରେ ମାମଲା ହାଇକୋର୍ଟରେ ପହଞ୍ଚିଥିଲା। ମାମଲାର ଶୁଣାଣି କରି ହାଇକୋର୍ଟ ପରୀକ୍ଷା ରଦ୍ଦ ନିଷ୍ପତ୍ତି ଉପରେ ଅନ୍ତରୀଣ ରୋକ୍ ଲଗାଇଛନ୍ତି। ଏହାସହ ସରକାରଙ୍କ ପକ୍ଷରୁ ଅନିୟମିତତା ସମ୍ପର୍କରେ କଣ ପଦକ୍ଷେପ ନିଆଯାଇଛି ଏବଂ କେଉଁ ଆଧାରରେ ପରୀକ୍ଷା ରଦ୍ଦ କରାଯାଇଥିଲା, ସେନେଇ ୧୫ ଦିନ ମଧ୍ୟରେ ଜବାବ ଦେବାକୁ କୋର୍ଟ କହିଛନ୍ତି।

## କ୍ୟାନସରକୁ ହରାଇବ ମଡେର୍ଣ୍ଣା ଟିକା




ନୂଆଦିଲ୍ଲୀ, ୨୦।୮ : କ୍ୟାନସରକୁ ହରାଇବ ମଡେର୍ଣ୍ଣା ଟିକା । ମଡେର୍ଣ୍ଣା ଏବଂ ମର୍କ କମ୍ପାନୀର କ୍ୟାନସର ଟିକା 'ଇନଟିସମେରାନ୍' ଏକ ଐତିହାସିକ ଶେଷ ପର୍ଯ୍ୟାୟ ବା ଫେଜ୍-୩ କ୍ଲିନିକାଲ୍ ପରୀକ୍ଷାରେ ସଫଳତା ପାଇଛି । ଏହି ବଡ଼ ସଫଳତା ଯୋଗୁଁ ବିଶ୍ୱର ପ୍ରଥମ ବ୍ୟକ୍ତିଗତ ମେସେଞ୍ଜର ଏମଆରଏନଏ କ୍ୟାନସର୍ ଟିକା ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ଅତି ନିକଟତର ହୋଇଛି । କ୍ୟାନସର୍ ଚିକିତ୍ସା କ୍ଷେତ୍ରରେ ଏହା ଏକ ବିରାଟ ପରିବର୍ତ୍ତନ । ସମସ୍ତଙ୍କ ପାଇଁ ସମାନ ଔଷଧ ବଦଳରେ, ଏହି ଚିକିତ୍ସା ରୋଗୀର ଶରୀର ହିସାବରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଏ । ଏହି ବଡ଼ ବିଶ୍ୱସ୍ତରୀୟ ପରୀକ୍ଷାରେ ୧,୧୩୭ ଜଣ ଉଚ୍ଚ-ଆଶଙ୍କା ଥିବା ରୋଗୀ ସାମିଲ ହୋଇଥିଲେ। ଯେଉଁମାନଙ୍କର ସାଙ୍ଘାତିକ ଚର୍ମ କ୍ୟାନସର୍ (ମେଲାନୋମା) ଅପରେସନ୍ ଦ୍ୱାରା ବାହାର କରାଯାଇଥିଲା । ରୋଗୀଙ୍କର ଗୋଟିଏ ଗ୍ରୁପ୍ କୁ କେବଳ ସାଧାରଣ ଇମ୍ୟୁନୋଥେରାପି ଔଷଧ 'କିଟ୍ରୁଡା'ଦିଆଯାଇଥିଲା । ଅନ୍ୟ ଗ୍ରୁପ୍ କୁ କିଟ୍ରୁଡା ସହିତ ମଡର୍ଣ୍ଣାର ଏହି ସ୍ୱତନ୍ତ୍ର କ୍ୟାନ୍ସର୍ ଟିକାର ୯ଟି ଡୋଜ୍ ପର୍ଯ୍ୟନ୍ତ ଦିଆଯାଇଥିଲା। ଏହି ଦୁଇଟି ଔଷଧର ମିଶ୍ରଣ ଯୋଗୁଁ ରୋଗୀଙ୍କ ଶରୀରରେ କ୍ୟାନସର୍ ଫେରିବା ସମୟ ସୀମା ବଢ଼ିଥିଲା। ଏହାର ଅର୍ଥ କ୍ୟାନସର୍ ପୁଣିଥରେ ଫେରିବା ପ୍ରକ୍ରିୟା ବହୁତ କମିଲା ବା ବନ୍ଦ ହୋଇଗଲା। ଏହା ଶରୀରର ଅନ୍ୟ ଅଙ୍ଗକୁ କ୍ୟାନ୍ସର୍ ବ୍ୟାପିବାକୁ ମଧ୍ୟ ରୋକିବାରେ ସଫଳ ହେଲା। ଏହା ରୋଗ ଭଲ କରିବା ପାଇଁ ଏକ ଚିକିତ୍ସା ଟିକା ବା କ୍ୟାନସର୍ ନ ହେବା ପାଇଁ ପ୍ରତିଷେଧକ ଟିକା ନୁହେଁ। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ପାଇଁ ଏକ ସ୍ୱତନ୍ତ୍ର "ୱାଣ୍ଟେଡ୍ ପୋଷ୍ଟର" ଭଳି କାମ କରେ । ଏହି ଟିକା ଶରୀରରେ ଦିଆଯିବା ପରେ, ଏହା ରୋଗୀର ରୋଗ ପ୍ରତିରୋଧକ କୋଷଗୁଡ଼ିକୁ ଶରୀରରେ ଲୁଚି ରହିଥିବା ଅତି ସୂକ୍ଷ୍ମ କ୍ୟାନସର୍ କୋଷଗୁଡ଼ିକୁ ଖୋଜି ଖୋଜି ନଷ୍ଟ କରିଥାଏ। ଏହାକୁ କ୍ୟାନସର୍ ଚିକିତ୍ସାରେ ନୂଆ ଯୁଗ ବୋଲି କୁହାଯାଉଛି। ଏହି ବଡ଼ ବୈଜ୍ଞାନିକ ସଫଳତା ଯୋଗୁଁ ମଡର୍ଣ୍ଣା କମ୍ପାନୀର ସେୟାର ମୂଲ୍ୟ ଗୋଟିଏ ଦିନରେ ୯୦% ରୁ ଅଧିକ ବଢ଼ିଯାଇଛି । ଚର୍ମ କ୍ୟାନସର୍‌ରେ ଏହା ଭଲ କାମ କରିଥିବାରୁ, ମଡର୍ଣ୍ଣା ଏବଂ ମର୍କ କମ୍ପାନୀ ଏବେ ଫୁସଫୁସ କ୍ୟାନ୍ସର ବ୍ଲାଡର କ୍ୟାନ୍ସର୍ ଏବଂ କିଡନୀ କ୍ୟାନ୍ସର୍ ପାଇଁ ମଧ୍ୟ ଏହାର ପରୀକ୍ଷା ଆରମ୍ଭ କରିଦେଲେଣି।

## କୋଭଲମରେ ଦକ୍ଷିଣ ଆଞ୍ଚଳିକ ପରିଷଦର ୩୧ତମ ବୈଠକ

ଚେଙ୍ଗଲପଟ୍ଟୁ, ୨୦।୮ : ତାମିଲନାଡୁର କୋଭଲମସ୍ଥିତ ଏକ ତାରକା ହୋଟେଲରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଦକ୍ଷିଣ ଆଞ୍ଚଳିକ ପରିଷଦର ୩୧ତମ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏବଂ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ସମେତ ଦକ୍ଷିଣ ଭାରତୀୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଶୀର୍ଷ ନେତୃବୃନ୍ଦ ଯୋଗଦେଇଛନ୍ତି। ତାମିଲନାଡୁ ସରକାରଙ୍କ ଆତିଥେୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୃହମନ୍ତ୍ରୀ ଅମିତ ଶାହ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟମନ୍ତ୍ରୀ ବିଜୟ ଉପ-ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଛନ୍ତି।

## କିଭ୍‌ରେ ଡ୍ରୋନ ଆକ୍ରମଣ: ୧୬ ମୃତ

କିଭ୍, ୨୦।୮ : ରୁଷିଆ ଗୁରୁବାର ୟୁକ୍ରେନର ରାଜଧାନୀ କିଭ୍ ଏବଂ ଏହାର ଆଖପାଖ ଅଞ୍ଚଳରେ ଭୀଷଣ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ କରିଛି। ଘଣ୍ଟା ଘଣ୍ଟା ଧରି ଚାଲିଥିବା ଏହି ଆକ୍ରମଣରେ ୧୬ଜଣଙ୍କ ମୃତ୍ୟୁ ଘଟିଥିବା ଅଧିକାରୀମାନେ ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ଭଣ୍ଡାର କମ୍ ରହିଥିବାରୁ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଅଧିକ ପାଟ୍ରିୟଟ ଇଣ୍ଟରସେପ୍ଟର ପଠାଇବାକୁ ବିଭିନ୍ନ ଦେଶକୁ ଅନୁରୋଧ କରିଛନ୍ତି। ୟୁକ୍ରେନ ବାୟୁସେନା କହିଛି, ରୁଷିଆର ଏହି ଆକ୍ରମଣରେ କ୍ରୁଜ କ୍ଷେପଣାସ୍ତ୍ର ଏବଂ ଦ୍ରୁତଗାମୀ ଜେଟ୍-ଚାଳିତ ଡ୍ରୋନ ମଧ୍ୟ ସାମିଲ ଥିଲା, ଯାହା ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଉପରେ ଅଧିକ ଚାପ ସୃଷ୍ଟି କରିଥିଲା। କିଭ୍ ମୁଖ୍ୟ ଟାର୍ଗେଟ ଥିଲେ ମଧ୍ୟ ଦେଶବ୍ୟାପୀ ୨୮ଟି ସ୍ଥାନରେ ଆକ୍ରମଣ ହୋଇଥିବା ବାୟୁସେନା ଜଣାଇଛି। ଜେଲେନସ୍କି ଏହାକୁ ଏକ ବଡ଼ଧରଣର ଆକ୍ରମଣ ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ରୁଷିଆ ବେସାମରିକ କୋଠା ଏବଂ ସମ୍ପତ୍ତିକୁ ଅଧିକରୁ ଅଧିକ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଦୀର୍ଘ ଦିନ ଧରି ପ୍ରସ୍ତୁତି କରିଆସୁଛି। କିନ୍ତୁ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଏହି ଆକ୍ରମଣରେ କିଭ୍ର ଏକ ଶିଳ୍ପ କ୍ଷେତ୍ରକୁ ଟାର୍ଗେଟ କରାଯାଇଥିଲା ଯାହା ୟୁକ୍ରେନର ଫ୍ଲାମିଙ୍ଗୋ କ୍ରୁଜ୍ କ୍ଷେପଣାସ୍ତ୍ର ପାଇଁ ପାର୍ଟସ ତିଆରି କରୁଥିଲା। ଏହି ଘଟଣା ପରେ ସମଗ୍ର ୟୁକ୍ରେନ ଏବଂ ଏହାର ପଡ଼ୋଶୀ ୟୁରୋପୀୟ ଦେଶରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## ଶିକ୍ଷୟିତ୍ରୀଙ୍କ ଚାପୁଡ଼ା ମାଡ଼ରେ ୬ ବର୍ଷର ଛାତ୍ର ମୃତ

ଆନ୍ଧ୍ରପ୍ରଦେଶ, ୨୦।୮ : ଶିକ୍ଷୟିତ୍ରୀଙ୍କ ଚାପୁଡ଼ା ମାଡ଼ରେ ୬ ବର୍ଷର ଛାତ୍ର ମୃତ। ହୋମୱାର୍କ କରି ନ ଥିବାରୁ ୬ ବର୍ଷର ଶିଶୁକୁ ଶକ୍ତ ଚାପୁଡ଼ା ମାରିଥିଲେ ଶିକ୍ଷୟିତ୍ରୀ। ଫଳରେ ଘଟଣାସ୍ଥଳରେ ହିଁ ଟଳି ପଡ଼ିଥିଲା ଛାତ୍ର। ଆନ୍ଧ୍ରପ୍ରଦେଶର ଭାଇଜାଗ ସ୍ଥିତ କୋଥାରୋଡ୍ ଟାଉନର ଏକ ଘରୋଇ ସ୍କୁଲରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତ ଶିଶୁ ଜଣକ ୬ ବର୍ଷୀୟ ପ୍ରଣୟ ତେଜ ଓ ଘରୋଇ ଲିଟିଲ୍ ଗାର୍ଡେନ୍ ସ୍କୁଲର ଛାତ୍ର ଥିଲା ।ଶିକ୍ଷୟିତ୍ରୀ ଜଣକ ଛାତ୍ରଙ୍କୁ ଶକ୍ତ ଚାପୁଡ଼ା ମାରିବାର ଭିଡିଓ ଏବେ ଭାଇରାଲ୍ ହେବାରେ ଲାଗିଛି।

## ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ: ୭ ମୃତ

ନୂଆଦିଲ୍ଲୀ, ୨୦।୮ : ଉତ୍ତର କେନିଆର ଏକ ଦୁର୍ଗମ ଅଞ୍ଚଳରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୫ ଜଣ ଆମେରିକୀୟ ନାଗରିକଙ୍କ ସମେତ ୭ ଜଣଙ୍କର ମୃତ୍ୟୁ ହୋଇଛି। ଏ ସମ୍ପର୍କରେ କେନିଆ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ କହିଛନ୍ତି ଯେ, ହେଲିକପ୍ଟରଟି ସକାଳ ୯.୧୩ ମିନିଟରେ ଲୋଇସାବା ସଂରକ୍ଷଣ ଅଞ୍ଚଳରୁ ସାମ୍ବୁରୁ କାଉଣ୍ଟିର ଇୱାସୋ ନାଇରୋ ଅଞ୍ଚଳକୁ ଉଡ଼ାଣ ଭରୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପାଇଲଟଙ୍କ ସମେତ ୭ ଜଣ ଲୋକ ଏଥିରେ ଥିଲେ। ଦୁର୍ଘଟଣାର ତଦନ୍ତ ଚାଲିଛି ।

## ବ୍ୟାଙ୍କ ଅଧିକାରୀଙ୍କ ନାରକୀୟ କାଣ୍ଡ
# ସ୍ତ୍ରୀ, ଭଉଣୀଙ୍କୁ ହତ୍ୟା କରି ନିଜକୁ ଗୁଳିକଲେ





ନୂଆଦିଲ୍ଲୀ, ୨୦।୮ : ୟୁ.ପି.ର ଲକ୍ଷ୍ନୌ ସହରରେ ଗୁରୁବାର ଏକ ଲୋମହର୍ଷଣକାରୀ ଘଟଣା ସହରବାସୀଙ୍କୁ ସ୍ତବ୍ଧ କରିଦେଇଛି। ଜଣେ ବ୍ୟାଙ୍କ ଅଧିକାରୀ ନିଜ ସ୍ତ୍ରୀ ଓ ଭଉଣୀଙ୍କୁ ଗୁଳିକରି ହତ୍ୟା କରିବା ପରେ ନିଜକୁ ଗୁଳିମାରି ଆତ୍ମହତ୍ୟା କରିଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ ଚଳାଇଛି । କାହିଁକି ଓ କେଉଁ ପରିସ୍ଥିତିରେ ଜଣେ ପଦସ୍ଥ ଅଧିକାରୀ ଏଭଳି ନାରକୀୟ କାଣ୍ଡ ଘଟାଇଲେ, ତା'ର ତର୍ଜମା ଚାଲିଛି। ଡବଲ ମର୍ଡର ରଚାଇଥିବା ଏହି ବ୍ୟାଙ୍କ ଅଧିକାରୀ ଜଣକ ହେଉଛନ୍ତି ମାନସ ବାଜପାୟୀ(୩୮) । ମାନସଙ୍କ ପତ୍ନୀ ଦିବ୍ୟା ମିଶ୍ରା ମଧ୍ୟ ଜଣେ ବ୍ୟାଙ୍କ ଅଧିକାରୀ । ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ମାନସ ପତ୍ନୀ ଦିବ୍ୟାଙ୍କୁ ଭେଟିବାକୁ ଗୋମତୀ ନଗରରେ ଥିବା ତାଙ୍କ ବ୍ୟାଙ୍କ ଶାଖାକୁ ଯାଇଥିଲେ । ବ୍ୟାଙ୍କ ବାହାରେ ଉଭୟ ପତୀ-ପତ୍ନୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ମାନସ ଦିବ୍ୟାଙ୍କ ଉପରକୁ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ଦିବ୍ୟାଙ୍କ ଚିତ୍କାର ଶୁଣି ବ୍ୟାଙ୍କର ଅନ୍ୟ କର୍ମଚାରୀମାନେ ଆସି ତାଙ୍କୁ ଉଦ୍ଧାର କରିବା ସହ ଡାକ୍ତରଖାନାରେ ଭର୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏତିକିରେ ଥମି ନ ଥିଲା ମାନସଙ୍କ ରକ୍ତମୁଖା ବନ୍ଧୁକ । ଦିବ୍ୟାଙ୍କୁ ହତ୍ୟା କରିବା ପରେ ସେ ସିଧା ସହରରେ ଥିବା ନିଜ ଭଡ଼ାଘରକୁ ଫେରିଆସିଥିଲେ। ତେବେ ସେ ଘରେ ପହଂଚିବାର କେଇ ମିନିଟ୍ ପରେ ତାଙ୍କ ଘର ଆଗରେ ପଡୋଶୀମାନେ ଜମା ହୋଇଯାଇଥିଲେ । ମାନସଙ୍କ ହ୍ୱାଟ୍ସଆପ୍ ଷ୍ଟାଟସ୍ ହିଁ ପଡୋଶୀମାନଙ୍କୁ ତାଙ୍କ ଘର ଆଗକୁ ଆସିବାକୁ ବାଧ୍ୟ କରିଥିଲା । ମାନସ ନିଜ ଷ୍ଟାଟସରେ ଲେଖିଥିଲେ, 'ଆଜି ମୁଁ ମୋ ସହ ଚିଟିଂ କରିଥିବା ମୋ ସ୍ତ୍ରୀକୁ ହତ୍ୟା କରିଛି । ଏବେ ଭଉଣୀକୁ ମାରିବି, ତା ପରେ ନିଜେ ନିଜକୁ ମାରିବି ।' ମେସେଜ୍ ପଢିବା ପରେ ପଡୋଶୀମାନେ ମାନସଙ୍କ କବାଟ ବାଡେଇଥିଲେ । ତେବେ ସେ କବାଟ ନ ଖୋଲିବାରୁ ଲୋକେ କବାଟ ଭାଙ୍ଗି ଭିତରକୁ ପଶି ଯାହା ଦେଖିଲେ, ସେଥିରେ ସ୍ତବ୍ଧ ହୋଇଯାଇଥିଲେ । କାରଣ ତଳେ ଲୋଟିଥିଲା ଉଭୟ ମାନସ ଓ ଭଉଣୀ ଶିଭାଙ୍କ ଶବ । ଶିଭା ଭାଇଙ୍କ ପାଖରେ ରହୁଥିଲେ । ମାନସିକ ରୋଗର ଶିକାର ହୋଇ ଗତ କିଛିଦିନ ହେଲା ଚିକିତ୍ସାଧୀନ ଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଦିନ ପ୍ରାୟ ୧ଟା ବେଳେ ମାନସ ଘର ପାଖରେ ପହଂଚିଲା ବେଳକୁ ଝାଳରେ ପୂରା ବୁଡ଼ି ଯିବା ସହ ବିଚଳିତ ଲାଗୁଥିଲେ । କେହି କିଛି ପଚାରିବା ପୂର୍ବରୁ ସେ ଘରେ ପଶି କବାଟ ଦେଇଦେଇଥିଲେ । ତା ପରେ ତାଙ୍କ ଘରୁ ଖୁବ୍ ଜୋରରେ ହନୁମାନ ଚାଳିଶା ଷ୍ଟେରିଓରେ ବାଜୁଥିବା ଶୁଣାଯାଇଥିଲା । ଅର୍ଥାତ ଭଉଣୀକୁ ହତ୍ୟା କରି ନିଜେ ନିଜକୁ ଗୁଳି ମାରିବା ସମୟରେ ମାନସ ହନୁମାନ ଚାଳିଶା ଶୁଣିଥିଲେ ।

### ୨୫ଟି ଅପରାଧିକ ମାମଲାରେ ସମ୍ପୃକ୍ତ

# ଦୁର୍ଦ୍ଦାନ୍ତ ସଞ୍ଜୟ ସୁନାଙ୍କୁ ଲାଗିଲା ଏନ୍‌ଏସ୍‌ଏ

ଜୟପୁର: କୋରାପୁଟ ଜିଲ୍ଲା ଜୟପୁରର ଦୁର୍ଦ୍ଦାନ୍ତ ଅପରାଧୀ ସଞ୍ଜୟ ସୁନା ନାଁରେ ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ଲଗାଇଛି ଜୟପୁର ପୁଲିସ। ବିଗତ ୧୦ବର୍ଷ ଧରି ସଞ୍ଜୟ ନାଁରେ ଥିବା ଆପରାଧିକ ରେକର୍ଡର ସମୀକ୍ଷା କରି ପୁଲିସ ଏନ୍‌ଏସ୍‌ଏ ଲଗାଇବାକୁ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲା। ସରକାରଙ୍କ ଅନୁମତି ମିଳିବା ପରେ ଏନଏସ୍‌ଏ ଲଗାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଜୟପୁର ଏସ୍‌ଡିପିଓ ଅର୍ଚ୍ଛିତା ମିତ୍ତଲ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଅପରାଧିକ ମାମଲାରେ ସଞ୍ଜୟ ଗିରଫ ହୋଇ ଜୟପୁର ଜେଲ୍‌ରେ ଥିବାବେଳେ ପୁଲିସ ଏହି ପଦକ୍ଷେପ ନେଇଛି। ସୂଚନା ମୁତାବକ, ସଞ୍ଜୟ ସୁନା ନାଁରେ ଜୟପୁର ଟାଉନ୍ ଥାନା, ସଦର ଥାନା, ବୋରିଗୁମ୍ମା, ବି.ସିଂହପୁର, କୋଟପାଡ଼, କୋରାପୁଟ ସଦର ଓ ନବରଙ୍ଗପୁର ଥାନାରେ ୨୫ରୁ ଊର୍ଦ୍ଧ୍ୱ ସଙ୍ଗିନ୍ ମାମଲା ରହିଛି। ହତ୍ୟା ଉଦ୍ୟମ, ଦାଦାବଟି ଆଦାୟ, ଡକାୟତି, ରାହାଜାନି, ଗଞ୍ଜେଇ ଚୋରାଚାଲାଣ ଓ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ ସଞ୍ଜୟ ଜଡ଼ିତ ଥିବା ଏବଂ ବାରମ୍ବାର ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତି ଏବଂ ଶାନ୍ତି ଓ ସୁରକ୍ଷା ପ୍ରତି ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ସଞ୍ଜୟଙ୍କ ନାଁରେ ଏନ୍‌ଏସ୍‌ଏ ଲଗାଇଛି ପୁଲିସ। ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଗତ ଏକ ମାସ ଧରି ଜୟପୁର ପୁଲିସ ଶୂନ୍ୟ ସହନଶୀଳତା ନୀତି ଆପଣାଇଛି। ନିକଟରେ ଚୋରି, ରାହାଜାନି ଭଳି କିଛି ମାମଲାରେ ପୁଣି ସଞ୍ଜୟଙ୍କ ସମ୍ପୃକ୍ତି ନେଇ ପ୍ରମାଣ ମିଳିବା ପରେ ଏନ୍‌ଏସ୍‌ଏ ଲାଗି ରାଜ୍ୟ ସରକାରଙ୍କ ସୁପାରିସ ଲୋଡ଼ିଥିଲା ଜୟପୁର ପୁଲିସ। ସଞ୍ଜୟଙ୍କ ପୂର୍ବରୁ ସହରର ଅନ୍ୟତମ ଦୁର୍ଦ୍ଦାନ୍ତ ଅପରାଧୀ ପ୍ରିନ୍ସ ସୁନା ନାଁରେ ମଧ ପୁଲିସ୍ ଏନ୍‌ଏସ୍‌ଏ ଲଗାଇଥିଲା।

# ବାପା ଓ ପୁଅଙ୍କୁ ହତ୍ୟା ଉଦ୍ୟମ ମାମଲା: ୨ କୋର୍ଟ ଚାଲାଣ



ହିଞ୍ଜିଳିକାଟୁ(ନି.ପ୍ର): ଗତ ୭ ତାରିଖ ଶୁକ୍ରବାର ରାତି ପ୍ରାୟ ୯ ଘଣ୍ଟା ସମୟରେ ହିଞ୍ଜିଳି ଥାନା ୫୯ ନଂ ଜାତୀୟ ରାଜପଥ ଖଣ୍ଡରା ଛକ ନିକଟରେ ଖଣ୍ଡରା ଗ୍ରାମ ନୂଆଁ ସାହି ବାସିନ୍ଦା ଫୁଲ ଚାଷୀ ଉଦ୍ଧବ ପାଢ଼ୀଙ୍କୁ ଜଣେ ଅଜଣା ଦୁର୍ବୃତ୍ତ ତାଙ୍କ ବାଇକକୁ ଅଟକାଇଥିଲା। ପରେ ଏକ ଧାରୁଆ ଅସ୍ତ୍ରରେ ଦୁର୍ବୃତ୍ତ ଜଣକ ଉଦ୍ଧବଙ୍କ ତଣ୍ଟିକୁ ବାରମ୍ବାର ଆକ୍ରମଣ କରିଥିଲା। ଘଟଣା ପରେ ଦୁର୍ବୃତ୍ତ ଜଣକ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାର ଦୁଇ ଦିନ ପରେ ଅର୍ଥାତ ରବିବାର ରାତ୍ରରେ ଉଦ୍ଧବଙ୍କ ପୁଅ ଓଁକାର ପାଢ଼ୀ ହିଞ୍ଜିଳିକାଟୁରୁ ବାଇକ ଧରି ଖଣ୍ଡରା ଫେରୁଥିବା ସମୟରେ ତାଙ୍କ ବାପାଙ୍କୁ ଆକ୍ରମଣ ହୋଇଥିବା ସ୍ଥାନରେ କିଛି ଦୁର୍ବୃତ୍ତ ତାଙ୍କୁ ଅଟକାଇ ଲଙ୍କା ଗୁଣ୍ଡ ପକାଇ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ କୌଶଳ କ୍ରମେ ସେ ସେଠାରୁ ଫେରି ହିଞ୍ଜିଳିକାଟୁ ଥାନାରେ ଅଭିଯୋଗ କରିଥିଲେ। ପରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଥାନାକୁ ଆଣି ପୁଲିସ ପଚରାଉଚରା କରିଥିଲା। ଘଟଣାର ଅନୁସନ୍ଧାନ ବେଳେ ପୁଲିସ, ଉଦ୍ଧବ ଓ ତାଙ୍କ ପୁଅ ଓଁକାରଙ୍କୁ ହତ୍ୟା ଉଦ୍ୟମ ମାମଲାରେ ୨ ଜଣ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଛି। ପୁଲିସ ବୁଧବାର ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଖଣ୍ଡରା ନୂଆଁ ସାହି ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ମୋହନ କଲୋନୀ-୨ ଲାଇନ ବାସିନ୍ଦା ଶଙ୍କର୍ଷଣ ପାଢ଼ୀ (୪୬) ଓ ହିଞ୍ଜିଳିକାଟୁ ପୌରାଞ୍ଚଳ ବାପୁଜୀ ନଗର ବାସିନ୍ଦା ବଳିଆ ଦାସ। ଏନେଇ ହିଞ୍ଜିଳି ଥାନା କେସ ନଂ ୫୪୨/୨୬ରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ପୁଲିସ ୨ଟି ମୋବାଇଲ ଫୋନ ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଶ୍ରୀନିବାସ ସେଠୀ କହିଛନ୍ତି।

# ୪୦ ଗ୍ରାମ ବ୍ରାଉନ୍ ସୁଗାର ଜବତ: ୨ ବେପାରୀ ଗିରଫ


କାକଟପୁର(ନିପ୍ର): ପୁରୀ ଜିଲ୍ଲା କାକଟପୁର ଥାନା ପୁଲିସ ନିଶାଦ୍ରବ୍ୟ ବିରୋଧରେ ଚଢ଼ଉ କରି ୪୦ ଗ୍ରାମ ବ୍ରାଉନ୍ ସୁଗର ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ଏହା ସହ ଏକ ହୁଣ୍ଡାଇ କାର, ୭ଟି ମୋବାଇଲ ଫୋନ୍ ଏବଂ ନଗଦ ୪୧ ହଜାର ଟଙ୍କା ଜବତ କରିଛି । କାକଟପୁର ଥାନା ପୁଲିସର ସୂଚନା ଅନୁଯାୟୀ, ଅଗଷ୍ଟ ୧୯ ତାରିଖ ସକାଳ ପ୍ରାୟ ୮ଟା ୩୦ ମିନିଟ ସମୟରେ ବିଶ୍ୱସ୍ତ ସୂଚନା ଆଧାରରେ ପ୍ରାଚୀ ନଦୀ ବ୍ରିଜ୍ ନିକଟ ବଲରା ଅଞ୍ଚଳରେ ପୁଲିସ ଚଢାଉ କରିଥିଲା। ସେଠାରେ ଏକ ଧଳା ରଙ୍ଗର ହୁଣ୍ଡାଇ କାର ସହ ଦୁଇ ଜଣ ବ୍ୟକ୍ତିଙ୍କୁ ସନ୍ଦେହଜନକ ଅବସ୍ଥାରେ ଅଟକାଇ ଯାଞ୍ଚ କରାଯାଇଥିଲା। ପୁଲିସ ସେମାନଙ୍କ ପରିଚୟ ପଚାରିବାରୁ ଜଣେ ଆସିକ ଖାନ (୨୩), ସୁଜାଗଡ଼ା, ଗୋପ ଥାନା ଅଞ୍ଚଳର ବାସିନ୍ଦା ଏବଂ ଅନ୍ୟଜଣ ମହମ୍ମଦ ଗୟାସ (୨୨), ନରସିଂହପୁର, ପିପିଲି ଥାନା ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଥିଲା। ପୁଲିସର ପଚରାଉଚରା ସମୟରେ ସେମାନେ କାକଟପୁର ଥାନା ଅଞ୍ଚଳରେ ନିଶାସକ୍ତ ବ୍ୟକ୍ତିମାନଙ୍କୁ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ସ୍ୱୀକାର କରିଥିବା ପୁଲିସ ପକ୍ଷରୁ କୁହାଯାଇଛି। ଚଢ଼ଉ ସମୟରେ ଏକ ଜରି ପଲିଥିନ ପ୍ୟାକେଟରୁ ୪୦ ଗ୍ରାମ ବ୍ରାଉନ୍ ସୁଗର, ଏକ ଧଳା ହୁଣ୍ଡାଇ କାର, ୭ଟି ମୋବାଇଲ ଫୋନ୍ ଏବଂ ୪୧,୦୦୦ ଟଙ୍କା ନଗଦ ଜବତ କରାଯାଇଥିଲା। ଏନେଇ କାକଟପୁର ଥାନାରେ କେସ୍ ନଂ-୨୯୫, ତାରିଖ ୧୯/୦୮/୨୦୨୬, ଆଇନର ଧାରା ୨୧(ବି)/୨୯ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଗଛରେ ପିଟିହେଲା କାର: ବର୍ତ୍ତିଲେ ୩ଜଣ



ପିପିଲି(ନିପ୍ର): ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ମଧ୍ୟମ ମଙ୍ଗଳପୁର ଛକର ଅନତି ଦୂରତା ବରଜୁ ପାଟଣା ଛକଠାରେ ଏକ ଫିଲିମ ଷ୍ଟାଇଲରେ କାର ଦୁର୍ଘଟଣା ହୋଇଛି । ଦୁର୍ଘଟଣାରେ କାର ଚାଳକ ସହିତ ଅନ୍ୟ ଦୁଇଜଣ ମୃତ୍ୟୁ ମୁଖରୁ ବର୍ତ୍ତୀ ଯାଇଥିବା ଦେଖଣାହାରି ମାନେ କହିଛନ୍ତି: ଉକ୍ତ କାର ଭୁବନେଶ୍ୱର ରୁ ପୁରୀ ଅଭିମୁଖେ ଆସୁ ଥିବା ବେଳେ ନିଜର ଭାରସାମ୍ୟ ହରାଇ ରାସ୍ତା ବାମ ପାର୍ଶ୍ୱକୁ ନୟନ ଜୋରକୁ ଫିଲିମ ଷ୍ଟାଇଲରେ ଉଡ଼ିକି ଯାଇ ଏକ ଗଛର ୨୦ ଫୁଟ ଉଚତାରେ ମାଡ଼ ହୋଇ ତଳକୁ ଖସି ଚୁରମାର ହୋଇଛି । ଦୁର୍ଘଟଣା ହେବା ଜାଣି ସ୍ଥାନୀୟ ଲୋକ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନା ପଠାଇଥିଲେ । ଏନେଇ ପିପିଲି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

# ୨୦ ହଜାର ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଲେ ବିପିଏମ



କଟକ(ନିପ୍ର): ଭିଜିଲାନ୍ସ ଜାଲରେ କୁଜଙ୍ଗ ମେଡିକାଲର ବିପିଏମ୍ ମନୋଜ ନାୟକ । ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ଜଣେ ଆଶା କର୍ମୀଙ୍କ ଆଧାର ଓ ସାର୍ଟିଫିକେଟରେ ଜନ୍ମ ତାରିଖ ମେଳ ଖାଉ ନଥିଲା । ଆଧାର କାର୍ଡ ଅନୁଯାୟୀ ସାର୍ଟିଫିକେଟର ଜନ୍ମ ତାରିଖ ଦୁଇ ବର୍ଷ କମ୍ ଥିଲା । ନିୟମ ଅନୁଯାୟୀ ସାର୍ଟିଫିକେଟରେ ଥିବା ଜନ୍ମ ତାରିଖ ହିସାବରେ ଚାକିରିରୁ ଅବସର ନେବା କଥା ଏବଂ ଆଧାରରେ ଜନ୍ମ ତାରିଖ ବଦଳାଇବା କଥା । ମାତ୍ର କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ବିପିଏମ ୨୦ ହଜାର ନ ଦେଲେ ଆଧାର କାର୍ଡ ଅନୁଯାୟୀ ଅବସରର କାଗଜ ପଠାଇ ଦେବେ ବୋଲି ଆଶା ଦିଦିଙ୍କୁ ଧମକ ଦେଉଥିଲେ । ଏ ନେଇ ଫତେପୁରର ଆଶା ଦିଦି ରିନା ଲେଙ୍କା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଗୁରୁବାର ଆଶା ଦିଦିଙ୍କ ଠାରୁ ୨୦ ହଜାର ଟଙ୍କାର ଲାଞ୍ଚ ନେଉଥିବା ବେଳେ ବିପିଏମ୍ ମନୋଜ ନାୟକଙ୍କୁ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ଧରିଛି । ଶ୍ରୀ ନାୟକଙ୍କ ଆୟ ବହିର୍ଭୁତ ସମ୍ପତ୍ତି ଠାବ ପାଇଁ ୨ଟି ସ୍ଥାନରେ ଚଢ଼ାଉ ଜାରି ରହିଛି।

# ଜଗତସିଂହପୁରରେ ୪.୯୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଜଗତସିଂହପୁର: ଜିଲା ଅବକାରୀ ସ୍କାର୍ଡ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀଙ୍କ ସୂଚନା ଅନୁସାରେ ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଗାଲୁପଡା ଗ୍ରାମର ଲିପକ ଦାସ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ନେଇ ସୂଚନା ମିଳିଥିଲା। ପୂର୍ବ ପ୍ରସ୍ତୁତି ଅନୁସାରେ ଅବକାରୀ ଟିମ୍ ସୋମନାଥ ହାଟ ରାସ୍ତାରେ ଚଢ଼ାଉ କରି ଲିପକ ନିକଟରୁ ୪୯ଗ୍ରାମ ବ୍ରାଉନ୍‌ସୁଗାର ଜବତ ସହ ଲିପକ କୁ ଗିରଫ କରାଯାଇଛି। ବ୍ରାଉନସୁଗାରର ଆନୁମାନିକ ମୁଲ୍ୟ ୪ଲକ୍ଷ୯୦ ହଜାର ଟଙ୍କା ହେବ। ଏହି ଚଢଉରେ ସବଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ, ଏଏସ୍‌ଆଇ କ୍ଷୀରୋଦ ସାହୁ, କନେଷ୍ଟବଳ ସୁକାନ୍ତ ମାଝି, ବିଶ୍ୱରଂଜନ ସ୍ୱାଇଁ, ଶୁଭଶ୍ରୀ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ । ବ୍ରାଉନସୁଗାର ବେପାରୀ ଲିପକ କୁମାର ଦାସକୁ କୋର୍ଟ ଗଲଣ କରାଯାଇଥିବା ଇନ୍ସପେକ୍ଟର ଶ୍ରୀ ଚୌଧୁରୀ ସୂଚନା ଦେଇଛନ୍ତି।

# ବଡ଼ ଭାଇଙ୍କୁ ଟାଙ୍ଗିଆରେ ହାଣିଲେ ସାନ ଭାଇ

ଭବାନୀପାଟଣା: କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମରେ ଗୁରୁବାର ଅପରାହ୍ନରେ ଏକ ଅଭାବନୀୟ ତଥା ରକ୍ତାକ୍ତ ଘଟଣା ସାମ୍ନାକୁ ଆସିଛି। ଭାତ ଖାଇବା ସମୟରେ ସାମାନ୍ୟ ବଚସାକୁ ନେଇ ସାନ ଭାଇ ଧରମୁ ଶବର (୩୨) ରାଗିଯାଇ ବଡ଼ ଭାଇ କୁଳମଣି ଶବର (୩୫)ଙ୍କୁ ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ପୋଲିସ ତୁରନ୍ତ ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ସାନ ଭାଇ ଧରମୁ ଶବରଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ଏହି ଘଟଣାରେ ଭବାନୀପାଟଣା ସଦର ଥାନାରେ ଏକ ମାମଲା (ନଂ-୩୪୫/୨୦୨୬) ରୁଜୁ ହୋଇଛି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଆଇଆଇସି ଚିତ୍ରସେନ ପ୍ରଧାନୀ ସୂଚନା ଦେଇଛନ୍ତି।

# ଚିଲିକାରୁ ୭୦୦ ଏକର ବେଆଇନ ଘେରି ଉଚ୍ଛେଦ



କୃଷ୍ଣପ୍ରସାଦ(ନିପ୍ର): ନୀଳାମ୍ବୁ ଚିଲିକାରୁ କିଛି ଦିନ ହେଲା ଘେରି ମୁକ୍ତ ଅଭିଯାନ ଆରମ୍ଭ ହୋଇଛି । ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୃଷ୍ଣପ୍ରସାଦ ତହସିଲ ଅଧିନ ଚିଲିକାରୁ ଘେରି ଉଚ୍ଛେଦ ଆରମ୍ଭ ହୋଇଛି । ତହସିଲ ପ୍ରଶାସନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ବେଆଇନ ଘେରି ଉଚ୍ଛେଦ ଆରମ୍ଭ ହୋଇଛି । ଗୁରୁବାର କୃଷ୍ଣପ୍ରସାଦ ରାଜସ୍ୱ ସର୍କଲ ଅଧିନ ଘିମୁଦା ଘାଟ ପେଣ୍ଠଠାରୁ ପାଞ୍ଚକୁଦି ପର୍ଯ୍ୟନ୍ତ ବାହାର ଚିଲିକା ଅଞ୍ଚଳରୁ ୭୦୦ ଏକର ଚିଲିକାରେ ହୋଇଥିବା ଜାଲ ବାଉଁଶ ଘେରିକୁ ପ୍ରଶାସନ ଉଚ୍ଛେଦ କରିଛି । ଘେରିରେ ବ୍ୟବହାର ହୋଇଥିବା ଜାଲ, କିଳା, ବାଉଁଶ ଆଦିକୁ ନିଆଁ ଲଗାଇ ନଷ୍ଟ କରାଯାଇଛି । ଏହି ଉଚ୍ଛେଦରେ କୃଷ୍ଣପ୍ରସାଦ ଅତିରିକ୍ତ ତହସିଲଦାର ବିକାଶ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ଜ ଜେସିବ ମେସିନ ସହିତ ୩୦ ଜଣ ଶ୍ରମିକଙ୍କୁ ନେଇ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି । ଶାନ୍ତି ଶୃଙ୍ଖଳା ଲାଗି କୃଷ୍ଣପ୍ରସାଦ ଥାନା ପକ୍ଷରୁ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ତହସିଲ ବଡ଼ବାବୁ କୁବେର ଜେନା, ରାଜସ୍ୱ ନିରୀକ୍ଷକ କୃଷ୍ଣପ୍ରସାଦ ଦିଲ୍ଲୀପ କୁମାର କିଶାନ, ରାଜସ୍ୱ ସୁପରଭାଇଜର ବିଜୟରାଜ ସାହୁ, କୃଷ୍ଣପ୍ରସାଦ ଥାନା ଏଏସଆଇ ସନ୍ତୋଷ କୁମାର ଉଦୟସିଂ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଜିପିଏସ ଅପରେଟର ବିଭୂତି ଭୂଷଣ ଡୋରା ଏକ୍ସାବେଟର ଅପେରଟର ଭାସ୍କର ଦାସ ପ୍ରମୁଖ ସହଯୋଗ କରିଥିଲେ । ଚିଲିକାକୁ ସମ୍ପୂର୍ଣ୍ଣ ଘେରିମୁକ୍ତ କରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ଜଣାପଡିଛି ।

# ଦୁର୍ବୃତ୍ତଙ୍କ ଗୁଳି ମାଡ଼ରେ ଯୁବକ ଗୁରୁତର

ଟାଙ୍ଗି: ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ପଟିଆ ପାଇକ ସାହିରେ ଗୁଳି ଫୁଟାଇ ଲୁଟ୍ । ଗୁଳି ଫୁଟାଇ ଲୁଟି ନେଇଗଲେ ଦାମୀ ବାଇକ। ଦୁର୍ବୃତ୍ତଙ୍କ ଗୁଳି ମାଡ଼ରେ ଯୁବକ ଗୁରୁତର ହୋଇ ପଡ଼ିଛନ୍ତି। ଗୁରୁତର ଯୁବକଙ୍କ ନାମ ପିଣ୍ଟୁ ନାୟକ, ବୟସ ୨୪ ବର୍ଷ । ଘର ନୟାଗଡ଼ ଜିଲ୍ଲା ପଟିଆ ପାଇକ ସାହି । ଗାଁ ନିକଟରେ ଥିବା ବନ୍ଧକୁ ପିଣ୍ଟୁ ଶୌଚ ହେବାକୁ ଯାଇଥିଲେ । ଏହି ସମୟରେ ଦୁର୍ବୃତ୍ତମାନେ ଗୋଟିଏ ବାଇକରେ ଆସି ଯୁବକ ଜଣକୁ ବାଇକ ଚାବି ମାଗିଥିଲେ। ପିଣ୍ଟୁ ବାଇକର ଚାବି ନ ଦେବାରୁ ସେମାନେ ପ୍ରଥମେ ଗୋଟେ ଗୋଡ଼କୁ ଗୁଳି କରିଥିଲେ । ଏହା ପରେ ବି ପିଣ୍ଟୁ ଚାବି ଦେଇନଥିଲେ। ତେଣୁ ଦୁର୍ବୃତ୍ତ ମାନେ ପିଣ୍ଟୁର ଆଉ ଗୋଟେ ଗୋଡ଼କୁ ଗୁଳି ମାରିଥିଲେ। ଏଥିରେ ଗୁରୁତର ହୋଇ ପଡ଼ିଥିଲେ ପିଣ୍ଟୁ। ଦୁର୍ବୃତ୍ତମାନେ ସେଠାରୁ ପିଣ୍ଟୁଙ୍କର ୟମାହା ବାଇକ ନେଇ ଚମ୍ପଟ ମାରିଥିଲେ । ପିଣ୍ଟୁଙ୍କର ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଁଚି ଚାନ୍ଦପୁର ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଁଚି ଘଟଣାର ତଦନ୍ତ କରୁଛି, ପିଣ୍ଟୁକୁ ଚାନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଛି । ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଚାନ୍ଦପୁର ପୋଲିସ ଦୁର୍ବୃତ୍ତଙ୍କର ଟେର ପାଇ ନାହିଁ।

### ସୂଚନା ଅଧିକାର କର୍ମୀଙ୍କୁ ଅପହରଣ ମାମଲା

# ମୁଖ୍ୟ ଅଭିଯୁକ୍ତ ଗିରଫ: କାର୍ ଜବତ



ପିପିଲି(ନିପ୍ର): ମଙ୍ଗଳବାର ଅପରାହ୍ନରେ ବଳଙ୍ଗା ଥାନା ଅନ୍ତର୍ଗତ କେତକୀ ପାଟଣା ଗ୍ରାମର ସୂଚନା ଅଧିକାର କର୍ମୀ ତଥା ବରିଷ୍ଠ ନାଗରିକ ନୃସିଂହ ପରିଡ଼ା ଅପହରଣ ମାମଲାରେ ପୋଲିସ ଜଙ୍କିଆ ଥାନା ରତାମାଟି ଗ୍ରାମରୁ ନୃସିଂହଙ୍କୁ ଉଦ୍ଧାର କରି ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ରତାମାଟି ଗ୍ରାମର ରଞ୍ଜନ ସାହୁ ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ଅପହରଣରେ ବ୍ୟବହୃତ କାରକୁ ଜବତ କରିଛି। ସୂଚନା ମୁତାବକ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମଙ୍ଗଳବାର ଅପରାହ୍ନରେ ଅଭିଯୁକ୍ତ ରଞ୍ଜନ ଓ କେତକୀ ପାଟଣା ଗ୍ରାମର ନାରାୟଣ ବରାଳ ଅନ୍ୟ ୮ଜଣ ଅଚିହ୍ନା ବ୍ୟକ୍ତିଙ୍କ ସହ ଆସି ନୃସିଂହଙ୍କ ଘରେ ଜୋର ଜବରଦସ୍ତି ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ନୃସିଂହଙ୍କୁ ୭ଲକ୍ଷ ଟଙ୍କା ମାଗିବା ସହ ତାଙ୍କୁ ମାଡ ମାରିଥିଲେ। ଫଳରେ ନୃସିଂହଙ୍କ ପତ୍ନୀ ସ୍ନେହଲତା ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମାଡମାରି ତାଙ୍କ ହାତ ଭାଙ୍ଗି ଦେଇଥିଲେ। ପରେ ଅଭିଯୁକ୍ତମାନେ ନୃସିଂହଙ୍କୁ ଘରୁ ଘୋଷାରି ଘୋଷାରି ସାଙ୍ଗରେ ଆଣିଥିବା କାର ଯୋଗେ କେଉଁଆଡେ ଅପହରଣ କରିନେଇଥିଲେ। ଘଟଣା ଦିନ ବିଳମ୍ବିତ ରାତିରେ ସ୍ନେହଲତା ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ବଳଙ୍ଗା ଥାନା ଆଇଆଇସି ସସ୍ମିତା ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଅଭିଯୁକ୍ତ ଘରେ ଚଢ଼ାଉ କରାଯାଇଥିଲା। ଚଢ଼ଉ ବେଳେ ଅଭିଯୁକ୍ତ ରଞ୍ଜନ ଫେରାର ହେବାକୁ ଚେଷ୍ଟା କରୁଥିଲା ବେଳେ ପୋଲିସ ଟିମ ତାକୁ ଚତୁରତାର ସହ କାବୁ କରିଥିଲା। ଏହୀ ମାମଲାରେ ଅନ୍ୟ ଅଭିଯୁକ୍ତ ମାନେ ଫେରାର ହୋଇଯାଇଥିବା ବେଳେ ଖୁବ୍‌ଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଶ୍ରମତୀ ସାହୁ କହିଛନ୍ତି।

### ନୂଆଁପଡ଼ା-ସୁବଳୟା ମୁଖ୍ୟ ରାସ୍ତାକଡ଼ରେ ମଦ ଦୋକାନ

# ଗର୍ଜିଲେ ମହିଳା ଓ ଗ୍ରାମବାସୀ

- ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଏସଏଚଜି ଗୋଷ୍ଠୀ ଓ ଅଞ୍ଚଳବାସୀ
- ଛାତ୍ରଛାତ୍ରୀ ଓ ମହିଳା ଅସୁରକ୍ଷିତ
- ବିଲବାଡ଼ିରେ ଭଙ୍ଗା ବୋତଲ ଯୋଗୁଁ ଗୋରୁଗାଈ ଆହତ




ସୋନପୁର(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଅନ୍ତର୍ଗତ ନୂଆଁପଡ଼ା-ସୁବଳୟା ମୁଖ୍ୟ ରାସ୍ତାକଡ଼ରେ ନୂତନ ଭାବେ ଖୋଲାଯାଇଥିବା ବିଦେଶୀ ମଦ ଦୋକାନକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ମଦ ଦୋକାନକୁ ତୁରନ୍ତ ସମ୍ପୂର୍ଣ୍ଣ ବନ୍ଦ କରିବା ଦାବିରେ ନୂଆଁପଡ଼ା ଗ୍ରାମର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଗ୍ରାମବାସୀ ଏକଜୁଟ ହୋଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜନବସତି ତଥା ମୁଖ୍ୟ ରାସ୍ତାକଡ଼ରେ ଏହି ମଦ ଦୋକାନ ଖୋଲିବା ଦିନଠାରୁ ଅସାମାଜିକ ବ୍ୟକ୍ତି ଓ ମଦ୍ୟପଙ୍କ ଉତ୍ପାତ ବୃଦ୍ଧି ପାଇଛି। ପ୍ରତିଦିନ ଏହି ରାସ୍ତା ଦେଇ ଶହ ଶହ ସ୍କୁଲ-କଲେଜ ଛାତ୍ରଛାତ୍ରୀ ଯାତାୟାତ କରୁଥିବା ବେଳେ ମହିଳାମାନେ ଚାଷକାମ ପାଇଁ ଜମିକୁ ଯାଇଥାନ୍ତି। ମାତ୍ର ମଦ୍ୟପମାନଙ୍କ ଅଶ୍ଳୀଳ ଇଙ୍ଗିତ, ଅଶାଳୀନ ଭାଷା ଓ ଅସାମାଜିକ ଆଚରଣ ଯୋଗୁଁ ଛାତ୍ରୀ ତଥା ମହିଳାମାନେ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। ଫଳରେ ଅଭିଭାବକମାନଙ୍କ ମନରେ ସବୁବେଳେ ଭୟ ଓ ଅସୁରକ୍ଷିତ ଭାବନା ଲାଗି ରହୁଛି। ପୂର୍ବରୁ ପିଲାମାନେ ଏକାକୀ ସ୍କୁଲକୁ ଯାଉଥିବା ବେଳେ ଏବେ ସୁରକ୍ଷା ଦୃଷ୍ଟିରୁ ଅଭିଭାବକମାନଙ୍କୁ ସାଙ୍ଗରେ ଯିବାକୁ ପଡୁଛି। ଏହା ବ୍ୟତୀତ ମଦ୍ୟପମାନେ ମଦ ପିଇବା ପରେ ଖାଲି କାଚ ବୋତଲଗୁଡ଼ିକୁ ଚାଷଜମି ଓ ରାସ୍ତାକଡ଼ରେ ଫିଙ୍ଗି ଭାଙ୍ଗି ଦେଉଛନ୍ତି। ଏହି ଭଙ୍ଗା କାଚ ବୋତଲ ଯୋଗୁଁ ଚାଷକାର୍ଯ୍ୟ କରୁଥିବା ଲୋକଙ୍କ ସମେତ ଗାଈଗୋରୁ ଏବଂ ଛେଳିମେଣ୍ଢା ମଧ ଗମ୍ଭୀର ଭାବେ ଖଣ୍ଡିଆ-ଖାବରା ହୋଇ କ୍ଷତିଗ୍ରସ୍ତ ହେଉଛନ୍ତି। ପୂର୍ବରୁ ଏ ସମ୍ପର୍କରେ ଅବକାରୀ ବିଭାଗକୁ ଜଣାଯାଇଥିଲେ ହେଁ ବିଭାଗ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଅଞ୍ଚଳର ଶାନ୍ତିଶୃଙ୍ଖଳା ଓ ଜନଜୀବନର ସୁରକ୍ଷା ପାଇଁ ଏହି ମଦ ଦୋକାନକୁ ତୁରନ୍ତ ବନ୍ଦ କରାନଗଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଯୁବକଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର

ବଲାଙ୍ଗୀର: ବଲାଙ୍ଗୀର ଦେଓଗାଁ ଥାନା ଅଞ୍ଚଳରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ବଗଡା ଗ୍ରାମ ସ୍କୁଲ ନିକଟରେ ଏକ ପୋଖରୀରୁ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର ହୋଇଛି । ପୋଖରୀ ପାଣିରେ କେବଳ ଶରୀର ଭାସୁଥିବା ବେଳେ ମୁଣ୍ଡ ନ ଥିବା ଦେଖାଯାଇଛି। ମୁଣ୍ଡ ବିହୀନ ଶବ ଭାସୁଥିବା ଖବର ପ୍ରକାଶ ପାଇବା ପରେ ଦେଓଗାଁ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ଅଗ୍ନିଶମ ବିଭାଗ ପାଣି ଭିତରେ ଭାସୁଥିବା ଶବକୁ ଉଦ୍ଧାର କରିଛି । ଅଗ୍ନିଶମ ବିଭାଗର ଏକ ଟିମ୍ ପୋଖରୀ ପାଣିରେ ମୁଣ୍ଡ ଖୋଜୁଥିବା ଦେଖାଦେଇଛି । ଘଟଣାକୁ ନେଇ ଦେଓଗାଁ ପୋଲିସ ତଦନ୍ତ ଆରମ୍ଭ କରିଛି । ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚିବା ପରେ ଅଧିକ ତଦନ୍ତ ହେବ ବୋଲି ଜଣାପଡ଼ିଛି । ତେବେ ମୁଣ୍ଡ ବିହୀନ ମୃତଦେହର ପରିଚୟ ମିଳିପାରି ନାହିଁ।

# ପୁଅକୁ ତଣ୍ଟି ଚିପି ହତ୍ୟା କଲା ବାପା !

କେନ୍ଦ୍ରାପଡ଼ା: ବୋହୂ ସହ ଶ୍ୱଶୁରଙ୍କର ଥିଲା ପାପ ସମ୍ପର୍କ । ଦେଖି ଦେଇ ପ୍ରତିବାଦ କରିବାରୁ ପୁଅକୁ ତଣ୍ଟି ଚିପି ହତ୍ୟା କଲା ବାପା । ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବାକୁ ଯାଇ ମୃତଦେହକୁ ପଙ୍ଖାରେ ଝୁଲାଇ ଦିଆଯାଇଛି । ଶଶୁର-ବୋହୂଙ୍କ ସହ ପରିବାରର ଅନ୍ୟ ସଦସ୍ୟମାନେ ଏହି ହତ୍ୟାକାଣ୍ଡରେ ସାମିଲ ଥିବା ଭଳି ସଙ୍ଗିନ ଅଭିଯୋଗ ବି ଉଠିଛି । କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅଧୀନ ଡେରାବିଶ ବ୍ଲକ୍ ଅନ୍ତର୍ଗତ ଏକ ଗ୍ରାମରୁ ଏଭଳି ଏକ ସ୍ପର୍ଶକାତର ଅଭିଯୋଗ ସାମ୍ନାକୁ ଆସିଛି, ଯାହା ଅଞ୍ଚଳରେ ଆଲୋଡ଼ନ ଖେଳାଇଛି । ଅଭିଯୋଗରୁ ପ୍ରକାଶ, ମୃତକଙ୍କ ବାପା ନିଜ ବୋହୂଙ୍କ ସହ ଦୀର୍ଘ ଦିନ ହେବ ପାପ ସମ୍ପର୍କରେ ଥିଲେ । କଥା ପୁଅ କାନକୁ ଯିବା ପରେ ଦମ୍ପତିଙ୍କ ମଧ୍ୟରେ ବହୁବାର ପାଟିତୁଣ୍ଡ ହୋଇଛି । ପୁଅ ଏଥିପାଇଁ ପତ୍ନୀଙ୍କୁ ଆକଟ କରିଥିଲେ । ପାପ ସମ୍ପର୍କରୁ ଦୂରେଇ ରହିବା ପାଇଁ ତାଗିଦ୍ କରିଥିଲେ । ହେଲେ କିଛି ଫରକ ପଡ଼ିନଥିଲା । ଶଶୁର-ବୋହୂ ଦୁହେଁ ପୂର୍ବବତ୍ ମିଳାମିଶା କରିଥିଲେ । ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ଉଭୟ ଅଂସଯତ ଅବସ୍ଥାରେ ଥିବା ବେଳେ ପୁଅ ଏହା ଦେଖି ପ୍ରତିବାଦ କରିଥିଲେ । ଏହାକୁ ନେଇ ପାଟିତୁଣ୍ଡ ହୋଇଥିଲା । ବାପା ରାଗିଯାଇ ପୁଅକୁ ମାରିଦେବାକୁ ପଛାଇ ନଥିଲା । ନିଜ ହାତରେ ପୁଅର ତଣ୍ଟି ଚିପି ହତ୍ୟା କରିବା ପରେ ଘରେ ଥିବା ପଙ୍ଖାରେ ଝୁଲାଇ ଦେଇଥିଲା । ଏଥିରେ ମୃତକଙ୍କ ପତ୍ନୀ ଓ ପରିବାରର ଅନ୍ୟ ସଦସ୍ୟଙ୍କ ହାତ ରହିଥିବା ଅଭିଯୋଗ ଉଠିଛି । ତେବେ ରିପୋର୍ଟ ଲେଖା ହେବା ସୁଦ୍ଧା ବିଳମ୍ବିତ ରାତିଯାଏ ଥାନାରେ ଏ ସଂକ୍ରାନ୍ତରେ କୌଣସି ଅଭିଯୋଗ ହୋଇନାହିଁ । ମାମଲାକୁ ରଫାଦଫା କରିବା ପାଇଁ ଉଦ୍ୟମ ଚାଲିଥିବା ସୂଚନା ମିଳିଛି ।

